ଧରିତ୍ରୀ 52 Years

ପୃଷ୍ଠା–୮+୬

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୪/୨୦୨୬ (୮+୬=୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 24/2026 Page 14 ₹ 7.00 | SAMBALPUR

୫୨ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 62 ମୂଲ୍ୟ₹୭/-




କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂସ୍କୃତି ଭବନଠାରେ ଶୁକ୍ରବାର ଆୟୋଜିତ ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ହେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। (ରିପୋର୍ଟ: ପୃଷ୍ଠା–୪)

# ୧ ଡଲାର=୯୨ ଟଙ୍କା

## ଜାନୁଆରୀରେ ୨% ଦୁର୍ବଳ ହେଲାଣି ଭାରତୀୟ ମୁଦ୍ରା

**ଆମେରିକୀୟ ମୁଦ୍ରା ଡଲାର ଆଗରେ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଶୁକ୍ରବାର କାରବାର ବେଳେ ଭାରତୀୟ ମୁଦ୍ରା ପୁଣି ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୨ ଟଙ୍କାକୁ ଖସିବା ପରେ ୯୧.୯୯ରେ ସ୍ଥିର ରହିଛି। ଦୁର୍ବଳ ଘରୋଇ ବଜାର ସାଙ୍ଗକୁ ବିଦେଶୀ ପାଣ୍ଠିର ନିର୍ଗମନକୁ ଏଥିପାଇଁ ଦାୟୀ କରାଯାଉଛି। ବଜାରରେ ନକାରାତ୍ମକ ଟ୍ରେଣ୍ଡ୍ ଜାରି ରହିଲେ ନିବେଶକଙ୍କ ସେଣ୍ଟିମେଣ୍ଟ ଅଧିକ ପ୍ରଭାବିତ ହେବା ସହ ଟଙ୍କାର ଦୁର୍ବଳତା ଆହୁରି ବଢ଼ିପାରେ ବୋଲି ଫରେକ୍ସ ଟ୍ରେଡର୍ସ ସତର୍କ କରାଇଛନ୍ତି।**

**ମୁମ୍ବାଇ,୨୩।୧**

ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଶୁକ୍ରବାର କାରବାର ଆରମ୍ଭ ବେଳେ ଟଙ୍କା ତଳମୁହାଁ ହୋଇ ପୁଣି ଏକ ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ବିଦେଶୀ ପାଣ୍ଠିଗୁଡ଼ିକରୁ ସେଲିଂ ପ୍ରେସର ଓ ବୈଶ୍ୱିକ ବଜାରରେ ରିସ୍କ ସେଣ୍ଟିମେଣ୍ଟ ଦୃଢ଼ୀଭୂତ ହେବାରେ ଲାଗିଥିବାବେଳେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୧.୯୯ ଟଙ୍କାକୁ ଖସିଛି। ଇରାନ୍ ଉପରେ ଆମେରିକାର ସମ୍ଭାବ୍ୟ ଆକ୍ରମଣ ଯୋଗୁ କ୍ରୁଡ୍ ଅଏଲ୍ ଦର ପୁଣି ବଢ଼ିଥିବାବେଳେ ୟୁଏସ୍ ଟ୍ରେଜେରିର ମଜଭୁତ ଲାଭ ହାସଲ କରିବା ଏହାର ଅନ୍ୟତମ କାରଣ ବୋଲି ମନେକରାଯାଉଛି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୯୧.୪୫ରେ ଖୋଲିଥିଲା। ପରେ ୯୧.୪୧କୁ ଉଠି ପୁଣି ଅଲ୍-ଟାଇମ୍ ଇଣ୍ଟ୍ରାଡେ ଲୋ'କୁ ସ୍ପର୍ଶ କରିଥିଲା। ସେତେବେଳେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨ ଟଙ୍କାକୁ ଖସିଯାଇଥିଲା, ଯାହାକି ଅଦ୍ୟାବଧି ଏହାର ସର୍ବକାଳୀନ ଦୁର୍ବଳତା। କାରବାର ଶେଷରେ ଗୁରୁବାରର କ୍ଲୋଜିଂଠାରୁ ୩୦ ପଇସା ଦୁର୍ବଳତା ସହ ୯୧.୮୮ରେ ରହିଥିଲା। ଏହି ପୃଷ୍ଠଭୂମିରେ ଦେଖିଲେ କେବଳ ଚଳିତ ଜାନୁଆରୀରେ ଭାରତୀୟ ମୁଦ୍ରା ୨%ରୁ ଊର୍ଦ୍ଧ୍ୱ ଅର୍ଥାତ୍ ୨ ଟଙ୍କା ଦୁର୍ବଳ ହେଲାଣି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ଭାରତୀୟ ପୁଞ୍ଜିବଜାରରୁ ମୁହଁ ଫେରାଇ ନେଉଥିବାବେଳେ ଗ୍ଲୋବାଲ ମାର୍କେଟରେ ରିସ୍କ ସେଣ୍ଟିମେଣ୍ଟ ଯୋଗୁ ସେଲିଂ ପ୍ରେସର ବଢ଼ିଛି। ଅପରପକ୍ଷେ ଆମେରିକୀୟ ଡଲାରର ଚାହିଦା ବଢ଼ିଚାଲିଛି। ଏହି ଧାରା ଲାଗିରହିଲେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ ବୋଲି ମିରାଏ ଆସେଟ୍ ଶେୟାରଖାନ୍ ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଏଭଳି ସ୍ଥିତିରେ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଯେପରି ହସ୍ତକ୍ଷେପ କରାଯିବା ଦରକାର, ସେପରି କରାଯାଉ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

ଟଙ୍କା ଦୁର୍ବଳ ହେବାର ପ୍ରଭାବ ଶେୟାର ମାର୍କେଟ ଉପରେ ମଧ୍ୟ ପଡ଼ିଛି। ଶୁକ୍ରବାର ଟ୍ରେଡିଂ ସେସନ୍‌ରେ ସେନ୍‌ସେକ୍ସ ୭୬୯ ପଏଣ୍ଟ (–୦.୯୪%) ତଳକୁ ଖସି ୮୧,୫୩୭ରେ ରହିଛି। ସେହିପରି ନିଫ୍ଟି୫୦ ମଧ୍ୟ ୨୪୧ ପଏଣ୍ଟ (–୦.୯୫%) ନିମ୍ନଗାମୀ ହୋଇ ୨୫,୦୪୮ରେ ରହିଛି। ଫଳରେ ନିବେଶକମାନେ ଦିନକ ଭିତରେ ୭ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବଜାର ସହ ଟଙ୍କାର ମୂଲ୍ୟ ଖସୁଥିବାବେଳେ ☞ପୃଷ୍ଠା–୪

# ପିଏମ୍–ସ୍ୱନିଧି ଋଣ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେଲା ଓଡ଼ିଶା

## ହିତାଧିକାରୀଙ୍କୁ ଋଣ, କ୍ରେଡିଟ୍ କାର୍ଡ ବାଣ୍ଟିଲେ ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,୨୩।୧ (ବନ୍ଦନା ସେଠୀ)**

'ପିଏମ୍–ସ୍ୱନିଧି' ଋଣ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେଲା ଓଡ଼ିଶା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୃଷି ଭବନଠାରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପିଏମ–ସ୍ୱନିଧି ଋଣ ଓ କ୍ରେଡିଟ୍ କାର୍ଡ ବଣ୍ଟନ କରିଥିଲେ। ଏଥିସହ ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହୋଇଥିବା ଦୁଇଜଣ ମହିଳାଙ୍କ ସମେତ ମୋଟ ତିନିଜଣ ସଫଳ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୋଜନା ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଲେ, ଏହି ଯୋଜନାରେ ବିନା ବନ୍ଧକରେ ପ୍ରଥମେ ୧୫,୦୦୦ ଟଙ୍କା ଏବଂ ପରେ ଠିକ୍ ସମୟରେ ଋଣ ପରିଶୋଧ କଲେ ୨୫,୦୦୦ ଓ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ମିଳିବାର ବ୍ୟବସ୍ଥା ରହିଛି। ନୂତନ ଭାବେ ଆରମ୍ଭ ହୋଇଥିବା କ୍ରେଡିଟ୍ କାର୍ଡ ଦ୍ୱାରା ବ୍ୟବସାୟୀମାନେ ନମନୀୟ ଋଣ ସୁବିଧା ପାଇପାରିବେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୧୦,୧୨୮ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ଏହାଦ୍ୱାରା ୧.୧୦ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଓଡ଼ିଶାରେ ଏହି ଯୋଜନାକୁ ଅନ୍ୟ ୮ଟି ସାମାଜିକ କଲ୍ୟାଣକାରୀ ଯୋଜନା ସହ ମିଶ୍ରଣ କରାଯାଇଛି। ଏଥିମଧ୍ୟରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (୧୨,୩୯୧ ଜଣ), ଜୀବନ ଜ୍ୟୋତି ବୀମା ଯୋଜନା (୬,୪୨୧ ଜଣ), ଜନ–ଧନ ଯୋଜନା (୧,୩୮୭ ଜଣ) ସମେତ 'ୱାନ ନେଶନ୍ ୱାନ୍ ରାଶନ କାର୍ଡ', ଶ୍ରମ ଯୋଗୀ ମାନଧନ ଯୋଜନା ଏବଂ ପିଏମ୍‌ଏୱାଇର ଶତ ପ୍ରତିଶତ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ରାସ୍ତାକଡ଼ ବିକ୍ରେତାମାନେ ସହରାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ। ସେମାନେ ଶସ୍ତାରେ ସାମଗ୍ରୀ ଯୋଗାଇବା ସହ ବ୍ୟାପକ ଆତ୍ମନିଯୁକ୍ତି ସୃଷ୍ଟି କରୁଛନ୍ତି। ପିଏମ୍–ସ୍ୱନିଧି ଯୋଜନା କେବଳ ସେମାନଙ୍କ ଜୀବିକା ନୁହେଁ, ବରଂ ସେମାନଙ୍କ ସମ୍ମାନ, ଆତ୍ମବିଶ୍ୱାସ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରୁଛି ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜିର ସମ୍ପାଦକୀୟ** ପ୍ରୋତ୍ସାହନ ଆବଶ୍ୟକ







## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସାମିଲ ହେବାକୁ ଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। (ଫଟୋ- ଚମନ ଗୌତମ)

# ମୁମ୍ବାଇରେ ମହିଳା ହେବେ ମେୟର

ମୁମ୍ବାଇ,୨୩।୧

ବ୍ରିହନ୍‌ମୁମ୍ବାଇ ମହାନଗର ନିଗମର ପରବର୍ତ୍ତୀ ମେୟର ସାଧାରଣ ବର୍ଗର ଜଣେ ମହିଳା ହେବେ। ଗୁରୁବାର ଲଟେରି ଉଠାଣ ପରେ ଏହା ସ୍ପଷ୍ଟ ହୋଇଛି। ତେବେ ଶାସକ ଭାଜପା ଏବଂ ଶିବସେନା (ଶିନ୍ଦେ ଗୋଷ୍ଠୀ)କୁ ସୁହାଇବା ପାଇଁ ଲଟେରି ପ୍ରକ୍ରିୟାରେ ଏପରି ଫିକ୍ସିଂ କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି।

ଏସିଆର ସବୁଠୁ ଧନୀ ମହାନଗର ନିଗମ ବିଏମ୍‌ସି ନିର୍ବାଚନ ଜାନୁଆରୀ ୧୫ରେ ଅନୁଷ୍ଠିତ ହୋଇଥିଲା। ୨୨୭ ଆସନ ବିଶିଷ୍ଟ ବିଏମ୍‌ସି ଦଖଲ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୧୧୪। ଭାଜପାକୁ ୮୯ ଆସନରେ ସଫଳତା ମିଳିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୨୯ ଆସନରେ ବିଜୟୀ ହୋଇଛି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ୬୫ ଆସନରେ ସୀମିତ ରହିଛି। ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗର ଜଣେ ମହିଳା ମେୟର ହେବେ ବୋଲି ଉଦ୍ଧବଙ୍କ ଦଳ ଆଶା କରିଥିଲା। କିନ୍ତୁ ଲଟେରି ଉଠାଣ ପରେ ମୁମ୍ବାଇର ମେୟର ପଦ ମଣ୍ଡନ କରିବା ନେଇ ଶିବସେନା (ୟୁବିଟି)ର ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ଲଟେରି ଫଳାଫଳ ଅନୁସାରେ ମହାରାଷ୍ଟ୍ରର ଅନ୍ୟ ୮ ମହାନଗର ନିଗମ ପୁଣେ, ଧୂଳେ, ନାନ୍ଦେଡ୍-ୱାଘଲା, ନଭି ମୁମ୍ବାଇ, ମାଲେଗାଓଁ, ମୀରା-ଭୟନ୍ଦର, ନାଗପୁର ଓ ନାଶିକରେ ମଧ୍ୟ ସାଧାରଣ ବର୍ଗର ମହିଳା ମେୟର ହେବେ। ମେୟରମାନେ କର୍ପୋରେଟରଙ୍କ ଜରିଆରେ ନିର୍ବାଚିତ ହୁଅନ୍ତି। କିନ୍ତୁ ସାଧାରଣ ବର୍ଗ କିମ୍ବା ମହିଳା, ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଅଥବା ଅନ୍ୟ ପଛୁଆ ବର୍ଗ (ଓବିସି)ରୁ ମେୟର କରାଯିବା ନେଇ ପ୍ରଥମେ ଲଟେରି କରାଯାଇଥାଏ। ଏହି କାଟାଗୋରି ନିର୍ଦ୍ଧାରିତ ହେବା ପରେ ଯୋଗ୍ୟ କର୍ପୋରେଟରମାନେ ନିଜ ନାମାଙ୍କନପତ୍ର ଦାଖଲ କରନ୍ତି। ନାମାଙ୍କନ ଶେଷ ହେବା ପରେ ମ୍ୟୁନିସିପାଲ କର୍ପୋରେଶନ୍‌ର ଏକ ସ୍ୱତନ୍ତ୍ର ବୈଠକରେ ମେୟର ନିର୍ବାଚନ କରାଯାଇଥାଏ। ସମ୍ବିଧାନର ୭୪ତମ ସଂଶୋଧନ ଅନୁଯାୟୀ ରୋଟେଶନ୍‌ଭିତ୍ତିରେ ବିଭିନ୍ନ ବର୍ଗକୁ ସୁଯୋଗ ମିଳିଥାଏ। ଏନେଇ ଶିବସେନା ୟୁବିଟିର ପୂର୍ବତନ ବିଏମ୍‌ସି ମେୟର କିଶୋରୀ ପେଡ୍‌ନେକର କହିଛନ୍ତି, ଶାସକ ମେଣ୍ଟକୁ ସୁବିଧା ଦେବା ପାଇଁ ସଂରକ୍ଷଣ ପ୍ରକ୍ରିୟାରେ ଜାଲିଆତି କରାଯାଇଛି। ଏସ୍‌ଟି ବର୍ଗ ପାଇଁ ଏହି ଆସନ ସଂରକ୍ଷିତ ଥିବାବେଳେ ସରକାର ନିୟମକୁ ବଦଳାଇଦେଇଛନ୍ତି। ଆମ ଦଳରେ ଏସ୍‌ଟି ବର୍ଗର ୨ କର୍ପୋରେଟର ଥିବାରୁ ଜାଣିଶୁଣି ଏପରି କରାଯାଇଛି ବୋଲି ସେ ସମାଲୋଚନା କରିଛନ୍ତି।

# ମଧ୍ୟପ୍ରାଚ୍ୟ ମୁହାଁ ଆର୍ମଡା

**ଇରାନ୍‌ରେ ଦେଶବ୍ୟାପୀ ଘାତକ ଆନ୍ଦୋଳନ ଜାରି ରହିଥିବାବେଳେ ଆମେରିକାର କଡ଼ା ଆଭିମୁଖ୍ୟ ବର୍ତ୍ତମାନ ତେହରାନ୍ ଓ ୱାଶିଂଟନ୍‌କୁ ମୁହାଁମୁହିଁ ଅବସ୍ଥାକୁ ନେଇଆସିଛି। ତେବେ ଆମେରିକା ପଟୁ ଆକ୍ରମଣ ହେଲେ ତେହରାନ୍ ଏହାର କଡ଼ା ଜବାବ ଦେବ ବୋଲି ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ସିଧା ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ୍ ପ୍ରଶାସନ ଇରାନ୍ ସହ ଆଲୋଚନା କରି କୌଣସି ପ୍ରକାର ସାଲିସ କରିବା ମୁଡ୍‌ରେ ନାହିଁ। ଇତିମଧ୍ୟରେ ଆମେରିକା ସାମରିକ ସ୍ତରରେ ଇରାନ୍‌କୁ ଘେରିବା ଉଦ୍ୟମ ଆରମ୍ଭ କରିଛି। ଭୂରାଜନୈତିକ ଉତ୍ତେଜନା ଓ ସମ୍ଭାବ୍ୟ ସଂଘର୍ଷ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତୈଳ ଦର ପୁଣି ବଢ଼ିଯାଇଛି।**



## ଇରାନ୍‌କୁ ଘେରୁଛି ଟ୍ରମ୍ପ୍‌ଙ୍କ ସେନା

ୱାଶିଂଟନ୍/ତେହରାନ୍,୨୩।୧

ଇରାନ୍‌ର ବିପର୍ଯ୍ୟସ୍ତ ଅର୍ଥନୀତି ଓ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବେପରୁଆ ଶାସନ ବିରୋଧରେ ୨୦୨୫ ଡିସେମ୍ବର ଶେଷଭାଗରୁ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନରେ ଅଦ୍ୟାବଧି ୫,୦୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଆକ୍ଟିଭିଷ୍ଟଙ୍କ ମତରେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ। ଇଣ୍ଟରନେଟ୍ ଶଟ୍‌ଡାଉନ୍ ତୃତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଇରାନ୍‌ରେ ଯାହା ସବୁ ଘଟୁଛି, ସେନେଇ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରୁ ନାହିଁ। ଇରାନ୍‌କୁ ଘେରିବା ପାଇଁ ଆମେରିକାର ଆର୍ମଡା ଯୁଦ୍ଧଜାହାଜ ଓ ଏକ ଏୟାରକ୍ରାଫ୍ଟ ମଧ୍ୟପ୍ରାଚ୍ୟର ନିକଟତର ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ୍ ତେହରାନ୍‌କୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ଆକ୍ରମଣକୁ ଏଡ଼ାଇଆସିଛନ୍ତି। ଏହା ୱାଶିଂଟନ୍‌ର ଏକ ଚାପ କୌଶଳ ହୋଇଥାଇପାରେ। କିନ୍ତୁ ଆମେରିକୀୟ ସେନା ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରିବା ବିକଳ୍ପ ଉପରେ ଖୁବ୍‌ଶୀଘ୍ର କିଛି ନିଷ୍ପତ୍ତି ହୋଇପାରେ ବୋଲି ମନେକରାଯାଉଛି। ଦେଖିବାକୁ ଗଲେ ସାମରିକ ଛକାପଞ୍ଝା, କୂଟନୈତିକ ନୀରବତା ଓ ଅର୍ଥନୈତିକ ପ୍ରଭାବ ସମ୍ପ୍ରତି ବିଶ୍ୱର ସବୁଠୁ ଶକ୍ତିଶାଳୀ ଆମେରିକା ଓ ଇସ୍‌ଲାମିକ୍ ରାଷ୍ଟ୍ର ଇରାନ୍‌କୁ ପୁଣିଥରେ ସାମ୍ନାସାମ୍ନି କରାଇଛି।

ଇରାନ୍‌ରେ ସରକାର ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ତେହରାନ୍ ନେଉଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଦେଖି ଆମେରିକା ଆନ୍ଦୋଳନକାରୀଙ୍କୁ ସାହାଯ୍ୟର ହାତ ବଢ଼ାଇବ ବୋଲି କହିଥିଲା। ଏପରି କି ଆମେରିକାର ଆବ୍ରାହମ୍ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ଦକ୍ଷିଣ ଚାଇନା ସାଗରରୁ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଗତ ସପ୍ତାହରେ ଇରାନ୍ ସରକାର ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳାକୁ ବନ୍ଦ କରୁଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯିବା ପରେ ରିପବ୍ଲିକାନ୍ ରାଷ୍ଟ୍ରପତି ଟ୍ରମ୍ପ୍ ନିଜ ଏୟାର ଷ୍ଟ୍ରାଇକ୍ ଚେତାବନୀରୁ ଓହରିଯାଇଥିଲେ। ଶୁକ୍ରବାର ଟ୍ରମ୍ପ୍ ଏହା ଉପରେ ପୁଣି ପ୍ରତିକ୍ରିୟା ରଖି ନିଜ ମତ ବଦଳାଇଛନ୍ତି। ଇରାନ୍ ବିରୋଧରେ ସାମରିକ ପ୍ରସ୍ତୁତି ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍) ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଫେରିବାବେଳେ ଏୟାରଫୋର୍ସ ୱାନ୍‌ରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ଆମେ ଇରାନ୍‌କୁ ଅନୁଧ୍ୟାନ କରୁଛୁ। ଉପସାଗରୀୟ ଅଞ୍ଚଳ ଆଡ଼କୁ ଅନେକ ଯୁଦ୍ଧଜାହାଜ ମୁହାଁଇଛି। ଇରାନ୍ ଆଡ଼କୁ ଆମର ଏକ ବଡ଼ ଶକ୍ତି ଯାଉଛି। ବୃହତ୍ ଯୁଦ୍ଧଜାହାଜ ଆର୍ମଡା ସେପଟକୁ ଯାଉଛି, ତେବେ ଏହାର ବ୍ୟବହାର ଆବଶ୍ୟକ ହୋଇ ନ ପାରେ। ୮୩୭ ବିକ୍ଷୋଭକାରୀଙ୍କୁ ଇରାନ୍ ଫାଶୀ ଦେଲେ ସ୍ଥିତି ଭୟାବହ ହେବ। ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ବିକଳ୍ପ ଖୋଲା ଅଛି ବୋଲି ସେ କହିଛନ୍ତି। ୨୦୨୫ ଜୁନ୍‌ରେ ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାବେଳେ ଏହି ୧୨ ଦିନିଆ ଯୁଦ୍ଧରେ ନେତାନ୍ୟାହୁଙ୍କ ସେନାକୁ ଆମେରିକା ସାହାଯ୍ୟ କରିଥିଲା। ତେଣୁ ଇରାନ୍ ଉପରେ ଆମେରିକା ପୁଣି ଆକ୍ରମଣ କରିବା ଆଶଙ୍କା ଘନୀଭୂତ ହୋଇଛି।

# ବଜେଟ ଅଧିବେଶନରେ ଉଠିବ ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରସଙ୍ଗ: ଖାର୍ଗେ

ନୂଆଦିଲ୍ଲୀ,୨୩।୧

ଆସନ୍ତା ୨୮ରେ ଆରମ୍ଭ ହେବାକୁ ଥିବା ସଂସଦର ବଜେଟ ଅଧିବେଶନରେ କଂଗ୍ରେସ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆଇଜିଏ) ପ୍ରସଙ୍ଗ ଉଠାଇବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀର ଜବାହରଭବନରେ ରଚନାତ୍ମକ କଂଗ୍ରେସ ପକ୍ଷରୁ ଆୟୋଜିତ ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ ସମ୍ମିଳନୀକୁ ସମ୍ବୋଧିତ କରି ଖାର୍ଗେ କହିଛନ୍ତି, ଉକ୍ତ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ପଛର ଉଦ୍ଦେଶ୍ୟ ହେଉଛି ଜନମାନସରୁ ତାଙ୍କ ନାମକୁ ଲିଭାଇବା ଏବଂ ଗ୍ରାମ ସ୍ୱରାଜର ଧାରଣାକୁ ଦୁର୍ବଳ କରିବା। କେନ୍ଦ୍ର ସରକାର ଯେପରି ନୂଆ ଆଇନକୁ କାର୍ଯ୍ୟକାରୀ କରିପାରିବେ ନାହିଁ ସେଥିଲାଗି ଲୋକେ ଏକଜୁଟ ହେବା ଜରୁରୀ ବୋଲି ଖାର୍ଗେ ଆହ୍ୱାନ ଦେଇଛନ୍ତି। ଭିବି-ଜି ରାମ ଜି ଆଇନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# କ୍ରୋଏସିଆ ଭାରତୀୟ ଦୂତାବାସରେ ଖଲିସ୍ତାନୀଙ୍କ ଭଙ୍ଗାରୁଜା

ନୂଆଦିଲ୍ଲୀ,୨୩।୧

କ୍ରୋଏସିଆ ରାଜଧାନୀ ଜଗରେବ୍‌ସ୍ଥିତ ଭାରତୀୟ ଦୂତାବାସରେ ଗୁରୁବାର ଖଲିସ୍ତାନୀ ସମର୍ଥକମାନେ ଅନୁପ୍ରବେଶକରି ଭଙ୍ଗାରୁଜା କରିଛନ୍ତି। ଏପରି କି ସେମାନେ ସେଠାରେ ଲାଗିଥିବା ଭାରତର ଜାତୀୟ ପତାକାକୁ ହଟାଇ ଖଲିସ୍ତାନୀ ପତାକା ଲଗାଇଥିଲେ। ଦୂତାବାସ ଅଫିସ କାନ୍ଥରେ ଭାରତ ବିରୋଧୀ ସ୍ଲୋଗାନ ଲେଖିଥିଲେ। ଆଗକୁ ସାଧାରଣତନ୍ତ୍ର ଦିବସ ପାଳନ ହେବାକୁ ଥିବାବେଳେ ଏହାକୁ ଖଲିସ୍ତାନୀଙ୍କ ଏକ ରାଜନୈତିକ ସନ୍ଦେଶ ବୋଲି କୁହାଯାଉଛି। ଏଭଳି କାଣ୍ଡକୁ ନୂଆଦିଲ୍ଲୀ କଡ଼ା ନିନ୍ଦା କରିଛି। ବିରୋଧୀ ତତ୍ତ୍ୱଙ୍କ ଦ୍ୱାରା ଏପରି କରାଯିବା ସେମାନଙ୍କ ଉଦ୍ଦେଶ୍ୟକୁ ପଦାରେ ପକାଇଛି। ବିଶ୍ୱବ୍ୟାପୀ ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷମାନେ ଏହାକୁ ସଂଜ୍ଞାନକୁ ନେବା ଜରୁରୀ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

# ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ନିଜ ପାଦ କାଟିଦେଲେ

**ଏମ୍‌ବିବିଏସ୍ ସ୍ୱପ୍ନ ଧୂଳିସାତ୍**

ଲକ୍ଷ୍ନୌ,୨୩।୧

ଉତ୍ତର ପ୍ରଦେଶର ଜଉନପୁର ଜିଲାରେ ବିଚଳିତ କରିଦେବା ଭଳି ଏକ ଘଟଣା ଘଟିଛି। ଜଣେ ୨୪ ବର୍ଷୀୟ ଯୁବକ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ଜରିଆରେ ଆଡ୍‌ମିଶନ କରି ଏମ୍‌ବିବିଏସ୍ ସ୍ୱପ୍ନ ସାକାର କରିବାକୁ ଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ଲାଗି ନିଜ ଗୋଡ଼କୁ କାଟିଦେଇଛନ୍ତି।

ସୁରଜ ଭାସ୍କର ଲାଇନ୍ ବାଜାର ଥାନା ଅଧୀନ ଖଲିପୁରର ବାସିନ୍ଦା। ସେ ଫାର୍ମାସିରେ ଡିପ୍ଲୋମା (ଡି. ଫାର୍ମା) ପାଠ୍ୟକ୍ରମ ଶେଷକରିଛନ୍ତି। ଏନ୍‌ଇଇଟି ପାଇଁ ପ୍ରସ୍ତୁତ ହେଉଥିବା ସୁରଜ ଜାନୁଆରୀ ୧୮ରେ ନିଜ ବାମ ଗୋଡ଼ର ପାଦକୁ କାଟି ଦେଇଥିଲେ। ତେବେ ଆକ୍ରମଣରେ ସେ ପାଦ ହରାଇଥିବା ନେଇ ଥାନାରେ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ମିଥ୍ୟା ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏନେଇ ତଦନ୍ତ କରିବାବେଳେ ତାଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ଶୁକ୍ରବାର ସତକଥା ଜାଣିବାକୁ ପାଇଛି। ୨୦୨୬ରେ କୌଣସି ପ୍ରକାରେ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ କରି ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିଲେ। ଶେଷରେ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବାକୁ ଯାଇ ସେ ଏପରି କାଣ୍ଡ ଭିଆଇଥିବା ସର୍କଲ ଅଫିସର (ସିଟି) ଗୋଲ୍ଡି ଗୁପ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

# ଆକବର ପ୍ରତିଦିନ ପିଉଥିଲେ ଗଙ୍ଗାଜଳ

ଗଙ୍ଗାକୁ ବିଶ୍ୱର ସବୁଠୁ ପବିତ୍ର ନଦୀ କୁହାଯାଏ। ଭାରତରେ ଗଙ୍ଗା ନଦୀକୁ ମାତା ବୋଲି ମଧ୍ୟ ସମ୍ବୋଧନ କରାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗଙ୍ଗାରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ ଧୋଇ ହୋଇଯାଏ ଏବଂ ଗଙ୍ଗା ଜଳକୁ ଅମୃତ ବୋଲି ବିବେଚନା କରାଯାଏ। ଏଥିସହ କୁହାଯାଏ, ଗଙ୍ଗା ଜଳ ପିଇବା ଦ୍ୱାରା ଅନେକ ରୋଗ ଭଲ ହୁଏ। ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ଲୋକେ ମଧ୍ୟ ଗଙ୍ଗା ନଦୀକୁ ସମ୍ମାନ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଗଲ ଶାସକମାନେ ଗଙ୍ଗା ନଦୀର ଜଳକୁ ପବିତ୍ର ମାନିଥିଲେ। ଜଣେ ମୋଗଲ ଶାସକ ସର୍ବଦା ଗଙ୍ଗାଜଳ ପିଉଥିଲେ ଏବଂ ଏହାକୁ ସ୍ୱର୍ଗର ଜଳ ବୋଲି ଗ୍ରହଣ କରିଥିଲେ। ଏହି ମୋଗଲ ଶାସକଙ୍କ ନାମ ଥିଲା ଆକବର। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆବୁଲ ଫଜଲଙ୍କ ପୁସ୍ତକ 'ଆଇନ-




ଇ-ଆକବରୀ' ରେ ଉଲ୍ଲେଖ ଅଛି। ଆକବର ଗଙ୍ଗାଜଳ ପିଉଥିବା ନେଇ ଉକ୍ତ ପୁସ୍ତକରେ ସୂଚିତ କରାଯାଇଛି ।

ଯେତେବେଳେ ମୋଗଲ ଶାସକ ଆକବର ଆଗ୍ରା ଏବଂ ଫତେପୁର ସିକ୍ରିରେ ରହୁଥିଲେ, ସେତେବେଳେ ତାଙ୍କ ପାନୀୟ ପାଇଁ ଉତ୍ତରପ୍ରଦେଶର ସୋରୋନରୁ ଗଙ୍ଗାଜଳ ଅଣାଯାଉଥିଲା। ଯେତେବେଳେ ଆକବର ଲାହୋରକୁ ତାଙ୍କର ରାଜଧାନୀ କରିଥିଲେ, ସେତେବେଳେ ପିଇବା ପାଇଁ ହରିଦ୍ୱାରରୁ ଗଙ୍ଗାଜଳ ଅଣାଯିବା ଆରମ୍ଭ ହୋଇଥିଲା। ଋଷିକେଶ ଓ ହରିଦ୍ୱାରରୁ ଗଙ୍ଗା ଜଳ ଆଣିବା ଲାଗି ଅନେକ ଘୋଡ଼ସବାର ସୈନିକଙ୍କୁ ଦିଲ୍ଲୀ ଏବଂ ଆଗ୍ରାରେ ନିୟୋଜିତ କରାଯାଇଥିଲା। ରିପୋର୍ଟ ଅନୁସାରେ, ଆକବର ଘରେ ଏବଂ ଯାତ୍ରା ସମୟରେ କେବଳ ଗଙ୍ଗାଜଳ ପିଉଥିଲେ। ସେ ଗଙ୍ଗାଜଳ ଆଣିବା ପାଇଁ ନଦୀ କୂଳରେ ତାଙ୍କର ସବୁଠୁ ବିଶ୍ୱସ୍ତ ଲୋକଙ୍କୁ ନିୟୋଜିତ କରିଥିଲେ। ସେଥିରେ କୌଣସି ବିଷାକ୍ତ ତତ୍ତ୍ୱ ଯେପରି ନ ମିଶିପାରେ ସେଥିଲାଗି ଆକବରଙ୍କ ପାଇଁ ପାଣି ସିଲ୍ ହୋଇଥିବା ପାତ୍ରରେ ଅଣାଯାଉଥିଲା।

ଆକବରଙ୍କ ଖାଦ୍ୟରେ ଯମୁନା ଏବଂ ଚେନାବ ନଦୀର ପାଣି ବ୍ୟବହାର କରାଯାଉଥିଲା, କିନ୍ତୁ ଏଥିରେ ଗଙ୍ଗାଜଳ ସର୍ବଦା ମିଶ୍ରିତ ହେଉଥିଲା। ଆକବରଙ୍କ ବ୍ୟତୀତ ବାବର ଏବଂ ହ୍ୟୁମାୟୁନ ମଧ୍ୟ ଗଙ୍ଗା ଜଳକୁ ପସନ୍ଦ କରୁଥିଲେ। ସେ ଏହାକୁ 'ଆବ-ଏ-ହାୟତ'ବୋଲି ବିବେଚନା କରୁଥିଲେ, ଯାହାର ଅର୍ଥ 'ସ୍ୱର୍ଗରୁ ପାଣି'। କେତେଜଣ ବ୍ୟକ୍ତ ମୋଗଲ ଶାସକମାନେ ଗଙ୍ଗାଜଳ ପିଇବାର ଅନେକ କାରଣ ଦର୍ଶାଇଛନ୍ତି। ସେମାନଙ୍କ ମତରେ, ଗଙ୍ଗା ଜଳ ଦୀର୍ଘ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ। କାରଣ ଗଙ୍ଗାଜଳରେ ଜୀବାଣୁ ବୃଦ୍ଧି ପାଏ ନାହିଁ। ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ, ଗଙ୍ଗାଜଳରେ ଅନେକ ଉପାଦାନ ଏବଂ ଖଣିଜ ପଦାର୍ଥ ରହିଛି ଯାହା ଏହାକୁ ଭଲ ରଖିଥାଏ।

# ରାଣୀଙ୍କୁ ଚାରିଆଡ଼ୁ ପ୍ରଶଂସା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ-୩' ପାଇଁ ଚର୍ଚ୍ଚାରେ ଅଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଟ୍ରେଲରକୁ ଦର୍ଶକ ପସନ୍ଦ କରିଛନ୍ତି। କେବଳ ପ୍ରଶଂସକ ନୁହେଁ, ସେଲିବ୍ରିଟିମାନେ ରାଣୀଙ୍କୁ ବାଃ ବାଃ କହିଛନ୍ତି। ମର୍ଦ୍ଦାନୀ ୩ ରାଣୀ ମୁଖାର୍ଜୀଙ୍କ 'ମର୍ଦ୍ଦାନୀ' ଫ୍ରାଞ୍ଚାଇଜର ତୃତୀୟ ଫିଲ୍ମ। ସେ ପୁଣି ଥରେ ବଡ଼ ପରଦାରେ ନିର୍ଭୀକ ଏବଂ ଦକ୍ଷ ପୋଲିସ ଅଧିକାରୀ ଶିବାନୀ ଶିବାଜୀ ରୟ ଭାବରେ ଦେଖାଯିବେ। ପୂର୍ବରୁ ଏହି ସିରିଜର ଉଭୟ ଫିଲ୍ମକୁ ଦର୍ଶକେ ଭଲ ଭାବରେ ଗ୍ରହଣ କରିଥିଲେ। 'ମର୍ଦ୍ଦାନୀ ୨'ର ୭ ବର୍ଷ ପରେ 'ମର୍ଦ୍ଦାନୀ ୩' ମୁକ୍ତିଲାଭ କରିବାକୁ ଯାଉଛି। ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ରାଣୀଙ୍କ ମର୍ଦ୍ଦାନୀ ୩ର ଟ୍ରେଲରକୁ ପସନ୍ଦ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଅନୁଷ୍କା ଲେଖିଛନ୍ତି, 'ଅଭିନନ୍ଦନ, ରାଣୀ। ତୁମ ପାଇଁ କ'ଣ ଅଛି ତାହା ଦେଖିବାକୁ ମୁଁ ବହୁତ ଉତ୍ସାହିତ। ମର୍ଦ୍ଦାନୀ ୩ ରାଣୀଙ୍କ ସ୍ୱାମୀ ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ପ୍ରଯୋଜିତ ଓ ଅଭିରାଜ ମିନାୱାଲାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି। ୟଶ ରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଦକ୍ଷିଣ ଅଭିନେତ୍ରୀ ମଲ୍ଲିକା ପ୍ରସାଦ ଖଳନାୟିକା ଭୂମିକାରେ ଅଭିନୟ କରିଛନ୍ତି। ମର୍ଦ୍ଦାନୀ ୩ ଜାନୁଆରୀ ୩୦ରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମ ନିର୍ମାଣରେ ପ୍ରାୟ ୭୫ କୋଟି ଖର୍ଚ୍ଚ ହୋଇଛି।



ରାଣୀ ମୁଖାର୍ଜୀ

## ପୁଣି ରାଜଧାନୀରେ ଆମ ବସ୍ ଆତଙ୍କ




# ୩୩ ପ୍ରଶ୍ନ ପାଇଁ ପ୍ରସ୍ତୁତ ରୁହ

## ଏପ୍ରିଲ ୧୬ରୁ ଘର ଗଣନା

**୧୫ ବର୍ଷ ପରେ ଭାରତରେ ଜନଗଣନା ହେବାକୁ ଯାଉଛି। ଏପ୍ରିଲ ୧୬ରୁ ରାଜ୍ୟରେ ଜନଗଣନା ହେବାଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସମୟରେ ଲୋକଙ୍କୁ ୩୩ଟି ପ୍ରଶ୍ନ ପଚରାଯିବ। ଏହି କାର୍ଯ୍ୟରେ ମୁଖ୍ୟତଃ ଶିକ୍ଷକମାନେ ନିୟୋଜିତ ହେଉଥିବାରୁ ତାହା ପାଠପଢ଼ା ଉପରେ ପ୍ରଭାବ ପକାଇବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। କାରଣ ଏହି କାମ ୧ ମାସ ଧରି ଚାଲିବ। ଶିକ୍ଷାବର୍ଷ ଆରମ୍ଭରୁ ଶିକ୍ଷକଙ୍କ ମୁଣ୍ଡ ଉପରେ ଏହି ଦାୟିତ୍ୱ ଲଦି ଦିଆଯାଉଥିବାରୁ ସବୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗର ତାଲିକା ବଢୁଥିବା ପରିଲକ୍ଷିତ ହେଉଛି।**

**ଭୁବନେଶ୍ୱର, ୨୩।୧ (ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜନଗଣନା ନେଇ ନିର୍ଦ୍ଦେଶନାମା ଜାରି ହେବା ପରେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଘର ଗଣନା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଏହାପୂର୍ବରୁ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଯେଉଁଥିରେ ଜନଗଣନା ଅଧିକାରୀମାନେ ପ୍ରତ୍ୟେକ ଘରେ ପହଞ୍ଚିଲେ ସେଠାରେ ଘର ମାଲିକ ତଥା ବ୍ୟକ୍ତିବିଶେଷଙ୍କୁ ୩୩ଟି ପ୍ରଶ୍ନ ପଚାରିବାକୁ ବାଧ ହେବେ ବୋଲି ବିଜ୍ଞପ୍ତିରେ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି।

ଗୁରୁବାର ଜନଗଣନା କମିଶନରଙ୍କ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ କୁମାର ନାରାୟଣ ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ୨୦୨୭ ଜନଗଣନାକୁ ଦୃଷ୍ଟିରେ ରଖି ସମସ୍ତ ଜନଗଣନା ଅଧିକାରୀ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶକୁ ଠିକଣା ଭାବେ ଅନୁପାଳନ କରିବାକୁ ବାଧ। ତେବେ ଦୀର୍ଘ ୧୫ବର୍ଷ ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଜନଗଣନା ଅଧିକାରୀମାନେ ଘରକୁ ଆସିଲେ କେଉଁସବୁ ୩୩ଟି ପ୍ରଶ୍ନ ପଚାରିବେ ସେଥିପାଇଁ ଆମକୁ କିଭଳି ପ୍ରସ୍ତୁତ ରହିବାକୁ ହେବ ତାହା ଉପରେ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୧୬ରୁ ରାଜ୍ୟରେ ଘର ଗଣନା ହେବାକୁ ରହିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପତ୍ର ଗଣନା କରାଯିବ। ଏହି ସମୟରେ ଜନଗଣନା ଅଧିକାରୀମାନେ ଘରର କ୍ରମିକ ସଂଖ୍ୟା(ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ), ଜନଗଣନା ଅନୁଯାୟୀ ଘର ନମ୍ବର, ଘରର ଚଟାଣ କେଉଁ ପ୍ରକାରର, କାନ୍ଥ କେଉଁ ସାମଗ୍ରୀରେ ପ୍ରସ୍ତୁତ, ବ୍ୟବହାର ଯୋଗ୍ୟ କି ନାହିଁ, ଘରର ସ୍ଥିତି ଏବେ କିପରି ରହିଛି, କେତେଜଣ ସଦସ୍ୟ ପରିବାରରେ ଅଛନ୍ତି, ବାସ୍ତବରେ କେତେ ସଦସ୍ୟ ଘରେ ରହୁଛନ୍ତି, ଘରର ମୁଖିଆ କିଏ ବୋଲି ପ୍ରଶ୍ନ ରହିଛି।

ଏହାସହିତ ଘରର ମୁଖିଆଙ୍କ ଲିଙ୍ଗ କ'ଣ, କେଉଁ ଜାତିର, ଅନୁସୂଚିତ ଜାତି କିମ୍ବା ଜନଜାତି କିମ୍ବା ଅନ୍ୟାନ୍ୟ ?, ଜନଗଣନା ଘରର ମାଲିକାନା କାହାର ?, ଘରେ କେତୋଟି ରୁମ୍ ବ୍ୟବହାର କରୁଛନ୍ତି, ପରିବାରରେ କେତେ ଜ'ଣ ବିବାହିତ ଦମ୍ପତି ଅଛନ୍ତି। ପିଇବା ପାଣିର ମୂଳ ଉତ୍ସ କ'ଣ ? ଆବଶ୍ୟକ ପରିମାଣର ପାଣି ମହଜୁଦ ରହିଛି କିମ୍ବା ନାହିଁ?, ବିଦ୍ୟୁତ୍‌ର ମୂଳ ଉତ୍ସ କ'ଣ ? ଶୌଚାଳୟ ରହିଛି କି ନାହିଁ, ଯଦି ଅଛି ତାହା କେଉଁ ସ୍ଥିତିରେ ଅଛି? ବର୍ଜ୍ୟ ଜଳ ନିଷ୍କାସନ ପାଇଁ ସୁବିଧା ଅଛି କି ନାହିଁ? ଶୌଚାଳୟରେ ଗାଧୋଇବା ଘର ଅଛି କି ନାହିଁ? ରୋଷେଇଶାଳ ଘରେ ଅଛି କି ନାହିଁ, ସେଠାକୁ ଏଲ୍‌ପିଜି/ ପିଏନ୍‌ଜି ସଂଯୋଗ ଅଛି କି ନାହିଁ? ଜାଳେଣି ଉତ୍ସ କ'ଣ? ଘରେ ରେଡିଓ, ଟିଭି, ଇଣ୍ଟରନେଟ, ଲାପ୍‌ଟପ୍, ଟେଲିଫୋନ୍, ମୋବାଇଲ, କମ୍ପ୍ୟୁଟର ଅଛି କି ନାହିଁ? ସାଇକେଲ, ସ୍କୁଟର, ମୋଟରସାଇକେଲ ଓ ମୋପେଡ ଅଛି କି ନାହିଁ? କାର, ଜିପ୍, ଭ୍ୟାନ ଅଛି କି ନାହିଁ? ସେହିପରି ଆପଣ କେଉଁ ମୁଖ୍ୟ ଶସ୍ୟ ଖାଉଛନ୍ତି ଅର୍ଥାତ ଭାତ, ରୁଟି ନା ଅନ୍ୟ କିଛି। ଏହା ସହ ମୋବାଇଲ ନମ୍ବର ମଧ୍ୟ ଦେବାକୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ଏପ୍ରିଲ ୧୬ରୁ ଗୃହ ଗଣନା ଆରମ୍ଭ କରାଯିବ ଏବଂ ଏହି କାର୍ଯ୍ୟ ୩୦ଦିନ ଅର୍ଥାତ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷ ହେବ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି।

# କୂଅରେ ପଡ଼ିଗଲା ଭାଲୁ

## ୬ ଘଣ୍ଟା ଉଦ୍ୟମ ପରେ ଭାଲୁ ଉଦ୍ଧାର

**କାଲିମେଲା, ୨୩।୧ (ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ଏମ୍‌ପିଭି–୨୬ ଗାଁରେ କୂଅ ଭିତରେ ଗୋଟିଏ ଭାଲୁ ପଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ଅନ୍ୱେଷଣରେ ଆସି ଭାଲୁଟି ଗୁରୁବାର ରାତିରେ କୂଅରେ ପଡ଼ିଯାଇଥିବା ଅନୁମାନ କରାଯାଉଛି। ବନ ବିଭାଗ କର୍ମଚାରୀ ଏବଂ ମାଲକାନଗିରି ସ୍ଥିତ ବନ୍ୟଜନ୍ତୁ ଉଦ୍ଧାରକାରୀ ଟିମ୍ ସକାଳ ୮ରୁ ଦିନ ୨ଟା ପର୍ଯ୍ୟନ୍ତ ବହୁ ଚେଷ୍ଟା ପରେ ଭାଲୁଟି ଯନ୍ତା ଭିତରେ ପଡିଥିଲା। ବନ ବିଭାଗ ପକ୍ଷରୁ ଭାଲୁକୁ ସୁରକ୍ଷିତ ଭାବେ କୂଅରୁ ବାହାର କରାଯାଇ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଭାଲୁକୁ ବର୍ତ୍ତମାନ ଅବଜର୍ଭେଶନରେ ରଖାଯାଇଥିବା ବେଳେ ତାକୁ ଜଙ୍ଗଲରେ ସୁରକ୍ଷିତଭାବେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡିଛି।

ସୂଚନା ଅନୁଯାୟୀ, ଏମ୍‌ପିଭି ୨୬ ଗ୍ରାମର ବୀରେନ ବିଶ୍ୱାସ ଏବଂ ତାଙ୍କ ପରିବାର ମାଲକାନଗିରିଠାରେ ରହୁଥିବା ବେଳେ ଘର ଖାଲି ପଡ଼ିଥିଲା। ତେବେ ତାଙ୍କ ଘର ପଛରେ ୧୦ ଫୁଟ ଗଭୀର ମୁକୁଳା କୂଅ ରହିଥବା ବେଳେ ଭାଲୁଟି ଅନ୍ଧାରରେ କୂଅ ଭିତରେ ପଡିଯାଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ସକାଳେ ଭାଲୁ ଗର୍ଜନ କରିବାରୁ ସ୍ଥାନୀୟ ଲୋକେ ପ୍ରଥମେ ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। କାଲିମେଲା ବନାଞ୍ଚଳ ଅଧିକାରୀ ବିଜୟ କୁମାର ନାୟକ, ଫରେଷ୍ଟର ଜୁକୁନା ଦଳେଇ ଏବଂ ରାପିଡ୍ ରେସ୍‌କ୍ୟୁ ଟିମ୍ ଭାଲୁକୁ ଖାଇବାକୁ ଦେବା ସହ କୂଅରୁ ବାହାର କରିବାକୁ ଉଦ୍ୟମ କରିଥିଲେ। ଭାଲୁ କୂଅ ଭିତରେ ଗାତ ଖୋଳି ସେଠାରେ ପଶି ରହିଥିବା ବେଳେ ଉଦ୍ଧାରକାରୀ ଦଳ କୂଅ ଉପରେ ଯନ୍ତା ଏବଂ ଜାଲ ବିଛାଇ ଜଗିଥିବା ଦେଖିବାକୁ ମିଳିଥିଲା। ଭାଲୁ ଭୟରେ ଗୋଟିଏ ସ୍ଥାନରେ ବସି ରହିଥିବା ଦେଖିବାକୁ ମିଳିଥିଲା। ବହୁ ଚେଷ୍ଟା ପରେ ଶେଷରେ ଭାଲୁଟି ଯନ୍ତା ଭିତରେ ପଡ଼ିଥିଲା।

# କନ୍ୟା ବୋଝ ନୁହେଁ, ରତ୍ନ

## ଆଜି ଜାତୀୟ କନ୍ୟା ଦିବସ

କନ୍ୟା ସନ୍ତାନ ସମାଜ ପାଇଁ ବୋଝ ନୁହେଁ ବରଂ ରତ୍ନ। କନ୍ୟା ରତ୍ନକୁ ସୁରକ୍ଷିତ ରଖିବା ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ଯୋଜନା କରୁଛନ୍ତି। କନ୍ୟାଙ୍କୁ ପାଠପଢ଼ାଇବାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଯୋଜନା କରାଯାଉଥିଲେ ସୁଦ୍ଧା ଆଜି ବି ଅନେକ ଲୋକଙ୍କ ପାଇଁ କନ୍ୟା ସନ୍ତାନ ବୋଝ ସଦୃଶ। ଝିଅଟିଏ ହେଲେ କିଏ ରାସ୍ତା କଡ଼ରେ ତ ପୁଣି ଅଳିଆ ଆବର୍ଜନାକୁ ଫୋପାଡ଼ି ଦେଉଛନ୍ତି। ହେଲେ ସଚେତନତା ଜରିଆରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବାରେ ଲାଗିଛି। ଶତପ୍ରତିଶତ ନ ହେଲେ ମଧ୍ୟ କିଛି ପରିମାଣରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଲୋକଙ୍କ ମନରୁ ଏଭଳି ଭାବନାକୁ ଦୂର କରିବା ପାଇଁ ୨୦୦୮ରୁ ପ୍ରତିବର୍ଷ ଜାନୁଆରୀ ୨୪କୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ ରହିଛି 'ଦୃଢ଼ ଭବିଷ୍ୟତ ପାଇଁ କନ୍ୟାକୁ ସଶକ୍ତ କରିବା'। ଜାତୀୟ କନ୍ୟା ଦିବସ ଅବସରରେ ସମାଜ ପାଇଁ ଉଦାହରଣ ପାଲଟିଥିବା କିଛି ସଫଳ ଝିଅଙ୍କ କାହାଣୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....

ପରିବାର ପ୍ରତିପୋଷଣ ପାଇଁ ଦିନେ ରାସ୍ତାକଡ଼ରେ ଦିନମଜୁରିଆ ଭାବେ କାମ କରୁଥିଲେ ତ ପୁଣି କାହା ଘରକୁ ଯାଇ ଘରକାମ କରୁଥିଲେ। କରୋନାରେ ବାପା ଚାଲିଗଲା ପରେ ମାଆଙ୍କୁ ସାହାରା ଦେବା ପାଇଁ କାମ କରିବାକୁ ବାହାରି ପଡ଼ିଥିଲେ। ଆଉ ଡାକ୍ତର ହେବାର ସ୍ୱପ୍ନ ଦେଖିଥଲେ। ତାହା ପୂରଣ କରିବା ପାଇଁ ସେ ଦୃଢ଼ ଇଚ୍ଛାଶକ୍ତି ସହ କଠିନ ପରିଶ୍ରମକୁ ଆଦରି ନେଇଥିଲେ। ଆଦିବାସୀ ଅଞ୍ଚଳରେ ରହି ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସେ ଦଶମ ଶ୍ରେଣୀ ପରୀକ୍ଷାରେ ୫୧୧ ନମ୍ବର ମାର୍କ ରଖିଥିଲେ। ଯୁକ୍ତ ୨ରେ ଭଲ ମାର୍କ ରଖି ପଢ଼ିବା ପରେ ପ୍ରଥମ ଚେଷ୍ଟାରେ ଡାକ୍ତରୀ ପାଠପଢ଼ିବା ପାଇଁ ମନୋନୀତ ହୋଇଥିଲେ। ଜଣେ ଆଦିବାସୀ ଝିଅ ହୋଇ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି ରାଣୀ ହେମ୍ବ୍ରମ।


ରାଣୀ ହେମ୍ବ୍ରମ


ଚାନ୍ଦିନୀ ନାୟକ

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ବୀଣାପାଟିଆ ଗାଁର ସାଲଖାନ ହେମ୍ବ୍ରମଙ୍କ ଝିଅ ରାଣୀ। କରୋନାରେ ବାପା ଚାଲିଗଲାପରେ ସେ ମାଆଙ୍କ ସାହାରା ପାଲଟିଥିଲେ। ଡାକ୍ତର ହେବାର ଲକ୍ଷ୍ୟ ଏବଂ ପରିବାର ପ୍ରତିପୋଷଣ ପାଇଁ ସେ କାମ କରିବାକୁ ବାହାରି ଥିଲେ। ବାହାରେ କାମ କରୁଥିବା ବେଳେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ତାଙ୍କର ସମସ୍ତ କାହାଣୀ ଶୁଣି ଥିଲେ। ତାଙ୍କୁ ଯେପରି ସମସ୍ତ ପ୍ରକାରର ସାହାଯ୍ୟ ମିଳିପାରିବ ସେ ନେଇ ଚେଷ୍ଟା କରିଥିଲେ। ଏହାପରେ ଯଶୋଦା ମା' ଫାଉଣ୍ଡେଶନର ନିବେଦିତା ଲେଙ୍କା ସହଯୋଗରେ ସେ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ପଢ଼ିଥିଲେ। ଏହାପରେ ସେ ମେଡ଼ିକାଲ ପଢ଼ିବା ପାଇଁ ମଧ୍ୟ କୋଚିଂ ନେଇଥିଲେ। ନିଟ୍ ପରୀକ୍ଷାରେ ଭଲ ର୍‍ୟାଙ୍କରେ ରହି ଫୁଲବାଣୀ ମେଡ଼ିକାଲ କଲେଜରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରୀ ଭାବେ ସେ ଅଧ୍ୟୟନ କରୁଛନ୍ତି। ରାଣୀଙ୍କର ଏହି ଯାତ୍ରା ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି।

ଆଉ ଜଣେ କନ୍ୟା ହେଲେ ଭୁବନେଶ୍ୱରର ହରେକୃଷ୍ଣନଗର ଅଞ୍ଚଳର ଏକକ ମା' ଚାନ୍ଦିନୀ ନାୟକ। ତାଙ୍କର ସହନଶୀଳତା ଓ ଶିକ୍ଷା ଯୋଗୁ ସେ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ସାଧାରଣ ପରିବାରରୁ ଆସିଥିବା ଚାନ୍ଦିନୀଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ। ମାନସିକ ଭାବେ ଅସୁସ୍ଥ ମା' ଏବଂ ଶାରୀରିକ ଭାବେ ଅସମର୍ଥ ଭାଇ ସହିତ ନିଜର ଛୋଟ କନ୍ୟାର ଦାୟିତ୍ୱ ତାଙ୍କ ଉପରେ ରହିଛି। ପରିବାରର ଆର୍ଥିକ ଆଧାର କେବଳ ଦିନମଜୁରି କରୁଥିବା ପିତାଙ୍କ ଆୟ ଉପରେ ହିଁ ନିର୍ଭର କରୁଥିଲା। ଏତେ ସମସ୍ୟା ସତ୍ତ୍ୱେ ମଧ୍ୟ ସେ ନିଜ ସ୍ୱପ୍ନକୁ ଛାଡ଼ି ନ ଥିଲେ। ସେ ଦୃଢ଼ ମନୋବଳ ସହ ନର୍ସିଂ ପଢ଼ା ଜାରି ରଖିଥିଲେ। କିନ୍ତୁ ଆର୍ଥିକ ଅଭାବ ତାଙ୍କ ପଥରେ ବଡ଼ ବାଧା ହୋଇ ଛିଡ଼ା ହୋଇଥିଲା। ଏହା ପରେ ଭିଫୁଜ ସଂସ୍ଥାର ସହଯୋଗରେ ସେ କମ୍ପ୍ୟୁଟର ଶିକ୍ଷା କରିଥିଲେ। ଚାନ୍ଦିନୀଙ୍କ ପରିଶ୍ରମ ଶେଷରେ ସଫଳତାରେ ପରିଣତ ହୋଇଥିଲା। ପ୍ରଥମ ଚେଷ୍ଟାରେ ହିଁ ସେ ଏକ ବେସରକାରୀ ହସ୍ପିଟାଲରେ ଚାକିରି ପାଇଥିଲେ। ଏହି ଚାକିରି ମାଧ୍ୟମରେ ସେ ପରିବାରକୁ ଆର୍ଥିକ ସମର୍ଥନ ଦେବାରେ ସମର୍ଥ ହୋଇଛନ୍ତି। ତାଙ୍କର ଏହି ଯାତ୍ରା ଆଜି ଅନେକ ଯୁବତୀଙ୍କ ପାଇଁ ଆଶାର ଆଲୋକ ହୋଇଉଠିଛି।

–ସୁଚିସ୍ମିତା ସାହୁ

# ସୁରକ୍ଷିତ ରହିବାକୁ ଦେବୀ, ପ୍ରତାପ

- ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅରବିନ୍ଦ ସମର୍ଥକଙ୍କ ମେଳି
- ପୁନର୍ବିଚାର, ପ୍ରତିଶ୍ରୁତି, ଫଳକୁ ଅପେକ୍ଷା

**ଭୁବନେଶ୍ୱର, ୨୩।୧ (ସୁନିତ୍ ମିଶ୍ର)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯିବାକୁ ନେଇ କିଛିଦିନ ହେଲା ରାଜ୍ୟ ରାଜନୀତି ଜୋର୍ ଧରିଛି। ଅରବିନ୍ଦଙ୍କୁ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ଉଠାଇ ବିଜେଡିରୁ କଢ଼ାଯାଇଛି। ଅରବିନ୍ଦ କ'ଣ ଦଳବିରୋଧୀ କରିଛନ୍ତି ତା'ର ସେ ପ୍ରମାଣ ମାଗିବା ସହିତ ପ୍ରଥମେ ଶୋ' କଜ୍ ନ ଦେଇ କାହିଁକି ଦଳରୁ କଢ଼ାଗଲା ବୋଲି ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନ୍ୟପଟେ ୨ଦିନ ତଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅରବିନ୍ଦଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ତାଙ୍କ ଚିରାଚରିତ ଢଙ୍ଗରେ ନୂଆ ଏକ ଉଦ୍ୟମ କରିଛନ୍ତି। କେନ୍ଦ୍ରାପଡ଼ାର ଅନ୍ୟଜଣେ ନେତାଙ୍କ ଜରିଆରେ ପାଟକୁରା ନିର୍ବାଚନମଣ୍ଡଳୀର ବହୁ ଦଳୀୟ ନେତା ଓ କର୍ମୀଙ୍କୁ ଡାକି ନବୀନ କହିଥିଲେ, ଯିଏ ଲୋକଙ୍କ ସହିତ ନ ରହିବ ଏବଂ ସେମାନଙ୍କୁ ଅବହେଳା କରିବ ସେଭଳି ନେତାଙ୍କୁ ଦଳ ସବୁବେଳେ କାଢ଼ିଦେଇଛି। ଏହି ଘଟଣାର ଗୋଟିଏ ଦିନ ପରେ ଅରବିନ୍ଦଙ୍କ ଶତାଧିକ ସମର୍ଥକ ଶୁକ୍ରବାର ନବୀନ ନିବାସ ନିକଟରେ ପହଞ୍ଚିଥିଲେ। ଅରବିନ୍ଦଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ପୁନର୍ବିଚାର କରିବାକୁ ସେମାନେ ଦାବି ଉଠାଇଥିଲେ। ଏହି ଘଟଣା ପରେ ଦଳୀୟ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ପ୍ରତାପ ଜେନାଙ୍କ ସହିତ ଅରବିନ୍ଦଙ୍କର କିଛି ସମର୍ଥକ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅରବିନ୍ଦଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ପୁନର୍ବିଚାର କରାଯିବ ବୋଲି ଦେବୀ ଓ ପ୍ରତାପ ପ୍ରତିଶ୍ରୁତି ଦେଇଥିବା ଅରବିନ୍ଦଙ୍କ ଜଣେ ସମର୍ଥକ ଗଣମାଧ୍ୟମକୁ ଜଣାଇଥିଲେ।


ଶଙ୍ଖଭବନରେ ପାଟକୁରା ନିର୍ବାଚନମଣ୍ଡଳୀର ଅରବିନ୍ଦ ମହାପାତ୍ରଙ୍କ ସପକ୍ଷବାଦୀ ନେତା ଓ କର୍ମୀମାନଙ୍କୁ ପ୍ରତାପ ଜେନା ଓ ଦେବୀ ପ୍ରସାଦ ମିଶ୍ର ବୁଝାଶୁଝା କରୁଛନ୍ତି।

ସୂଚନାଯୋଗ୍ୟ, ପ୍ରତାପ ଓ ଦେବୀ ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣାଶୁଣା ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ନବୀନଙ୍କ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେବୀ, ପ୍ରତାପଙ୍କୁ ଦାୟିତ୍ୱ ଦେଇଥିବାର ବାର୍ତ୍ତା ଦେଇ ନିଜକୁ ସୁରକ୍ଷିତ ରଖିବାର ପ୍ରୟାସ କରିଛନ୍ତି। ଭବିଷ୍ୟତରେ ଅରବିନ୍ଦଙ୍କ ସେହି ସମର୍ଥକ କିମ୍ବା ପାଟକୁରାର ସାଧାରଣ ଲୋକମାନେ ଏ ବାବଦରେ ଯଦି କିଛି ଆଶାନୁରୂପ ଫଳ ନ ପାଆନ୍ତି, ତେବେ ସେମାନେ ଦେବୀ, ପ୍ରତାପଙ୍କୁ ଧରିବେ। ତେଣୁ ସୁଚିନ୍ତିତ ଭାବେ ଦୁଇ ବରିଷ୍ଠ ନେତାଙ୍କୁ ଆଗକୁ ଛାଡ଼ି ନବୀନ ଖସିଗଲେ ବୋଲି ଚର୍ଚ୍ଚା ହେଉଛି।

# ଭାଜପାରେ ମିଶିଲେ ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ


## ୬ କାଉନ୍‌ସିଲର ବିଜେଡି ଛାଡ଼ି ଭାଜପାରେ ସାମିଲ ହେଲେ

**ଭୁବନେଶ୍ୱର/ପାଟଣାଗଡ଼, ୨୩।୧ (ସୁନିତ୍ ମିଶ୍ର/ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିର ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର ଓ ଅନ୍ୟ ୬ କାଉନ୍‌ସିଲର ବିଜେଡି ଛାଡ଼ି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲା, ପାଟଣାଗଡ଼ ବିଧାନସଭା ଓ ଏନ୍‌ଏସିରେ ଦଳର ସଂଗଠନ ଆହୁରି ମଜଭୁତ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ପ୍ରଫୁଲ୍ଲ ଭାଜପାରେ ମିଶିବା କଥା ଜାଣିବା ପରେ ଆଗୁଆ ବିଜେଡି ତାଙ୍କୁ ଦଳରୁ ନିଲମ୍ବନ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଭାଜପା ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ଦେଶର ୨୧ ରାଜ୍ୟରେ ଭାଜପା ଏବଂ ଏନ୍‌ଡିଏର ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ଭାଜପା ଏକତରଫା ଭାବେ ଭାରତବର୍ଷରେ ଶାସନ କ୍ଷମତାରେ ରହିଛି। ସମସ୍ତେ ମିଳିମିଶି ଏଠାକାର ମୌଳିକ ସମସ୍ୟାର ସମାଧାନ କରି ବଲାଙ୍ଗୀର ଜିଲା, ପାଟଣାଗଡ଼ ଏନ୍‌ଏସିର ବିକାଶ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂହଦେଓ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳକୁ ସ୍ୱାଗତ କରି କହିଛନ୍ତି। ସମସ୍ତେ ମିଳିମିଶି ସରକାରଙ୍କ ସମସ୍ତ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବା। ବଲାଙ୍ଗୀର ଓ ପାଟଣାଗଡ଼ ସମେତ ସାରା ରାଜ୍ୟକୁ ବିକାଶ ଅଭିମୁଖେ ଆଗେଇ ନେବା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର ସଭା କକ୍ଷ, ଖାରବେଳ ନଗର, ସମୟ: ସକାଳ ୮ଟା ୪୫।
- ୧୮ତମ ପର୍ଯ୍ୟାୟ ରୋଜଗାର ମେଳା, ସ୍ଥାନ: ସିଏସ୍ଆଇଆର୍-ଆଇଏମ୍ଏମ୍ଟି, ଆଚାର୍ଯ୍ୟ ବିହାର, ସମୟ: ସକାଳ ୯ଟା ୩୦।
- ବକ୍ସି ଜଗବନ୍ଧୁଙ୍କ ଶହୀଦ ଦିବସ ଉପଲକ୍ଷେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ବାଖରାବାଦ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଚିନ୍ତାମଣି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଦହପଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶତବାର୍ଷିକୀ ମହାସମାରୋହ-୨୦୨୬, ସ୍ଥାନ: ବିଞ୍ଝ ସରକାରୀ ଉ.ପ୍ରା. ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପଳସା, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍ଏମ୍ୟୁରେ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତାରକେଶ୍ୱର ଯଜ୍ଞର ରୌପ୍ୟଜୟନ୍ତୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣ, ଶିରିପୁର ବାସିନ୍ଦିପୁର, ଖଇରା, ସମୟ: ଅପରାହ୍ନ ୩ଟା।
- ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୪ଟା।
- ରେମୁଣା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମହୋତ୍ସବ ପଡ଼ିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ହିନ୍ଦୁ ସମ୍ମିଳନୀ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ,ସ୍ଥାନ:ଓଳଗ ଜୟେଶ୍ୱରୀ ମନ୍ଦିର, ପ୍ରାଙ୍ଗଣ, ଆରଡ଼ି,ସମୟ: ସକାଳ ୭ଟା।
- ସୁଭାସ ବୋଷ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ବକ୍ତୃତା, ନୃତ୍ୟ କାର୍ଯ୍ୟକ୍ରମ,ସ୍ଥାନ: ବେତାଳି ଗାଁ ବଜାର, ଧୂଷୁରୀ, ସମୟ:ସକାଳ ୯ ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ପଳାସଗଡ଼ିଆ,ବନ୍ତ, ସମୟ:ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଭିଏସ୍ଏସ୍ ସ୍ତରୀୟ ଅଗ୍ନି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ରେଞ୍ଜ ପରିସର, ସ୍ଥାନ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବର ପ୍ରସ୍ତୁତି ବୈଠକ,ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ଭଲିବଲ ଟୁର୍ନାମେଣ୍ଟ 'ମୁସ୍କାନ',ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ:ଆରପଟା, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ନିରଞ୍ଜନ ମହିଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ସେବା ଶିବିର ଆରମ୍ଭ, ସ୍ଥାନ: ପୁଣ୍ଡୁରେଶ୍ୱରପଲ୍ଲୀ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିସି ହାଟ,ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ:ମହିଷାପାଟ ପଲ୍ଲିଶ୍ରୀମେଳା ପଡିଆ, ଢେଙ୍କାନାଳ ; ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପୌରପରିଷଦ ପକ୍ଷରୁ ଷ୍ଟ୍ରିଟ୍ ଭେଣ୍ଡର ଓ ବ୍ୟାଙ୍କର୍ସମାନଙ୍କୁ ନେଇ ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ,ପୌର ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- କାନମାସ୍ର ରଜତ ଜୟନ୍ତୀ ନାଟକ ଉତ୍ସବରେ ନାଟକ ବୈଷ୍ଣବ ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ,ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର, ବିଜୟନଗର, ମହାକାଳପଡ଼ା, ସମୟ: ସକାଳ ୯ଟା, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଅବଦୁଲ କରିମ ଖାଁ ମେମୋରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅଷ୍ଟପ୍ରହରୀ ନାମଯଜ୍ଞର ନଗର ଭ୍ରମଣ,ସ୍ଥାନ: କୋରେଇ ବ୍ଲକ ଅଧୀନ ସାନ ପାଟୁଳି, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଜାମାଲାଗି ବେଶର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସରେ ପ୍ରଥମ କ୍ୱାର୍ଟର ଫାଇନାଲରେ ଖଳିସାହି ବନାମ ଦିବାଂସି କ୍ରିକେଟ କ୍ଲବ ପାଟଣା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସର ୨ୟ ସେମିଫାଇନାଲ ମ୍ୟାଚରେ ଓଡ଼ିଶା ପୋଲିସ କଟକ ବନାମ ମଙ୍ଗଳା ଫୁଟ୍‌ବଲ କ୍ଲବ କଟକ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ସାମନ୍ତ ମହୋତ୍ସବ ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା, ବାଇପାସ୍ ନିକଟସ୍ଥ ବାଉରୀ ଠାକୁରାଣୀ ପୀଠ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ରେଭିନ୍ୟୁ କ୍ରିକେଟ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନ, ସ୍ଥାନ: ଉମରକୋଟବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ହିନ୍ଦୁ ସମାଜର କଳସ ଯାତ୍ରା, ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗାୟତ୍ରୀ ପଡ଼ିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ତାରିଣୀ ମା'ଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ତାରିଣୀ ମନ୍ଦିର ପରିସର, ହାଲ ସୁନାବେଡ଼ା, ସମୟ: ଅପରାହ୍ନ ୩ଟା ୩୦।

## ମାଲକାନଗିରି

- ଏନ୍ଏସ୍ଏସ୍ କ୍ୟାମ୍ପ, ସ୍ଥାନ: ବାଲିମେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରାର ସମୀକ୍ଷା ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଏନବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପିଏଚଡି ପଡିଆ, ସମୟ: ଅପରାହ୍ନ ୫ଟା।
- କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଓ ସାଥିଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ପିଏଚଡି ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଜଳ ଅର୍ପଣ ଦିବସ, ସ୍ଥାନ: ଯୋଗୀସର୍ଡା ପଞ୍ଚାୟତ ପରିସର, ଲୋଇସିଂହା ବ୍ଲକ୍, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଲୋଇସିଂହା ଆଦର୍ଶ ବିଦ୍ୟାଳୟର ଇନ୍‌ସ୍ପେୟାର ୨.୦ ଉତ୍ସବ, ସ୍ଥାନ: ଝାରମୁଣ୍ଡା ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଓପନ୍ କ୍ୟାରମ୍ ପ୍ରତିଯୋଗିତା, ସ୍ଥାନ: ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ସମୟ: ପୂର୍ବାହ୍ନ ୧୧ଟା ।
- ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରସେନ ଭବନ, ଉଦିତନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍ଏସ୍‌ପି ପ୍ରାୟୋଜିତ ସର୍ବଭାରତୀୟ ହାଫ୍ ମାରାଥନ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସମୟ: ପ୍ରାତଃ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାର ବାର୍ଷିକୋତ୍ସବ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା,ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।
- ବେଦ ପ୍ରବଚନ,ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ୨୨ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଚବିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ବିନିକା ବ୍ଲକ ବାଉଁଶୁଣୀ, ସମୟ: ସକାଳ ୯ଟା
- ଓଏସଏବି ମାଷ୍ଟର ରେଙ୍କିଙ୍ଗ ବ୍ୟାଡମିଣ୍ଟନ ଚାମ୍ପିୟନଶିପ-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ଇନଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଥ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଗୁଲୁଣ୍ଡାର ତୃତୀୟ ଦିନ ଖେଳ, ସ୍ଥାନ: ଗୁଲୁଣ୍ଡା କୁସୁମ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ୧୬ତମ ଚତୁର୍ବେଦ ପାରାୟଣ ଉଦ୍‌ଘାଟନ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ହରିପୁର ଗୁରୁକୁଳ ଜୁନାନୀ, ସମୟ: ସକାଳ ୭ଟା।
- ୧୯ତମ ନ୍ୟୁ ଇୟର କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆର ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- କୁଷ୍ଠ ସଚେତନତା ଶିବିର, ସ୍ଥାନ: କପିଳାସପୁର ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର, ସମୟ:ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ:ପଣ୍ଡ୍ରି ମହିମା ମଠ, ସମୟ:ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଖନା ବୋଲେ ଶୁଣି ଯାଅ,**
**ନଡ଼ିଆ ଗଛ ମୂଳେ ଚିଟା ଦିଅ।**
**ଗଛ ହେବ ବହୁତ ମୋଟା,**
**ଶୀଘ୍ର ଶୀଘ୍ର ଧରେ ଗୋଟା ।**

ସାଧାରଣତଃ ନଡ଼ିଆ ଗଛ ମୂଳେ ଅଗାଡ଼ି ଦେଲେ ନଡ଼ିଆ ଗଛଟିର ଆକାର ବୃଦ୍ଧି ପାଇଥାଏ। ଏଥିସହିତ ନଡ଼ିଆ ଗଛଟିରେ ଶୀଘ୍ର ଫଳ ଧରିବା ସହ ଫଳର ଆକାର ମଧ୍ୟ ବଡ଼ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଖାଇବାକୁ ଦେଲେ ବଳେ,**
**ନାଁ ରହିବ କାଳେ କାଳେ।**

ଖାଇବାକୁ ଦେଲେ ଲୋକେ ତାହା ଅନେକ ଦିନ ପର୍ଯ୍ୟନ୍ତ ମନେରଖିଥାନ୍ତି। ସେହିପରି କୌଣସି ସମୟରେ ଭୋଜିଭାତ କରି ଖୁବ୍ ଭଲ ଖାଇବାକୁ ଦେଲେ ଦେବାଲୋକର ନାଁ କାଳ କାଳକୁ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫଳକରେ ନାମ ନ ରଖିବା ରାଜ୍ୟ ସଭା ପ୍ରତି ଅପମାନ: ଦେବାଶିଷ

### ସପକ୍ଷରେ ବାହାରିଲେ ସୋଫିଆ, ସୁବାସ, ସୁକାନ୍ତ

କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ଜୟନ୍ତୀ ଅବସରରେ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିସରରେ ପୋଷ୍ଟାଲ ଗ୍ୟାଲେରି ଓ ନିକଟରେ ଥିବା ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଥିଲେ। ଉକ୍ତ ସ୍ଥାନରେ ନାମ ଫଳକକୁ ସ୍ଥାନିତ କରାଯାଇଥିଲା। ହେଲେ ଏଥିରେ ସ୍ଥାନୀୟ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନାମ ନ ଥିବା ଦେଖିବାକୁ ମିଳିଛି। ଦେବାଶିଷ ଉପସ୍ଥିତ ନ ଥିବାବେଳେ ଜଣେ ରାଜ୍ୟ ସଭା ସଦସ୍ୟ ଭାବେ କାହିଁକି ତାଙ୍କ ନାମ ଉଲ୍ଲେଖ କରାଗଲା ନାହିଁ ସେ ନେଇ ନାନା ପ୍ରଶ୍ନ ଉପୁଜିଛି। ଏ ସମ୍ପର୍କରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ଭୁଲଟା କେଉଁଠି ହୋଇଛି ତାହା ଜାଣି ହେଉନି। ଉପରାଷ୍ଟ୍ରପତି ହେଉଛନ୍ତି ରାଜ୍ୟ ସଭାର ଅଧ୍ୟକ୍ଷ ଏବଂ ମୁଁ ଜଣେ ତାଙ୍କର ସଦସ୍ୟ। ଏଭଳି ପଦକ୍ଷେପ ଉପରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ କରାଯାଇଛି। ସଂସ୍କୃତି ବିଭାଗ ଏଭଳି କାର୍ଯ୍ୟ କରିଛି ଏବଂ ଏଥିପାଇଁ ମୁଁ ସଚିବଙ୍କୁ ଚିଠି ମଧ୍ୟ ଲେଖିବି। ଜିଲା ପ୍ରଶାସନ ମଧ୍ୟ ଦୋଷ ମାନୁନାହାନ୍ତି। ଅନ୍ୟ ବିଧାୟକଙ୍କ ନାମ ରହିଛି ହେଲେ ମୋ ନାମ ରହିବା କେବଳ ଜାଣତରେ ଏଭଳି କରାଯାଇଛି। ହୁଏତ ଅଭିଜ୍ଞ ଅଧିକାରୀମାନେ ଏଭଳି କରିଥିବେ ବୋଲି ସାମନ୍ତରାୟ କହିଛନ୍ତି। ବିଧାୟିକା ସୋଫିଆ ଦେବାଶିଷଙ୍କ ସପକ୍ଷରେ ବାହାରି କହିଛନ୍ତି, ସେ ଜଣେ ଲୋକପ୍ରତିନିଧି ଏବଂ ରାଜ୍ୟ ସଭାର ସଦସ୍ୟ । ତାଙ୍କର ନାମ ରହିବା ନିହାତି ଜରୁରୀ। ହେଲେ ତ୍ରୁଟି କେଉଁଠି ରହିଛି ତାହାର ତଦନ୍ତ ଓ ତର୍ଜମା କରାଯାଉ। ମେୟର ସୁବାସ ସିଂ କହିଛନ୍ତି, ଫଳକରେ ନାମ ରହିବା ଜରୁରୀ ଥିଲା। ସେ ଜଣେ ଲୋକ ପ୍ରତିନିଧି ଏବଂ ବିଧାୟକ ମଧ୍ୟ ଥିଲେ। ହେଲେ ପ୍ରଶାସନ ଏଭଳି କାହିଁକି କରିଛି ସେ ନେଇ ଉତ୍ତର ଦେଉ ବୋଲି ସିଂ କହିଛନ୍ତି। ଅନ୍ୟପଟେ କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ କହିଛନ୍ତି, ପ୍ରଶାସନ କ'ଣ ନିଷ୍ପତ୍ତି ନେଇଛି ତାହା ଜାଣିନି। ହେଲେ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ତାଙ୍କ ନାମ ରହିବା ଜରୁରୀ ଥିଲା। ମୁଁ ଜଣେ କର୍ମୀ ଭାବେ ଏଠାରେ ପ୍ରବେଶ କରି ପାରିନାହିଁ। ବହୁ ଅବ୍ୟବସ୍ଥା କରାଯାଇଛି ବୋଲି ବିଶ୍ୱାଳ କହିଛନ୍ତି। ସୂଚନାଥାଉକି, ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ସଂଗ୍ରହାଳୟରେ ପୋଷ୍ଟାଲ ଗ୍ୟାଲେରି ଓ ସଂସ୍କୃତି ଭବନ ଉଦ୍‌ଘାଟନ କରାଯାଇଥିଲା। ଏଠାରେ ଥିବା ଫଳକରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମ ଉଲ୍ଲେଖ କରାଯାଇଛି।

# ଭାରତକୁ ଶକ୍ତିଶାଳୀ ରାଷ୍ଟ୍ର କରିବା ଥିଲା ନେତାଜୀଙ୍କ ପରିକଳ୍ପନା: ଉପରାଷ୍ଟ୍ରପତି

### ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପରାକ୍ରମ ଦିବସ

କଟକ,୨୩।୧(କାର୍ତ୍ତିକ ସାହୁ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ିନ ଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜଭୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବାକୁ ସମୂହ ଭାବରେ ପ୍ରତିଜ୍ଞା କରିବାକୁ ନାଗରିକଙ୍କୁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆହ୍ୱାନ ଦେଇଥିଲେ।

କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସରେ ଯୋଗଦେଇ ଉପରାଷ୍ଟ୍ରପତି କହିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିଥିଲେ। ଉପରାଷ୍ଟ୍ରପତି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି। ୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି। ଏଥିସହ ରସ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି। ପରାକ୍ରମ ଦିବସ କେବଳ ନେତାଜୀଙ୍କ ବୀରତ୍ୱକୁ ମନେ ପକାଇବାର ଏକ ଅବସର ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ସେବାରେ ମାହସିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା।

ସ୍ମାରକୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ନିକଟ ଗ୍ୟାଲେରି ଏବଂ ନେତାଜୀ ସଂସ୍କୃତି ଭବନର ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ, ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ. ସିଂହଦେଓ ଏବଂ ଆଜ୍ଜାଦ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ଏଥିସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟ ଉପରେ ଏକ ସ୍ୱତନ୍ତ୍ର ପ୍ରଚ୍ଛଦକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଉପରାଷ୍ଟ୍ରପତି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାରୁ...

## ୧ ଡଲାର=୯୨ ...

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ ନୀରବ ରହିଛନ୍ତି। ଏକଦା ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୪୦ ଟଙ୍କା ଥିବାବେଳେ ସେମାନେ ଜାତୀୟସ୍ତରରେ ଭୟର ବାତାବରଣ ଖେଳାଇଦେଇଥିଲେ। ଏବେ ସେମାନେ କାହିଁକି ନୀରବ ବସିଛନ୍ତି ବୋଲି ଶିବସେନା ୟୁବିଟି ନେତା ଆଦିତ୍ୟ ଠାକ୍‌ରେ ପ୍ରଶ୍ନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନିଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗ ଯୋଗୁ ବନ୍ଧୁ ପରିଜନ ସ୍ନେହ, ଶ୍ରଦ୍ଧା ଆଦର ପାଇ ଦୁଃଖ ଭୁଲିଯିବେ। କର୍ମକ୍ଷେତ୍ରରେ ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ସଙ୍ଗେ ସଙ୍ଗେ ସତ୍‌ସଙ୍ଗର ସୁଯୋଗ ପାଇବେ। ସ୍ୱାମୀ/ସ୍ତ୍ରୀଙ୍କ ଅମନୋଯୋଗୀ ଓ ଚିଡା ସ୍ୱଭାବ ଯୋଗୁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** ରବି ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ତର୍କବିତର୍କର ସୂତ୍ରପାତ ହେବ। ଆର୍ଥିକ ଦୁରବସ୍ଥାକୁ ବାଲ୍ୟବନ୍ଧୁ ଦୂରେଇ ନେବାରେ ସାହାଯ୍ୟ କରିବେ। ସାଂସ୍କୃତିକ କାର୍ଯ୍ୟ,ବାଣିଜ୍ୟ, ପରିବହନ, ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିବ। ପ୍ରତୀକ୍ଷିତ ଖବର ପାଇ ଆନନ୍ଦିତ ହେବେ।

**ମିଥୁନ** କର୍ମସ୍ଥାନରେ ଶନି ଓ ଚନ୍ଦ୍ର ରହିଥିବାରୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସଭାସମିତି, ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ଆଜିର ଯାତ୍ରା, ବାଣିଜ୍ୟ ବ୍ୟବସାୟ, ବନ୍ଧୁସମ୍ପର୍କ ଏବଂ ଜମିଜମା ସମ୍ପର୍କୀୟ କଥାବାର୍ତ୍ତାର ଆଲୋଚନା ଫଳପ୍ରଦ ହେବ।

**କର୍କଟ** ରାଶିର ସପ୍ତମରେ ଏକାଧିକ ଗ୍ରହ ରହିଥିବାରୁ ଆଜି ବିବାଦରେ ପଶିବା ଠିକ୍ ହେବନି। ଉଚ୍ଚସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ପରିବାରର ଖର୍ଚ୍ଚ ବୃଦ୍ଧିପାଇବା ହେତୁ ଚିନ୍ତା ଉଦ୍ରେକ ହେବ। ରୋଗପୀଡ଼ାର ଲାଘବ ସାଙ୍ଗକୁ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**ସିଂହ** ଅଷ୍ଟମ ଶନିଙ୍କ ସ୍ଥିତି ଜନିତ କୌଣସି କାମ ପରେ ପଶ୍ଚାତ୍ତାପ କରିପାରନ୍ତି। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆବୃତ୍ତି ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ମଧ୍ୟ ହେବେ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ବିଚଳିତ କରିବ।

**କନ୍ୟା** ନବମାଧିପତି କୋଣଭାବସ୍ଥ ଯୋଗୁ ସନ୍ତାନଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ପ୍ରତ୍ୟାବର୍ତ୍ତନ ପଥରେ ଖୋଜୁଥିବା ଲୋକଟିକୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହେବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ଦୂରେଇ ରହିବେ। ଆଜି ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା** ଉଚ୍ଚସ୍ଥ ମଙ୍ଗଳଙ୍କ ଯୋଗଫଳରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତିରେ ଭାରସାମ୍ୟ ରକ୍ଷା କରିପାରିବେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପରିବାର ସହମତିରେ ଯାନବାହନ, ବସ୍ତ୍ରଭୂଷଣାଦି କ୍ରୟ ଯୋଗ ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବିଛା** ସଫଳତା ଲାଭର ଯୋଗ ରହିଛି, କିନ୍ତୁ ଶନିଙ୍କ ଦୃଷ୍ଟି ଆପଣଙ୍କ ପ୍ରକାଶଭଙ୍ଗୀକୁ ଏପଟସେପଟ କରିଦେବ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା ସମସ୍ୟା ସୃଷ୍ଟି କରିବ। ପରିବାରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ତିକ୍ତତାର ସମାପ୍ତି ଘଟାଇବେ। ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ଆନୁଷ୍ଠାନିକ କାମରେ ଉତ୍ସାହିତ ହୋଇପାରନ୍ତି।

**ଧନୁ** ଚତୁର୍ଥସ୍ଥାନ ପାପଯୁକ୍ତ ଯୋଗୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟ କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର** ରାଶିରେ ରାଜଯୋଗ ଉନ୍ନତ ଚିନ୍ତା ଓ ଚେତନା ମାଧ୍ୟମରେ କାର୍ଯ୍ୟସିଦ୍ଧି କାରାଇ ପ୍ରଶଂସିତ କରାଇବ। ଗ୍ରହଦୃଷ୍ଟିର ପ୍ରଭାବରେ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଘଟିପାରେ। ପରିଜନ ଓ ବନ୍ଧୁ ମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ପାଇପାରନ୍ତି।

**କୁମ୍ଭ** ପରିସ୍ଥିତିର ବଶବର୍ତ୍ତୀ ହୋଇ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବନ୍ଧୁଙ୍କ ଠିକ୍ ଖବର ଦେବାରେ ହେଳା ଉଦ୍‌ବେଗର କାରଣ ହୋଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଆଲୋଚନା ପରିସରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ।

**ମୀନ** ସମସ୍ୟା ସୁଧୁରିଯାଇଥିବାରୁ ଉତ୍ସାହିତ ହୋଇପାରନ୍ତି। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ଶାନ୍ତି ସୌହାର୍ଦ୍ଦ୍ୟ ସହ ହସ ଖୁସିରେ ଅତିବାହିତ ହେବ। ଅଯଥା ଗୁଡାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟାସନ୍ତାନ ଦିବସ। ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ, ମାଘ ଶୁକ୍ଳ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୧୩ ଗତେ ଘ.୧୦।୩୫ ମଧ୍ୟେ ରାହୁକାଳ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜେଲ ଗଲେ ଯୁବକ



ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛନ୍ତି।

**ରଣପୁର, ୨୩।୧ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଗୁରୁବାର ଏକ ଲଜ୍ଜାଜନକ ଘାଟଣା ଘଟିଯାଇଛି। ଜଣେ ନାବାଳିକାଙ୍କୁ ୨ଜଣ ଦୁଆରୁ ଡାକି ନେଇ ଏକ ବୁଦାମୂଳେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ରଣପୁର ଥାନାରେ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ନଂ. ୨୬/୨୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଶୁକ୍ରବାର ଯୁବକଙ୍କୁ ଗିରଫ କରିବା ସହିତ ଏହି ଘଟଣାରେ ଜଡ଼ିତ ନାବାଳକଙ୍କୁ ଥାନାରେ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି।

ରଣପୁର ଥାନା ଅଞ୍ଚଳରେ ଜଣେ ନାବାଳିକା(୧୦)ଙ୍କ ପରିବାର ରୁହନ୍ତି। ଗୁରୁବାର ନାବାଳିକା ଘର ଆଗରେ ଖେଳୁଥିବା ସମୟରେ ଜଣେ ନାବାଳକ ତାକୁ ଖେଳିବା ପାଇଁ ଡାକି ନିକଟରେ ଥିବା ଏକ ବୁଦାମୂଳକୁ ନେଇ ଯାଇଥିଲେ। ସେଠାରେ ପ୍ରଶାନ୍ତ ନାୟକ (୨୩) ଓ ନାବାଳକ ଜଣଙ୍କ ମିଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ନାବାଳିକାଙ୍କୁ ଖୋଜି ମା’ ବୁଦାମୂଳକୁ ଯାଇଥିବା ବେଳେ ଝିଅ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରୁ ବଳାତ୍କାରୀ ଦ୍ୱୟ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କୁ ସେଠାରୁ ମା’ ଉଦ୍ଧାର କରିଥିଲେ। ଶୁକ୍ରବାର ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ରଣପୁର କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷେ ନାବାଳକଙ୍କୁ ଥାନାରେ ରଖାଯାଇଛି।

# ବାଘଛାଲ ଜବତ: ୩ ଗିରଫ



ବନ କର୍ମଚାରୀଙ୍କ ସହ ଜବତ ବାଘଛାଲ ଓ ଗିରଫ ଅଭିଯୁକ୍ତ।

**କୋଡ଼ିଙ୍ଗା, ୨୩।୧ (ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନ ବିଭାଗ କର୍ମଚାରୀ ଗୁରୁବାର ରାତିରେ ଏକ କଲରା ପତରିଆ ବାଘଛାଲ ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଝରିଗାଁ ବ୍ଲକ୍ ଦେଉଳକଣା ଗ୍ରାମର ଦାସରୁ ହରିଜନ, ବଳରାମ ଦାସ, ଧନସିଂ ଦାସ।

ସୂଚନାନୁଯାୟୀ, କଲରାପତରିଆ ବାଘଛାଲ ଚାଲାଣ ହେଉଥିବା ନେଇ କୋଡ଼ିଙ୍ଗା ବନ ବିଭାଗକୁ ଗୁରୁବାର ଖବର ମିଳିଥିଲା। ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ, କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୋଡ଼ିଙ୍ଗା ଥାନା ଆଇଆଇସି ଯୁଗଳ ଶବର, ଫରେଷ୍ଟର ପ୍ରଭାତ ବିଷୋୟୀ, ଫରେଷ୍ଟଗାର୍ଡ ଉମାଶଙ୍କର ପାଣିଗ୍ରାହୀ, ଲାଲୁ ବିଷୋୟୀ, ଦୀପକ ପ୍ରଧାନ, ନରେନ୍ଦ୍ର ପୂଜାରୀ, ଭବାନୀ ବିଷୋୟୀଙ୍କ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଟିମ୍ କୋଡ଼ିଙ୍ଗା ବନାଞ୍ଚଳର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ଏହି ସମୟରେ ନୁନପାଣି ଗ୍ରାମ ନିକଟରେ ଅଭିଯୁକ୍ତମାନେ ବାଇକ୍‌ରେ ଆସୁଥିବା ଦେଖି ବନ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ବାଘଛାଲ ମିଳିଥିଲା। କୋଡ଼ିଙ୍ଗା ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନୁଯାୟୀ କେସ୍ ନଂ. ୬୭/୨୬ରେ ଏକ ମାମଲା ରୁଜୁ କରାଯାଇଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

■ନିଖୋଜ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ ଘଟଣା: ୨ ଗିରଫ

■କ୍ରାଇମ୍ ସିନ୍ ରିକ୍ରିଏଶନ କଲା ପୋଲିସ

**ପାଟଣାଗଡ଼ ୨୩।୧ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଲରମ୍ଭା ଥାନା ହିର୍ଲି କାଦୋପାଣି ଛକ ନିକଟରୁ ଜଣେ ନିଖୋଜ ଯୁବକ ଶିବ ସାହୁଙ୍କ ରକ୍ତାକ୍ତ ମୃତଦେହ ଜବତ ହେବା ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରାଯାଇଥିବା ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ସୁଦାମ ବରିହା ଓ ଅର୍ଜୁନ ବରିହା। ତେବେ ସେମାନେ ଶିବଙ୍କୁ କିପରି ଓ କାହିଁକି ହତ୍ୟା କଲେ ସେ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପରେ ପୋଲିସ ସେମାନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରିଥିଲା। ଏହାପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଶିବଙ୍କ ପରିବାର ସଦସ୍ୟ ଅଭିଯୋଗ କରିବା ପରେ ଥାନାରେ ଏକ ହତ୍ୟା ମାମଲା(ନଂ.୮/୨୬) ରୁଜୁ ହୋଇଛି।




ଗିରଫ ୨ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ଲରମ୍ଭା ଥାନା ଅଧୀନ ମରାଳ ଗ୍ରାମର ଶିବ ବୁଧବାର ସନ୍ଧ୍ୟା ପୂର୍ବରୁ ସାଇକେଲ ଯୋଗେ ଘରୁ ବାହାରି ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଗୁରୁବାର ଅପରାହ୍ନ ସାଢ଼େ ୩ଟା ଶିବଙ୍କ ରକ୍ତାକ୍ତ ମୃତଦେହ ହିର୍ଲି କୋଦୋପାଣି ଛକ ନିକଟରେ ପଡିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ଡାକ୍ତରଖାନାକୁ ନେଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅଶ୍ଳୀଳ ଫଟୋ ଭାଇରାଲ, ଧରାପଡ଼ିଲେ ୨ ଯୁବକ

**ବଡ଼ଗାଁ, ୨୩।୧ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ୨ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଜରଙ୍ଗଲୋଇ ଗ୍ରାମର ପ୍ରମୋଦ କୁମାର ଦୀପ (୩୮) ଓ କ୍ଷୀରୋଦ କୁମାର ଗନ୍ଧା (୩୨)। ଏନେଇ ପୋଲିସ ନଂ. ୩୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟଣା ଅନୁଯାୟୀ, ଜଣେ ଯୁବକ ମୋବାଇଲ ଫୋନରେ ତାଙ୍କ ପ୍ରେମିକାଙ୍କ ଅଶ୍ଳୀଳ ଫଟୋ, ଭିଡିଓ ରଖିଥିଲେ। ତାଙ୍କର ଜଣେ ସାଙ୍ଗ ସେହି ଫଟୋ, ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏହା ଜଣାପଡ଼ିବା ପରେ ପ୍ରେମିକା ଜଣକ ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

See Career Appointment on every Wednesday & Saturday

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- ( @ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/-( @ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953 (PIA, DDRC, SUBARNAPUR)

## ନିୟନ୍ତ୍ରଣ ମଧ୍ୟରେ ବି ସ୍ୱାଧୀନତା:
## ଫ୍ଲେକ୍ସି କ୍ୟାପ୍ ଫଣ୍ଡ ନମନୀୟତାକୁ ବୁଝନ୍ତୁ

ଯେବେ ଆପଣ ନିବେଶ ପରିପ୍ରେକ୍ଷୀରେ ''ନମନୀୟତା'' ଶବ୍ଦ ଶୁଣନ୍ତି, ତାହା ଆପଣଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପରି ପ୍ରତୀତ ହୋଇପାରେ। କିନ୍ତୁ ବାସ୍ତବରେ, ବିଶେଷକରି ମ୍ୟୁଚୁଆଲ ଫଣ୍ଡ ପରି ନିୟନ୍ତ୍ରିତ ବଜାରରେ, 'ନମନୀୟତା' ସ୍ପଷ୍ଟ ଭାବରେ ପରିଭାଷିତ ସୀମା ମଧ୍ୟରେ କାର୍ଯ୍ୟ କରିଥାଏ। ସ୍ୱାଧୀନତା ଓ ନିୟନ୍ତ୍ରଣ କେମିତି ସହାବସ୍ଥାନ କରେ ଫ୍ଲେକ୍ସି କ୍ୟାପ୍ ପାଣ୍ଠି ହେଉଛି ତାହାର ଏକ ଉତ୍କୃଷ୍ଟ ଉଦାହରଣ। ଏହି ପାଣ୍ଠିଗୁଡ଼ିକ ଆପଣଙ୍କୁ ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନତା ଦେଇଥାଏ, କିନ୍ତୁ ତାହା ସର୍ବଦା ନିବେଶକ ଭାବରେ ଆପଣଙ୍କୁ ସୁରକ୍ଷା ଦେବା ପାଇଁ ପରିକଳ୍ପିତ ଏକ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଥାଏ।

### ନମନୀୟତାର ଅର୍ଥ ପ୍ରକୃତରେ କ'ଣ?

ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡ଼ିକୁ ପ୍ରିସେଟ୍ ଆବଣ୍ଟନ ସୀମା ବିନା ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ରେ ନିବେଶ କରିବାକୁ ଅନୁମତି ଦିଆଯାଇଛି। ବଜାର ଚକ୍ରର ବିଭିନ୍ନ ପର୍ଯ୍ୟାୟରେ କେଉଁଠାରେ ସୁଯୋଗ ଅଧିକ ଆକର୍ଷଣୀୟ ଦେଖାଯାଉଛି ତାହା ସ୍ଥିର କରିବାକୁ ଏହା ପାଣ୍ଠି ପରିଚାଳକମାନଙ୍କୁ ବିବେକାଧିକାର ପ୍ରଦାନ କରିଥାଏ।

ବାସ୍ତବରେ, ଏହାର ଅର୍ଥ ହେଉଛି ପୋର୍ଟଫୋଲିଓ ବିକଶିତ ହୋଇପାରେ। ଯେତେବେଳେ ଲାର୍ଜ କ୍ୟାପ୍ ଷ୍ଟକ୍ ଆପେକ୍ଷିକ ସ୍ଥିରତା ଏବଂ ଯୁକ୍ତିଯୁକ୍ତ ମୂଲ୍ୟାଙ୍କନ ପ୍ରଦାନ କରେ, ସେଠାରେ ଏକ୍ସପୋଜର ବୃଦ୍ଧି ପାଇପାରେ। ଯେତେବେଳେ ମଧ୍ୟମ କିମ୍ବା ଛୋଟ କ୍ୟାପ୍‌ରେ ଅଭିବୃଦ୍ଧି ସମ୍ଭାବନା ଅଧିକ ଶକ୍ତିଶାଳୀ ଦେଖାଯାଏ, ଆବଣ୍ଟନ ବଦଳିପାରେ। ଏହି ସ୍ୱାଧୀନତା ପାଣ୍ଠିକୁ ଏକ ସ୍ଥିର ସଂରଚନାରେ ବନ୍ଦ ରହିବା ପରିବର୍ତ୍ତେ ପରିବର୍ତ୍ତିତ ବଜାର ଅବସ୍ଥା ଅନୁଯାୟୀ ପ୍ରତିକ୍ରିୟାଶୀଳ ରହିବାକୁ ଅନୁମତି ଦେଇଥାଏ।

ତଥାପି, ଏହି ନମନୀୟତାର ଅର୍ଥ ଏହା ନୁହେଁ ଯେ ଆପଣ ନିୟମ ବିନା କାର୍ଯ୍ୟ କରିପାରିବେ।

### ନିୟାମକ ସୀମା ଯାହାକୁ ଆପଣ ଜାଣିରଖିବା ଉଚିତ୍

ଫ୍ଲେକ୍ସି କ୍ୟାପ୍ ପାଣ୍ଠି ସ୍ପଷ୍ଟ ନିୟାମକ ନିୟମ ଅନୁସରଣ କରେ। ସେମାନେ ସେମାନଙ୍କର ପୋର୍ଟଫୋଲିଓର ଅତି କମରେ ୬୫% ଇକ୍ୱିଟିରେ ବିନିଯୋଗ କରିବା ଆବଶ୍ୟକ ଓ ତାହା ବିବିଧ ରହିବା ଏବଂ ପ୍ରକାଶ ଏବଂ ବିପଦ ପରିଚାଳନା ଉପରେ କଠୋର ଆବଶ୍ୟକତା ପୂରଣ କରିବା ଆବଶ୍ୟକ। ଫଣ୍ଡ ପୋର୍ଟଫୋଲିଓଗୁଡିକ ନିୟମିତ ଭାବରେ ଶେୟାର୍ କରାଯାଏ, ଏବଂ ନିବେଶକମାନଙ୍କୁ ସୂଚନା ନ ଦେଇ ପାଣ୍ଠିର ଘୋଷିତ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ଏହି ନିୟମଗୁଡିକ ନିଶ୍ଚିତ କରେ ଯେ ଷ୍ଟକ୍ ବାଛିବାରେ ଫଣ୍ଡ ମ୍ୟାନେଜରଙ୍କର ନମନୀୟତା ଥିବାବେଳେ, ସେହି ନିଷ୍ପତ୍ତି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ନିଆଯାଇଥାଏ। ଏହା ସ୍ୱଚ୍ଛତା ଏବଂ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରେ, ତେଣୁ ଆପଣ ଆକସ୍ମିକ କିମ୍ବା ଅନିୟନ୍ତ୍ରିତ ପରିବର୍ତ୍ତନର ସମ୍ମୁଖୀନ ହୁଅନ୍ତି ନାହିଁ ଯାହା ପାଣ୍ଠିର ଅଧାଦେଶ ବାହାରେ ଥାଏ।

### ବିବେକ ଏବଂ ତଦାରଖ କିପରି ଏକତ୍ର କାର୍ଯ୍ୟ କରିଥାଏ

ପୋର୍ଟଫୋଲିଓକୁ ଆଡଜଷ୍ଟ କରିବାର ସ୍ୱାଧୀନତା ଫଣ୍ଡ ମ୍ୟାନେଜରଙ୍କର ଅଛି, କିନ୍ତୁ ସ୍ପଷ୍ଟ ନିୟମ ଅନୁଶାସନକୁ ସୁନିଶ୍ଚିତ କରିଥାଏ। ଏହାର ଅର୍ଥ ସେମାନେ ପାଣ୍ଠିକୁ ଅତ୍ୟଧିକ ବିପଦ ଆଡ଼କୁ ନେଇପାରିବେ ନାହିଁ କିମ୍ବା ଏହାର ଘୋଷିତ ଉଦ୍ଦେଶ୍ୟରୁ ଦୂରେଇ ନେଇପାରିବେ ନାହିଁ। ଆପଣଙ୍କ ପାଇଁ, ଏହି ସନ୍ତୁଳନ ନମନୀୟତାକୁ ସାର୍ଥକ ଏବଂ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ। ପୋର୍ଟଫୋଲିଓରେ ଯେକୌଣସି ପରିବର୍ତ୍ତନ ଆକ୍ରମଣାତ୍ମକ କିମ୍ବା ଅପ୍ରତ୍ୟାଶିତ ନିଷ୍ପତ୍ତି ପରିବର୍ତ୍ତେ ଯତ୍ନପୂର୍ବକ ଭାବେ ଏବଂ ଏକ ଉଦ୍ଦେଶ୍ୟ ସହିତ କରାଯାଇଥାଏ।

### ଜଣେ ନିବେଶକ ଭାବରେ ଆପଣ କ'ଣ ମନେରଖିବା ଉଚିତ୍

ନମନୀୟତା ସୁଗମ ରିଟର୍ଣ୍ଣର ଗ୍ୟାରେଣ୍ଟି ଦିଏ ନାହିଁ। ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକ ଅସ୍ଥିରତା ଅନୁଭବ କରିପାରନ୍ତି, ବିଶେଷକରି ଯେତେବେଳେ ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକର ଏକ୍ସପୋଜର ବୃଦ୍ଧି ପାଇଥାଏ। ସମଗ୍ର ବଜାର ଚକ୍ରରେ ଉପଲବ୍ଧ ନମନୀୟତାକୁ ପାଣ୍ଠି ପରିଚାଳକ କେତେ ଫଳପ୍ରଦ ଭାବେ ବ୍ୟବହାର କରନ୍ତି ତାହା ଉପରେ ଫଳାଫଳ ନିର୍ଭର କରିଥାଏ।

ଆପଣ ନିଜର ସମୟ ସୀମାକୁ ନେଇ ସ୍ପଷ୍ଟ ରହିବା ଉଚିତ୍। ଏହି ପାଣ୍ଠିଗୁଡ଼ିକ ସାଧାରଣତଃ ଦୀର୍ଘକାଳୀନ ବିନିଯୋଗ ପାଇଁ ଅଧିକ ଉପଯୁକ୍ତ, ଯେଉଁଠାରେ ବଜାର ଚକ୍ରକୁ ବୃଦ୍ଧି କିମ୍ବା ହ୍ରାସ ହେବା ପାଇଁ ଅଧିକ ସମୟ ମିଳିଥାଏ ଏବଂ ସ୍ୱଳ୍ପମିଆଦୀ ଅସ୍ଥିରତାର ପ୍ରଭାବ ଆପଣଙ୍କ ଉପରେ କମ୍ ପଡ଼ିଥାଏ।

### ବ୍ୟାପକ ଦୃଷ୍ଟିକୋଣ

ଫ୍ଲେକ୍ସି କ୍ୟାପ୍ ପାଣ୍ଠି ସ୍ୱାଧୀନତା ଏବଂ ନିୟମାବଳୀ ମଧ୍ୟରେ ଏକ ସନ୍ତୁଳନକୁ ପ୍ରତିଫଳିତ କରିଥାଏ। ନିବେଶକଙ୍କ ସ୍ୱାର୍ଥର ରକ୍ଷା ପାଇଁ ପରିକଳ୍ପିତ ସୁରକ୍ଷା ମଧ୍ୟରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକ ବଜାର ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ଆପଣଙ୍କୁ ସୁଯୋଗ ପ୍ରଦାନ କରିଥାଏ। ଏହି ସନ୍ତୁଳନକୁ ବୁଝିବା ଆପଣଙ୍କୁ ବାସ୍ତବବାଦୀ ଆଶା ସ୍ଥିର କରିବାରେ ସାହାଯ୍ୟ କରେ ଏବଂ ଏହିପରି ପାଣ୍ଠି ଆପଣଙ୍କ ଆର୍ଥିକ ଲକ୍ଷ୍ୟ ଏବଂ ବିପଦ ସହନଶୀଳତା ସହିତ ସମାନ କି ନୁହେଁ ତାହା ସ୍ଥିର କରିବାରେ ସାହାଯ୍ୟ କରେ।

ଉତ୍ସ: https://www.sebi.gov.in/legal/circulars/nov-2020/circular-on-introduction-of-flexi-cap-fund-as-a-new-category-under-equity-schemes_48108.html

ଦାବିତ୍ୟାଗ:
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ। ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal*

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ


Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାରକରି ବନ୍ଧାହେଲେ ଯୁବକ

**ଗୋପାଳପୁର, ୨୩।୧ (ନବୀନ ରାଜ ଆଚାରୀ)**

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଜେନାପୁର ବାଲିସାହି ଅଞ୍ଚଳର ବସନ୍ତ ମଲ୍ଲିକ (୨୧)। ଗତ ଡିସେମ୍ବର ୨୮ରେ ଗୋସାଣି ନୂଆଗାଁ ଥାନା ଅଞ୍ଚଳର ନାବାଳିକା ଜଣଙ୍କ ଗୋପାଳପୁରସ୍ଥିତ ପିଉସୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ବୁଲାବୁଲି ସରିବା ପରେ ପିଉସୀ ଓ ପିଉସା ତାଙ୍କୁ ବ୍ରହ୍ମପୁର ଯିବା ପାଇଁ ବସ୍‌ରେ ବସାଇଥିଲେ। କିନ୍ତୁ ନାବାଳିକା ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ନ ମିଳିବାରୁ ୨୯ ତାରିଖରେ ନାବାଳିକାଙ୍କ ଜେଜେମା’ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୫୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବସନ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପୋଲିସ ଖବରପାଇ ଢେଙ୍କାନାଳ ଜିଲା ବିଧାରପୁର ଗ୍ରାମରୁ ତାଙ୍କୁ ଧରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାକୁ ଅପହରଣ ସହ ବଳାତ୍କାର କରାଯାଇଥିବା ନେଇ ପୋଲିସ ନିକଟରେ ସେ ପ୍ରକାଶ କରିଥିଲେ। ଶୁକ୍ରବାର ନାବାଳିକାଙ୍କ ଡାକ୍ତରୀ ମାଇନା, ବିଚାର ପତି ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା। ବସନ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

DADLS-82
ଓଡ଼ିଶା ସରକାର



ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
ତା.୨୪.୦୧.୨୦୨୬

ସକାଳ ୮ ଘଟିକା– ମ୍ୟୁଜିୟମ୍ ଛକ, ଭୁବନେଶ୍ୱରସ୍ଥିତ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ସକାଳ ୧୦.୪୫ ମି. – ବି.ଜେ.ବି. ଉଚ୍ଚ ବିଦ୍ୟାଳୟ, ଖୋରଧା ପରିସରସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପୂର୍ବାହ୍ନ ୧୧ ଘଟିକା — ସାଧାରଣ ସଭା, ପୌର ପରିଷଦ, ଜୟୀ ରାଜଗୁରୁ ଟାଉନ୍‌ହଲ୍, ଖୋରଧା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ, ଓଡ଼ିଶା।
ସମ୍ମାନନୀୟ ଅତିଥି – ଖୋର୍ଦ୍ଧା ଜିଲ୍ଲାର ସାଂସଦ ଓ ବିଧାୟକ ବୃନ୍ଦ ଏବଂ ଜିଲ୍ଲା ପରିଷଦର ସଭାପତି ଓ ଉପସଭାପତି
ସଭାପତି – ଶ୍ରୀଯୁକ୍ତ ଅମ୍ରିତ୍ ଋତୁରାଜ,ଭା.ପ୍ର.ସେ,
ଜିଲ୍ଲାପାଳ, ଖୋରଧା

ପାଇକ ଆଖଡ଼ା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଜିଲ୍ଲା ପ୍ରଶାସନ, ଖୋରଧା
OIPR-

# ପ୍ରୋତ୍ସାହନ ଆବଶ୍ୟକ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଆଇ, ଆଇଟିବି କିମ୍ବା କେନ୍ଦ୍ରୀୟ ସଶସ୍ତ୍ର ବାହିନୀରେ କାର୍ଯ୍ୟକରିବା ଅର୍ଥ ହେଉଛି ପ୍ରତିଷ୍ଠା, ପ୍ରଭାବ ଏବଂ ଜାତୀୟ ଶକ୍ତିର ପ୍ରତ୍ୟକ୍ଷ ଅବଲୋକନ। ହେଲେ ଏବେ ଏହି ଆକର୍ଷଣ କ୍ଷୀଣ ହୋଇଯାଉଛି। ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି ସତ୍ତ୍ୱେ କେନ୍ଦ୍ରରେ ଅନେକ ଶହ ଆଇପିଏସ୍ ପଦବୀ ଖାଲି ପଡ଼ିଛି। ସ୍ତରରୁ ଉଣାପଡ଼ିଛି, ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ସମସ୍ୟା ନୁହେଁ; ଆଗ୍ରହର ଅଭାବ ରହିଛି। ଅଧିକାରୀମାନେ ଅଛନ୍ତି, କିନ୍ତୁ ସେମାନେ କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ଚାହୁଁନାହାନ୍ତି। ସିଧାକଥା ହେଉଛି, ନିଯୁକ୍ତି ଅନୁଯାୟୀ ସେମାନଙ୍କୁ ଲାଭ ମିଳୁନାହିଁ। କେନ୍ଦ୍ରୀୟ ଡେପୁଟେସନ ହେଉଛି ଆହ୍ୱାନପୂର୍ଣ୍ଣ ଏବଂ ଏଥିରେ କମ୍ ସ୍ୱାଧୀନତା, ବାଧିତ ଅଧିକ,କ୍ଷମତା ସୀମିତ। ଭବିଷ୍ୟତରେ କେନ୍ଦ୍ରୀୟ କିମ୍ବା ବିଦେଶରେ ନିଯୁକ୍ତି ଉପରେ କଟକଣା ସମେତ ଡେପୁଟେସନକୁ ପ୍ରତ୍ୟାଖ୍ୟାନ କରୁଥିବା ଅଧିକାରୀମାନଙ୍କୁ ଦଣ୍ଡିତକରିବା ସକାଶେ କାର୍ଯ୍ୟକାଳ ସମ୍ବନ୍ଧିତ ନିୟମଗୁଡ଼ିକ ଅନୁପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ପରିବର୍ତ୍ତେ ସେଗୁଡ଼ିକୁ ନେଇ ପ୍ରତିରୋଧ ସୃଷ୍ଟି ହୋଇଥିଲା। ଏବେ ଏକ ବ୍ୟବସ୍ଥାଗତ ପରିବର୍ତ୍ତନ ହେଉଛି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ ଆଇପିଏସ୍ଙ୍କ ପ୍ରାଧାନ୍ୟ ହ୍ରାସକରିବା ପାଇଁ କୋର୍ଟଗୁଡ଼ିକ ଜୋର ଦେଉଥିବାରୁ ବରିଷ୍ଠ ଡେପୁଟେସନ ସୁଯୋଗ କ୍ରମଶଃ ହ୍ରାସ ପାଉଥିବାରୁ ଲାଗୁଛି, ଯାହା ପୋଲିସ ବ୍ୟବସ୍ଥାରେ ଏକ ପିଢ଼ିଗତ ପରିବର୍ତ୍ତନକୁ ପ୍ରତିଫଳିତକରେ। ଅନେକ ଯୁବ ଅଧିକାରୀ ଦିଲ୍ଲୀର ସ୍ଥିରୀକୃତ ପଦାନୁକ୍ରମ ଅପେକ୍ଷା ରାଜ୍ୟ ପଦବୀରେ ଅଧିକ ପ୍ରଭାବ ଏବଂ ସ୍ୱଚ୍ଛତା ଦେଖୁଛନ୍ତି। ତେବେ ଏକ ବ୍ୟବସ୍ଥାରେ ଅର୍ଥ ତୁଳନାରେ ଖ୍ୟାତି, ସମ୍ମାନକୁ ଯେଉଁ ଗୁରୁତ୍ୱ ଦିଆଯାଉଥାଏ ତାହା ବଦଳିଯାଉଛି। ଯଦି କେନ୍ଦ୍ରୀୟ ଡେପୁଟେସନ ପ୍ରତି ବିଶ୍ୱସନୀୟତା ଫେରିପାଇବାକୁ ହୁଏ, ତେବେ ଏହାକୁ ଉନ୍ନତ ପ୍ରୋତ୍ସାହନ ଏବଂ କାର୍ଯ୍ୟର ସ୍ପଷ୍ଟ ମୂଲ୍ୟାୟନ ଆବଶ୍ୟକ।

### ଅନ୍ତିମ ଚେତାବନୀ

ନିକଟରେ ଆଇଏଏସ୍ ଅଧିକାରୀଙ୍କୁ ସେମାନଙ୍କ ସ୍ଥାବର ସମ୍ପତ୍ତି ରିଟର୍ନ (ଆଇପିଆର) ଦାଖଲକରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହିଭଳି ନିୟମିତ କରାଯାଉଛି, କିନ୍ତୁ ଏହାର ମାନେ କିଛି ନାହିଁ। ଜାନୁଆରୀ ୩୧ ସୁଦ୍ଧା ଆଇପିଆର୍ ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ପଦୋନ୍ନତି ବନ୍ଦ ହୋଇପାରେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଚେତାବନୀ ଦେଇଛି। କହିବାକୁ ଗଲେ, ଏହା କୌଣସି ନୂତନ ବାଧ୍ୟବାଧକତା ନୁହେଁ। ଆଇଏଏସ୍ ଅଧିକାରୀଙ୍କୁ ସର୍ବଦା ପ୍ରତିବର୍ଷ ସେମାନଙ୍କ ଅସ୍ଥାବର ସମ୍ପତ୍ତି ଘୋଷଣା କରିବାକୁ କୁହାଯାଏ। ତେବେ ସ୍ୱଚ୍ଛତା ହେଉଛି କାର୍ଯ୍ୟ ବିବରଣୀର ଏକ ଅଂଶ। ନୂତନ କଥା ହେଉଛି କଡ଼ା କାର୍ଯ୍ୟାନୁଷ୍ଠାନ। ବର୍ଷ ବର୍ଷ ଧରି ଆଇପିଆର୍ ଦାଖଲରେ ହେଉଥିବା ବିଳମ୍ବ କ୍ଷେତ୍ରରେ ରିମାଇଣ୍ଡର ବା ଅନୁସ୍ମାରକ ଜାରି କରାଯାଉଥିଲା, ସ୍ପଷ୍ଟୀକରଣ ଗ୍ରହଣ କରାଯାଉଥିଲା, ସମୟସୀମା ମଧ୍ୟ ବୃଦ୍ଧି କରାଯାଉଥିଲା। ଏବେ ସେହି ପର୍ଯ୍ୟାୟ ଶେଷ ହୋଇଗଲା ପରି ମନେହେଉଛି। ପ୍ରଯୁକ୍ତି ଅଧିକାଂଶ ସମସ୍ୟା ତଥା ତ୍ରୁଟିକୁ ଦୂର କରିଦେଇଛି। ୨୦୧୭ରୁ ଅଧିକାରୀମାନେ ଏସ୍ପିଆରଓଡବ୍ଲ୍ୟୁ ଅନଲାଇନ ପୋର୍ଟାଲ ମାଧ୍ୟମରେ ଆଇପିଆର୍ ଫାଇଲ କରିବାରେ ସକ୍ଷମ ହେଉଛନ୍ତି। ୨୦୨୫ ପାଇଁ ସେମାନଙ୍କୁ ଜାନୁଆରୀ ୩୧, ୨୦୨୬ ପରେ ବନ୍ଦ ହୋଇଯିବ। କୌଣସି ସମୟସୀମା ବୃଦ୍ଧି ନାହିଁ, କୌଣସି ମାନୁଆଲ ବ୍ୟବସ୍ଥା ନାହିଁ। ଯେଉଁ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆଇପିଆର୍ ଫାଇଲ କରିବାରେ ବିଫଳ ହେବେ ସେମାନଙ୍କୁ ଭେ-ମ୍ୟାଟ୍ରିକ୍ସର ପରବର୍ତ୍ତୀ ସ୍ତରରେ ନିଯୁକ୍ତି ପାଇଁ ବିବେଚନା କରାଯିବ ନାହିଁ। ବାସ୍ତବରେ ସ୍ୱଚ୍ଛତାକୁ କ୍ୟାରିୟରରେ ଗୁରୁତ୍ୱ ଦିଆଯାଉଛି। ସମାଲୋଚନାକାରୀମାନେ ଯୁକ୍ତି ବାଢ଼ଉଛନ୍ତି ଯେ ଏହି ପଦକ୍ଷେପ କଠୋର। କିନ୍ତୁ ବର୍ଷକୁ ଥରେ ସମ୍ପତ୍ତି ରିଟର୍ନ ଦାଖଲକରିବା ଏକ ଅଯୌକ୍ତିକ ଦାବି ନୁହେଁ।

### ବୈବାହିକ ସମ୍ପର୍କ ଓ ସ୍ଥାନାନ୍ତର

ବିବାହିଙ୍କ ଆନ୍ତଃ-କ୍ୟାଡର ସ୍ଥାନାନ୍ତର ମାନବୀୟ ସଂସ୍କାର ହେଲେ ମଧ୍ୟ କ୍ଷତିକାରକ ମନେହୁଏ। ତେବେ ସିଭିଲ ସର୍ଭିସେସ୍ ଅଧିକାରୀଙ୍କୁ ସରକାରୀ ସେବା ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରୁ ଗୋଟିକୁ ବାଛିବାକୁ ବାଧ୍ୟ କରାଯିବା ଉଚିତ ନୁହେଁ। କିନ୍ତୁ ଏହିପରି ଅନେକ ସ୍ଥାନାନ୍ତର ମୁଷ୍ଟିମେୟ କ୍ୟାଡରଙ୍କ ପାଇଁ ଲାଗୁ ହେଉଛି। ଏଣୁ ଏହାକୁ ବନ୍ଦକରିବାର ଏବଂ ପ୍ରଶ୍ନ ଉଠାଇବାର ସମୟ ଆସିଛି। ବିବାହଭିତ୍ତିକ ସ୍ଥାନାନ୍ତର ମାଧ୍ୟମରେ ଅଧିକ ସଂଖ୍ୟକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ହରିୟାଣା ଏବଂ ପଞ୍ଜାବ ଯିବାକୁ ଚାହିଁବା କେବଳ ଏକ ସଂଯୋଗ ନୁହେଁ। ଏହି କ୍ୟାଡରଗୁଡ଼ିକ ଦିଲ୍ଲୀର ନିକଟରେ ହେବାକୁ ଏବଂ ଉନ୍ନତ ଦୀର୍ଘ କ୍ୟାରିୟର ଦୃଷ୍ଟିକୋଣ ରଖୁଥାନ୍ତି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରସ୍ତୁତ ନିୟମଗୁଡ଼ିକ ଏବେ ରିପ୍ଲାନରକୁ ଅନୁମତିଦିଏ ଏବଂ ଏହାର ଯଥେଷ୍ଟ କାରଣ ଅଛି। ସମାନ ପ୍ରକାର କ୍ୟାରିୟର ମଧ୍ୟରେ ବିବାହ ଏବେ ଏକ ସାଧାରଣ କଥା। ଯେତେବେଳେ ଅନେକ ଅଧିକାରୀ ସମାନ କ୍ୟାଡରରେ ରହନ୍ତି, ସେତେବେଳେ ଅନ୍ୟ ରାଜ୍ୟଗୁଡ଼ିକ ପ୍ରତିଭା, ଅଭିଜ୍ଞତା ଏବଂ ସଂସ୍ଥାଗତ ଦକ୍ଷତା ହରାଇ ବସନ୍ତି। ତେବେ ସ୍ଥାନାନ୍ତର ନ୍ୟାୟ ବିଷୟରେ କ୍ୱଚିତ ଚର୍ଚ୍ଚା ହୁଏ। ଯେଉଁ ବାବୁମାନେ ବର୍ଷ ବର୍ଷ ଧରି କଠିନ କିମ୍ବା ଦୂରବର୍ତ୍ତୀ କ୍ୟାଡରରେ ବିତାଇଥାନ୍ତି ସେମାନେ ଲକ୍ଷ୍ୟ କରୁଛନ୍ତି ଯେ ପ୍ରାୟତଃ ସହକର୍ମୀମାନେ ଆଇନଗତ ଓ ସୁବିଧାଜନକ ରାସ୍ତା ଦେଇ ଅଧିକ ସୁନ୍ଦର ଭୌଗୋଳିକ ଅଞ୍ଚଳକୁ ଚାଲିଯାଉଛନ୍ତି। ଏଭଳି ଦୃଷ୍ଟିକୋଣ ଭଲ ନୁହେଁ। ଏଥିପାଇଁ କଡ଼ା କଟକଣା, ଅଧିକ ସ୍ୱଚ୍ଛତା ଏବଂ ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନର ଏକ ସାମୟିକ ଅଡିଟ୍ ହେବା ଦରକାର। ଏହା ନ ହେଲେ କ୍ୟାଡର ପରିଚାଳନାରେ ବୈବାହିକ ସମ୍ପର୍କ କ୍ୟାରିୟରକୁ ଦ୍ୱିଗୁଣ ତ୍ୱରାନ୍ୱିତ କରିବ।

Email: dilipcherian@gmail.com

# ବାଳିକା, ବିବାହ ଓ ବ୍ୟଥା



ଶୁଭନାରାୟଣ ଶତପଥୀ

ହଠାତ୍ ଦିନେ ୧୬ ବର୍ଷର ବାଳିକା ଲାଡ୍‌ଲିକୁ ବିଦ୍ୟାଳୟ ଯିବାକୁ ବାରଣ କଲେ ତା'ର ମାଆବାପା। ସେହିଦିନ ତାକୁ ନୂଆ ଶାଢ଼ି ପିନ୍ଧାଇ ସଜବାଜ କରାଇ ନେଇଗଲେ ଡ୍ରଇଂ ରୁମ୍‌କୁ। ଡ୍ରଇଂ ରୁମ୍‌ରେ ପୂର୍ବରୁ ବସିଥିଲେ ଲାଡଲିର ବାପା ଏବଂ କିଛି ଅଚିହ୍ନା ଅତିଥି। ଅତିଥିମାନଙ୍କ ମଧ୍ୟରେ ମହିଳାମାନେ ଅଧିକ ଥିଲେ। ସେହି ମହିଳାମାନେ ସଙ୍ଗେ ସଙ୍ଗେ ଲାଡଲିକୁ ଦେଖି ହସିଦେଲେ। ତା' ଗାଲରେ ଚୁମ୍ବନ ଦେଇ ନିଜ ମେଳରେ ବସାଇଲେ। ଅଜଣା ଲୋକମାନେ ଲାଡଲିକୁ ଚୁମ୍ବନ ଦେବାବେଳେ ଲାଡଲି ଅସହଜ ଅନୁଭବ କରୁଥିଲା। କିନ୍ତୁ ଲାଡଲି ଅନୁଭବ କରିପାରୁଥିଲା ତା' ମାଆବାପାଙ୍କର ସହମତି। ସେହି ମହିଳାମାନେ କହୁଥିଲେ ବୋହୂ ଆମର ଭାରି ପସନ୍ଦ। ଲାଡଲି କିଛି ବୁଝିବା ପୂର୍ବରୁ ବୋଧହୁଏ ତା'ର ବୋହୂ ହେବାର ଚିଟଉ ଲେଖା ସରିଥିଲା। ଜଣେ ମହିଳା ଜରିଗୁଡ଼ା ହୋଇଥିବା ଏକ ବିଡ଼ା ଜଣେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଲାଡ୍‌ଲିର ବାପାଙ୍କ ହାତକୁ ବଢ଼ାଇଦେଲେ। ବାପା ଭାରି ଖୁସି ଦେଖାଯାଉଥିଲେ। ଲାଡ୍‌ଲି ଏବେ ବୁଝିସାରିଥିଲା ଯେ, ତା'ର ବୟସ ପୂର୍ବରୁ ବିବାହ ନିଷ୍ପତ୍ତି ହୋଇସାରିଛି। ସେ ସେଠାରୁ ଉଠି ଧାଇଁଗଲା ଘର ଭିତରକୁ। ଦୁଆର ଦେଇ କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା। ଲାଡ୍‌ଲିର ମନକୁ ବୁଝିବା ପରିବର୍ତ୍ତେ ସେମାନେ କହୁଥିଲେ ଲାଡଲି ଲାଜରେ ଚାଲିଗଲା। ତା'ର ସମ୍ମତି ଅଛି ବୋଲି ଏଠାରେ ଜୋରଜବରଦସ୍ତ ଭାବରେ କୁହାଗଲା। ସେହିଦିନଠାରୁ ସାଙ୍ଗମାନଙ୍କ ସହିତ ମିଳାମିଶା ତା'ର ବନ୍ଦ। ବିଦ୍ୟାଳୟକୁ ଯିବା ବନ୍ଦ। ଘର ସତେଯେମିତି ତା'ପାଇଁ ବନ୍ଦୀ ଗୃହରେ ପରିଣତ ହୋଇଗଲା। ଲାଡ୍‌ଲି ଜଣିପାରୁଥିଲା ତା'ର ଭବିଷ୍ୟତ କଣ ହେବ, କାରଣ ଜଣେ ଶିଶୁ ଅଧିକାର କର୍ମୀ ଆସି କହିଥିଲେ ଏପରି ଦୃଶ୍ୟ ହେଉଛି ବାଲ୍ୟବିବାହର ପୂର୍ବାବସ୍ଥା, ଯାହା ଜୀବନ, ସୁଖ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସମୟ ଛଡାଇନିଏ। ଏମିତି କାହାରି ହେଉଥିବା ଜାଣିଲେ ଚାଇଲ୍ଡ ହେଲ୍ପଲାଇନକୁ ଫୋନ୍ କରିବ। ଲାଡ୍‌ଲି ସୁଯୋଗ ପାଇ ତା' ମାଆଙ୍କ ଫୋନ୍‌ରୁ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮କୁ ଫୋନ୍ କରି ସବୁକଥା କହିଲା। ଏହାପରେ ଉଦ୍ଧାର କାର୍ଯ୍ୟ ଓ ଥଇଥାନ ହେଲା। ଲାଡ୍‌ଲିର ବାଲ୍ୟବିବାହ ବନ୍ଦ ହେଲା ସତ, କିନ୍ତୁ ଏବେ ବି ଲାଡଲି ପରି ଅନେକ ବାଳିକା ଏମିତି ବାଲ୍ୟ ବିବାହର ଜାଲରେ ଛନ୍ଦି ହୋଇ ମାନସିକ ଓ ଶାରୀରିକ କଷ୍ଟ ପାଇବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଏ ପରିସ୍ଥିତି ପରେ ଲାଡ୍‌ଲିର ମନ ଭିତରେ ନିଜ ଲୋକମାନଙ୍କ ପ୍ରତି ଡର, ସାମାଜିକ ବ୍ୟବସ୍ଥା ପ୍ରତି ଅବିଶ୍ୱସନୀୟତା, ନିଜ ସମ୍ପର୍କୀୟମାନେ



ବିଶ୍ୱାସଘାତକ ବୋଲି ଧାରଣା ସୃଷ୍ଟି ହୋଇଗଲା।

ଅନ୍ୟ ଏକ ଘଟଣାରେ ସନ୍ତୋଷବାବୁଙ୍କର ଦୁଇଟି ଝିଅ। ବଡ଼ଝିଅର ବାହାଘର କରିବେ ଓ ଭଲ ଜ୍ୱାଇଁ ପୁଅଟିଏ ମିଳିବ ବୋଲି ତାଙ୍କର କେତେ ଆଶା। ସେଥିପାଇଁ ଝିଅର ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା, ଷ୍ଟାଟସକୁ ବିଚାରକୁ ନେଇ ଯେଉଁ ଜ୍ୱାଇଁ ଖୋଜୁଥିଲେ ତାହା ସମାଜରେ ବିରଳ। ଏମିତି ଜ୍ୱାଇଁ ଖୋଜୁ ଖୋଜୁ ଝିଅର ବୟସ ଚାଳିଶ ପାର୍। ଆଉ କିଏ ବାହାହେବ ? ନାନାକଥା ଟାହିଟାପରା ଶୁଣିଲେ ସନ୍ତୋଷବାବୁ। କିଏ କହିଲା ଚାଖି ଚାଖି ଚାଳିଶ ତ ଆଉ କିଏ କହୁଥିଲା ଚୋପା ଛଡ଼ାଇ ଛଡ଼ାଇ ଚୋପାଛଡ଼ା। ସନ୍ତୋଷବାବୁ ମନେମନେ ଭାବୁଥିଲେ ଝିଅ ବାହାଘର ପାଇଁ ପ୍ଲାନିଂ ବଡ଼ କଥା। କ୍ୟାରିଅର, ଯୋଗ୍ୟତା, ଶିକ୍ଷା, ବୟସ, ବିବାହ, ଚାକିରି ସର୍ବୋପରି ତା'ର ଇଚ୍ଛାକୁ ସମ୍ମାନ ଦେଇ ସମୟୋଚିତ ନିଷ୍ପତ୍ତି ଝିଅଟିକୁ ବୈବାହିକ ତଥା ଉପଯୁକ୍ତ ଜୀବନସାଥୀ ଦେଇପାରିଥାନ୍ତା। ତେବେ ଏକ ମଧ୍ୟସ୍ଥର ସାହାରା ନେଇ ଶେଷରେ ଜଣେ ଦ୍ୱିତୀୟ ବିବାହିତ ପୁରୁଷ ସହିତ ଅନେକ ଡେରିରେ ବିବାହ କରାଇଲେ। ଏଠି କଥା ଉଠୁଛି ଝିଅର ମାନସିକତା କ'ଣ ହେଉଥିବ। ଯେଉଁ ସମୟରେ ଯେଉଁ କଥା ତାହା ହୋଇପାରିଲା ନାହିଁ। ଏହାକୁ ଦେଖି ବିଜୟବାବୁ କହିଲେ ହଉ ଭାଇ ଜାତିରେ ଝିଅ ମିଳୁ ନାହାନ୍ତି ବୋଲି ଜାଣିଜାଣି ଝିଅକୁ ବୁଢ଼ୀ କରିଦେଲ ? ଦେଖ ମୁଁ କ'ଣ କରିଛି ? ଝିଅ ବାହାଘର ପାଇଁ ମଧ୍ୟସ୍ଥକୁ ଟିପ୍ପଣୀ ଦେଇ କହିଲି ମୁଁ ଦେବିନି ନେବି। ମଧସ୍ଥ ଏକ ବରପାତ୍ର ଯୋଗାଡ କଲା, ଯିଏ ପାଞ୍ଚଲକ୍ଷ ଦେଇ କନିଆ ଘରର ଭୋଜିଭାତ, ଅଳଙ୍କାର, ସାଜସଜ୍ଜା ଖର୍ଚ୍ଚ ବହନ କରି ଝିଅର ହାତ ଧରିଲା। ତେବେ ମିଳିବାର ମୋହରେ ଝିଅର ବିବାହ ବୟସ ଟିକେ ଗଡ଼ିଯାଇଥିଲେ ହେଁ ବିଜୟବାବୁଙ୍କ ଦୁଃଖ ନଥିଲା। କରଣ ସେ କହୁଥିଲେ ଟିକେ ବାର୍‌ଗେନ୍ କଲେ ସିନା ବେନିଫିଟ ମିଳିବ। ଏପଟେ ମାଆବାପାଙ୍କ ଏପରି କାର୍ଯ୍ୟକଳାପ ଦେଖି ବିଜୟବାବୁଙ୍କ ସାନଝିଅ ଚମ୍ପା ଯୁକ୍ତ ୨ ପଢିବାବେଳେ କଲେଜର ଏକ ସାଙ୍ଗ ସହିତ ଚମ୍ପଟ। ବିବାହର ଦୁଇ ବର୍ଷ ପରେ ପୁଣି ଝିଅ ଆସି ବିଜୟବାବୁଙ୍କ ପାଖରେ। କରଣ ହେଉଛି ଝିଅପୁଅ ଖାପଖୁଆଇ ଚଳିପାରିଲେ ନାହିଁ। ଫେରିଆସିଲା ଝିଅ ପୁଣି ବିଜୟବାବୁଙ୍କ ପାଖକୁ। ବଡ କଷ୍ଟରେ ଅଙ୍ଗନୱାଡି କର୍ମୀଙ୍କ ପରାମର୍ଶରେ ତା'ର ପୁନର୍ବିବାହ କରାଇଲେ। ଏମିତି ଅନେକ ଘଟଣା ଅଜିକାଲି ଖବରକାଗଜରେ ପଢ଼ିବାକୁ ମିଳୁଛି। ଏ ଅସନ୍ତୁଳନ ବାସ୍ତବରେ ବିପଦ। ସମାଜକୁ କୁଆଡେ ନେଉଛି ତାହା ବିଚାରଯୋଗ୍ୟ।

ଏପରି ଘଟଣାରେ ମାତାପିତା, ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମାଜରେ ବାଳିକାମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ହେଲାଣି। ପାଠ ପଢ଼ିବାଠାରୁ ବିବାହ ଖର୍ଚ୍ଚ ପର୍ଯ୍ୟନ୍ତ ବ୍ୟବସ୍ଥା ହେଲାଣି। ତଥାପି ସମାଜ ଓ ପରିବାରରେ ଅସନ୍ତୁଳନ ଦାୟିତ୍ୱ, କର୍ତ୍ତବ୍ୟ, ମାନସିକତାକୁ ନେଇ ବାଳିକାମାନେ ଦ୍ୱନ୍ଦ୍ୱରେ ପଡ଼ି ହଇରାଣ ହରକତ ହୁଅନ୍ତି। ତାଙ୍କୁ ମାର୍ଗଦର୍ଶନ କରିବା ଦୂରର କଥା ସେମାନଙ୍କୁ ବିପଦକୁ ଠେଲିଦେଉଛନ୍ତି ପାଖରେ ରହୁଥିବା, ଲାଳନପାଳନ କରୁଥିବା ବ୍ୟକ୍ତିବିଶେଷ ଓ ସମ୍ପର୍କୀୟ। ମାତାପିତା ବା ସମ୍ପର୍କୀୟ ଲୋଭ, ସ୍ୱାର୍ଥରେ ପଡି ବାଳିକାର କିଣାବିକା, ଚାଲାଣ କରିବାକୁ ବି ପଛାଉ ନାହାନ୍ତି। ଯଦିଓ ମାତାପିତାଙ୍କ ଦୁର୍ବଳ ମାନସିକତା, ଅଶିକ୍ଷା, ପାରମ୍ପରିକ ସାମାଜିକ ବ୍ୟବସ୍ଥା ଏଥିପ୍ରତି ଦାୟୀ ତଥାପି ସାମାଜିକ ଉନ୍ନତି ଓ ଅଭିବୃଦ୍ଧିରେ ନିଜ ଝିଅକୁ ନିଜ ଗୋଡରେ ଠିଆ କରାଇ ମନଲାଖି ବରପାତ୍ର ଯୋଗାଡ କରିବା, ପାରିବାରିକ ଭିତ୍ତିଭୂମିକୁ ଅନୁଧ୍ୟାନ କରିବା, ଆଇନଗତ ଦିଗକୁ ଲକ୍ଷ୍ୟ କରିବା, ସମାନ ମାନସିକତା ଆଧାରିତ ପରିବାର, ଝିଅପୁଅଙ୍କୁ ପରଖିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜରେ ପାରିବାରିକ ସହାବସ୍ଥାନ ନିମନ୍ତେ ବିବାହର ଆବଶ୍ୟକତା ରହିଛି। କିନ୍ତୁ ବିବାହ ଝିଅ ପାଇଁ ବେଡି ନ ହେଉ। ଏହା ବୁଝିବାରେ ଆବଶ୍ୟକତା ରହିଛି। ତେବେ ଯେଉଁ ବାଳିକାଙ୍କର ଏକକ ଅଭିଭାବକ ଥାଆନ୍ତି ବା ମାତାପିତା ମୃତ୍ୟୁବରଣ କରିଥାନ୍ତି ସେମାନଙ୍କ ଅବସ୍ଥା ଅଧିକ ଜଟିଳ। ଏ ପରିପ୍ରେକ୍ଷୀରେ କିଶୋରୀମାନଙ୍କୁ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଚିହ୍ନଟ କରି ପରିବାର ସଦସ୍ୟାସଦସ୍ୟଙ୍କ ସହିତ ଆଲୋଚନା କରି ବାଳିକାଙ୍କ ଭବିଷ୍ୟତ ତଥା ଶିକ୍ଷାଗତ ଯୋଗ୍ୟତା ଲକ୍ଷ୍ୟ ପୂରଣ, ବୈବାହିକ ଜୀବନର ସୁଖ ସୁବିଧା ପରିପୂରଣ ନିମନ୍ତେ ସନ୍ତୁଳନ ରକ୍ଷା କରି ବିବାହ ଯୋଜନା କରାଯାଇପାରେ। ଏହା ଯୋଗୁ ଅନ୍ତତଃ ବାଲ୍ୟବିବାହ, ପଳାୟନ ବିବାହ, ପୁନର୍ବିବାହ ଓ ବିଳମ୍ବ ବିବାହ ଭଳି ବ୍ୟଥାକୁ ଏଡାଇ ଦିଆଯାଇପାରିବ। ଫଳରେ ବାଳିକାଟିଏ ବଡ଼ ହୋଇ ସୁସ୍ଥ ଜୀବନଯାପନ, ଉପଯୁକ୍ତ ଜୀବନସାଥୀ ପାଇବାର ସୁଯୋଗ ଲାଭ କରିପାରିବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

# ବୁଦ୍ଧି–ଜ୍ଞାନ



ଡ. ବାସୁଦେବ ମିଶ୍ର

ବେଳେବେଳେ ଦେଖାଯାଏ, ବୁଦ୍ଧି ପାଖରେ ବିଦ୍ୟା ଓ ଧନ ଉଭୟେ ହାର୍ ମାନନ୍ତି। ଏକଥା ସତ ଯେ, ଜୀବନଧାରଣ ନିମିତ୍ତ ବିଦ୍ୟା ଓ ଧନର ନିତାନ୍ତ ପ୍ରୟୋଜନ ରହିଛି। ଜୀବନଧାରଣ ପାଇଁ ଆବଶ୍ୟକ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଧନ ଦ୍ୱାରା ପ୍ରାପ୍ତ କରିହୁଏ। ସେମିତି ମନ ଓ ହୃଦୟର କ୍ଷୁଧାକୁ ଉପଶମ କରିବା ପାଇଁ ବିଦ୍ୟା ବା ଜ୍ଞାନର ଆବଶ୍ୟକତା ରହିଛି। ତା' ସହିତ ଏକଥା ମଧ୍ୟ ସତ୍ୟ ଯେ ବୁଦ୍ଧି ବ୍ୟତିରେକେ ଧନ ଓ ଜ୍ଞାନର ସୁପରିଚାଳନା କରିହୁଏ ନାହିଁ। ତା' ପରେ ପୁଣି ବୁଦ୍ଧି ସହିତ ଯଦି ବିବେକର ସହଯୋଗ ମିଳେ, ତେବେ ସତରେ, ଜୀବନରେ ଚାରଚାଁନ୍ଦ ଲାଗିଯାଏ। ପାଖରେ ପ୍ରଚୁର ଧନ ଥିଲେ ମଧ୍ୟ ବୁଦ୍ଧି ମୁତାବକ କାର୍ଯ୍ୟ କରି ନ ପାରିଲେ ଧନର ସମୁଚିତ ଉପଯୋଗ ସମ୍ଭବ ହୁଏ ନାହିଁ। ବୁଦ୍ଧିର ଅଭାବ ହେଲେ ଜ୍ଞାନର ସମୁଚିତ ଉପଯୋଗ କରିବା ମଧ୍ୟ ସମ୍ଭବ ହୁଏନାହିଁ। କହିବା ଅନାବଶ୍ୟକ, ଜ୍ଞାନ ଓ ବୁଦ୍ଧି ଦୁହେଁ ପରସ୍ପରର ନିହାତି ପାଖାପାଖି। ବୁଦ୍ଧି ଦ୍ୱାରା ଜ୍ଞାନର ପ୍ରସାର କରାଯାଇପାରେ। ପୁଣି ଜ୍ଞାନ ଦ୍ୱାରା ବୁଦ୍ଧିକୁ ଦୀପ୍ତ ଏବଂ ତୀବ୍ର କରାଯାଇପାରେ। ଏହା ଅନେକ ସମୟରେ ଆମ ଜୀବନର ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସାହାଯ୍ୟ କରିଥାଏ। ଗୋଟିଏ ସରସ, ସୁନ୍ଦର ଏବଂ ପରିପୁଷ୍ଟ ଜୀବନ ବଞ୍ଚିବା ପାଇଁ ପଥ ପରିଷ୍କାର କରେ। କେବଳ ନିଜର ଜୀବନ ନୁହେଁ, ଅନ୍ୟ ଜୀବନର ତଥା ସମାଜର ସମୁନ୍ନତି ସାଧନ କରିବାରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ ହୋଇଯାଏ।

ବସ୍ତୁତଃ ଜ୍ଞାନ ଆଉ ବୁଦ୍ଧି ଭିତରେ କିଛିଟା ପ୍ରଭେଦ ରହିଛି। ଆମର ଧାରଣା– ବହୁତ ପାଠ ପଢ଼ିଥିବା ଲୋକଟା ବୁଦ୍ଧିମାନ୍। କିନ୍ତୁ ସେପରି କିଛି କଥା ନାହିଁ। ଏମିତି ବେଶି ପାଠ ପଢ଼ିଥିବା ଅନେକ ଲୋକ ଆମ ଭିତରେ ଅଛନ୍ତି, ଯେଉଁମାନେ ଭଲ ସରକାରୀ ଚାକିରି ବି କରିଛନ୍ତି, କିନ୍ତୁ ବେଳେବେଳେ ନିହାତି ନିର୍ବୁଦ୍ଧିଆଙ୍କ ପରି କାମ କରନ୍ତି। ଚିରାଚରିତ ଭାବରେ ପ୍ରଥମେ ଗାଁ ସ୍କୁଲ, ଗାଁରେ ଥିବା ଅଥବା ଗାଁ ପାଖରେ ଥିବା ମହାବିଦ୍ୟାଳୟରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ସହରକୁ ଯାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ସମଗ୍ର କ୍ୟାରିୟରରେ ଉଚ୍ଚା ପର୍‌ସେଣ୍ଟରେ ମାର୍କ ଥିବାରୁ ସରକାରୀ ଚାକିରି ମିଳିବା ମଧ୍ୟ ସହଜ ହୋଇଯାଏ। କିନ୍ତୁ ଏ ସବୁ ଦ୍ୱାରା ବୁଦ୍ଧି ଥିବାର କିଛି ପ୍ରମାଣ ହୁଏନାହିଁ। ବହିରେ ଲେଖାଥିବା ପାଠକୁ ମୁଖସ୍ଥ କରି ପରୀକ୍ଷା ଖାତାରେ ଲେଖିଲେ ତା' ଉପରେ ମାର୍କ ମିଳେ। କେଉଁପରି ପ୍ରଶ୍ନର କେଉଁପରି ଉତ୍ତର ଲେଖିବା ଆବଶ୍ୟକ, ସେଥିପାଇଁ ମଧ ଆଜିକାଲି ପରିଶ୍ରମ କରିବାକୁ କିମ୍ବା ମୁଣ୍ଡ ଖଟାଇବାକୁ ପଡ଼େନାହିଁ। ପଢ଼ିଥିବା ବିଷୟ ଉପରେ ପଡ଼ିବାକୁ ଥିବା ପ୍ରଶ୍ନର ଉତ୍ତରଟିଏ ନିଜକୁ ସଜାଡ଼ି ଲେଖିବାକୁ ପଡ଼େନାହିଁ। ପରୀକ୍ଷାରେ ପଡ଼ିବାକୁ ଥିବା ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକ ଉତ୍ତର ସହିତ ବ୍ୟବସାୟ ସୂତ୍ରରେ ପ୍ରେସ୍‌ରେ ଛପାହୋଇ ଟେଷ୍ଟ ପେପର, ମିନିଂ ବୁକ୍ ଆକାରରେ ବଜାରରେ ମିଳୁଛି। ସେଗୁଡ଼ିକୁ ପଢ଼ି, ମୁଖସ୍ଥ କରି ପରୀକ୍ଷା ଖାତାରେ ଲେଖିବା ଯାହା ଛାତ୍ରୀଛାତ୍ରଙ୍କର କାମ। ବାସ୍, ଉଚ୍ଚା ଦରର ମାର୍କ ମିଳିବାରେ ଆଉ ଅସୁବିଧା ନାହିଁ। ଏଥିରେ ବୁଦ୍ଧିର ପଇସାକର କାମ ମଧ ନାହିଁ। ତା'ଛଡ଼ା ଆଜିକାଲି ପିଲାଙ୍କୁ ପରୀକ୍ଷାରେ ଅଧିକ ପରିଶ୍ରମ ଯେପରି



କରିବାକୁ ନ ପଡ଼ିବ, ସେଥିପାଇଁ ଅର୍ଦ୍ଧେକ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦେବା ପାଇଁ କୁହାଯାଉଛି। କେତେକ ପ୍ରଶ୍ନର ଉତ୍ତର କେବଳ 'ହଁ' କିମ୍ବା 'ନାହିଁ'ରେ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। କେତେକ ପ୍ରଶ୍ନର ଉତ୍ତରକୁ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଏମ୍‌ସିକ୍ୟୁ ପୃଷ୍ଠାରେ ଗୋଟିକୁ ବାଛିବାକୁ କୁହାଯାଉଛି। ପଢ଼ିଥିବା ବିଷୟ ଅନୁସାରେ ପ୍ରଶ୍ନର ଉତ୍ତରଟିକୁ ସଜାଡ଼ି ନିଜ ମନରୁ ଦୁଇଧାଡ଼ି ଲେଖିବାର ସୁଯୋଗ ନାହିଁ କହିଲେ ଚଳିବ। ଭାଷା ପରୀକ୍ଷାରେ କେବଳ ପ୍ରବନ୍ଧକୁ ଛାଡ଼ିଦେଲେ ଦୀର୍ଘ ଉତ୍ତର ପାଇଁ ପ୍ରଶ୍ନ ନାହିଁ, ଯେଉଁଥିରେ ଅନ୍ତତଃ ପିଲାଟିର ବିଚାରଜ୍ଞାନ ପ୍ରକାଶିତ ହୋଇପାରନ୍ତା। କୌଣସି ଚରିତ୍ରକୁ ଚିତ୍ରଣ କରିବାରେ ତାର ବିଚାରବତ୍ତା, ଲେଖିବା ଶୈଳୀ, ଭାଷା ଓ ଭାବ ଇତ୍ୟାଦି ପ୍ରକାଶିତ ହୁଅନ୍ତା, ସେଥିପାଇଁ ସେ ଶ୍ରମ କରନ୍ତା, କସରତ କରନ୍ତା। ଭବିଷ୍ୟତରେ ଜଣେ ଭଲ ଲେଖକ ଓ ସାହିତ୍ୟିକ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରନ୍ତା। ସ୍କୁଲ ଓ କଲେଜରେ ପଢ଼ିବା ସମୟରେ ଏଇ ମିନିଂ ବୁକ୍ ଏବଂ ଟେଷ୍ଟପେପରଗୁଡ଼ିକ ପିଲାଟିକୁ ସେପରି ଶ୍ରମ ଓ କସରତ କରିବାକୁ ଦିଅନ୍ତି ନାହିଁ। ଫଳରେ ଏପରି ହୁଏ, ଗ୍ରାଜୁଏଶନ ପରେ ମଧ ସାମାନ୍ୟ ଦରଖାସ୍ତ ଖଣ୍ଡିଏ ଲେଖିବା ତା' ପକ୍ଷରେ ସମ୍ଭବ ହୁଏନାହିଁ।

ଅନେକ ସମୟରେ ଆମେ ଦେଖୁ ଖଳବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନେ ଅଧିକ ବୁଦ୍ଧିମାନ୍ ହୋଇଥା'ନ୍ତି। କେବେ କେମିତି ପୋଲିସ୍‌ଠାରୁ ଚୋରର ବୁଦ୍ଧି ବେଶି ବୋଲି ପ୍ରମାଣିତ ହୁଏ। ପାଠ କମ୍‌ଥାଉ କି ବେଶି, ସେଥିରେ କିଛି ଯାଏଆସେ ନାହିଁ। ତା'ର କାରଣ ହେଲା ପାଠରେ କସରତ କରିବା ଅପେକ୍ଷା ସେମାନେ ବୁଦ୍ଧିରେ ଅଧିକ କସରତ କରିଥା'ନ୍ତି। ଅନ୍ୟର ଖୁଣ ଦେଖିବା, ଅନ୍ୟର କୁତ୍ସାରଟନା କରିବା, ଅନ୍ୟଠାରୁ କିଛି ଲୁଟ୍‌କରି ନେବାର ଯୋଜନା ପ୍ରସ୍ତୁତ କରୁଥିବା ଲୋକଙ୍କୁ ସବୁଠି ଦେଖିବାକୁ ପାଇବେ। ଗୋଟିଏ ଗାଆଁରେ ଭଲ ଲୋକ ହୁଏତ ଥାଇ ନ ପାରନ୍ତି, କିନ୍ତୁ ଏପରି ଖଳଲୋକ ନ ଥାଇ ଗାଆଁ ନାହିଁ। ଫକୀରମୋହନଙ୍କ ଭାଷାରେ "ମାଛ ନ ଥାଇ ପୋଖରୀ ଥାଇପାରେ, କିନ୍ତୁ ଖଳଲୋକ ନ ଥାଇ ଗାଆଁ ନାହିଁ।"

ରାତି ଅଧରେ ଘରୁ ପଦାକୁ ବାହାରିଥିବା ଲୋକଟି ଗାଁ ଦାଣ୍ଡରେ ଅଜଣା ଲୋକଟାକୁ ବୁଲୁଥିବା ଦେଖି ବଡ଼ ପାଟିକରି ସମସ୍ତଙ୍କୁ ଡାକିଦେଲା– "ଧାଇଁଆସ, ଆମ ଗାଆଁରେ ଚୋର"। ନିଦରୁ ଉଠି ଲୋକେ ଧାଇଁଲେ ଚୋର କେଉଁଠି ଅଛି ଖୋଜିବାକୁ। ଗାଆଁଟାଯାକ ଲୋକ ଟର୍ଚ୍ଚମାରି ଚୋରକୁ ପ୍ରତି ଘରର ଛାତଠାରୁ ଆରମ୍ଭକରି କଚ୍ଚା ଘରର ପିଢ଼ା ଓ ଚାରିପାଖ, ଗଛ ଉପର ସବୁଆଡ଼େ ଖୋଜିଖୋଜି ନୟାନ୍ତ ହେଲେ ସିନା ଚୋରର କିଛି ସନ୍ଧାନ ପାଇଲେ ନାହିଁ। ହାଲିଆ ହୋଇ ପୁଣି ଗଲେ ଶୋଇବାକୁ। ଚୋରଟି ପୋଖରୀ ଭିତରୁ ଉଠି ନିଜ ଭିଜା ଲୁଗାକୁ ଚିପୁଡ଼ିବା ପରେ ଗଛ ଆଢୁଆଳରେ ଲୁଚାଇ ରଖିଥିବା ନିଜ ସାଇକେଲଟାକୁ ବାହାର କରି ମନ ଦୁଃଖରେ ଗଲା ଘରକୁ। କଥାଟା ହେଲା– ଲୋକେ ନିଦରୁ ଉଠି ଚୋରକୁ ଖୋଜୁଥିବାବେଳେ ଚୋରଟି ଗାଁ ଦଳୁଆ ପୋଖରୀରେ ପଶି ମେଞ୍ଚାଏ ଦଳ ନିଜ ମୁଣ୍ଡ ଉପରେ ରଖିଦେଇଥିଲା ଏବଂ ସମସ୍ତଙ୍କର ଧାଁ ଧପଡ଼କୁ ମନଭରି ଉପଭୋଗ କରୁଥିଲା। ଏଥର ଦେଖନ୍ତୁ– ବୁଦ୍ଧି କାହାର ବେଶି। ଗାଆଁଟାଯାକ ଲୋକଙ୍କର ନା ଚୋରର!

**ଦଶରଥପୁର, ଯାଜପୁର**
**ମୋ: ୮୯୧୭୨୭୨୭୭୩**

## ଏଇ ଭାରତରେ

ବାୟୁ ପ୍ରଦୂଷଣ ଏବେ ଭାରତର ପ୍ରମୁଖ ସହରଗୁଡ଼ିକରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ ଏଥିରୁ ରକ୍ଷାପାଇବା ଲାଗି ଘରେ ଏୟାର ପ୍ୟୁରିଫାୟର ଦରକାର ହେଲାଣି। ସମସ୍ତେ ଏହାକୁ ବ୍ୟବହାର କରିପାରୁ ନାହାନ୍ତି, କାରଣ ଏହାର ମୂଲ୍ୟ ଅଧିକ। ତେବେ ଲୋକମାନେ କିଭଳି ଶସ୍ତାରେ ଏୟାର ପ୍ୟୁରିଫାୟର ପାଇପାରିବେ ସେଥିପାଇଁ ବେଙ୍ଗାଲୁରୁର ଆୟୁଷ ଝାଙ୍କ ସଫଳ ଉଦ୍ୟମ ପ୍ରଶଂସନୀୟ। ସେ କମ୍ ଖର୍ଚ୍ଚରେ ଏୟାର କଣ୍ଡିଶନରକୁ ସ୍ମାର୍ଟ ଏୟାର ପ୍ୟୁରିଫାୟରରେ ପରିଣତ କରୁଛନ୍ତି। ଏହା ବଜାରରେ ମିଳୁଥିବା ଏୟାର ପ୍ୟୁରିଫାୟରଠାରୁ ଶସ୍ତା ଅର୍ଥାତ୍ ତା' ମୂଲ୍ୟର ଏକ ଶତାଂଶରେ ତିଆରି ହୋଇପାରୁଛି। ୨୦୧୭ରେ ଆୟୁଷଙ୍କ ପିତା ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନହେବା ପରେ ଶସ୍ତା ଏୟାର ପ୍ୟୁରିଫାୟର ତିଆରିକରିବା ସକାଶେ ସେ ଆୟୁଷ ଗବେଷଣା ଆରମ୍ଭ କରିଦେଇଥିଲେ। ଆୟୁଷ ପୂର୍ବରୁ ଏକ ଷ୍ଟାର୍ଟଅପ୍‌ରେ କାମ କରୁଥବାରୁ ଗବେଷଣା ପାଇଁ ତାଙ୍କୁ ଅନେକ କ୍ଷେତ୍ରରୁ ସହଯୋଗ ମିଳିଥିଲା। ସେ ଦିଲ୍ଲୀ ଏନ୍‌ସିଆର୍, ବେଙ୍ଗାଲୁରୁ, ହାଇଦ୍ରାବାଦ ସହରରେ ଏସିକୁ ସ୍ମାର୍ଟ ଏୟାର ପ୍ୟୁରିଫାୟର କରିବାରେ ଲାଗିଛନ୍ତି। ଏହି ଟେକ୍ନୋଲୋଜିକୁ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ଅନ୍ୟ ଦେଶରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ଜାନୁଆରୀ ୧୯୭୭

- କର୍ଣ୍ଣାଟକ ପ୍ରଦେଶ କମିଟି ସଭାପତି ରୂପେ ଏସ୍.ବି. ନଗରାଲଙ୍କୁ ନିଯୁକ୍ତି ପ୍ରଦାନ।
- ନବଗଠିତ ଜନତା ପାର୍ଟିକୁ ଏକ ନିର୍ବାଚନ ସଙ୍କେତ ଦେବା ଲାଗି କରାଯାଇଥିବା ନିବେଦନକୁ ନିର୍ବାଚନ କମିଶନର ଟି.ଏସ୍. ସ୍ୱାମୀନାଥନ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।
- ଶିକ୍ଷା, ସାଂସ୍କୃତିକ ତଥା ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ରହିଥିବା ସମ୍ପର୍କକୁ ଆହୁରି ଘନିଷ୍ଠ ଓ ସହଯୋଗପୂର୍ଣ୍ଣ କରିବା ନିମନ୍ତେ ଭାରତ ଓ ଯୁଗୋସ୍ଲୋଭିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 1 | | 8 | | | | |
| | 7 | | | | | | | 4 |
| | | | | 7 | | 5 | | |
| | | | | | | 9 | | 5 |
| 6 | | 3 | | | | | | |
| | | 4 | 8 | 5 | | 7 | 6 | |
| 3 | | | | | 1 | | | |
| 9 | 4 | | | | 2 | | | |
| | | | 4 | | | 6 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 2 | 6 | 7 | 9 | 3 | 5 |
| 5 | 6 | 7 | 3 | 4 | 9 | 8 | 1 | 2 |
| 2 | 3 | 9 | 5 | 1 | 8 | 4 | 7 | 6 |
| 7 | 5 | 6 | 1 | 9 | 2 | 3 | 4 | 8 |
| 3 | 9 | 2 | 7 | 8 | 4 | 5 | 6 | 1 |
| 8 | 1 | 4 | 6 | 3 | 5 | 7 | 2 | 9 |
| 9 | 8 | 3 | 4 | 2 | 1 | 6 | 5 | 7 |
| 4 | 2 | 5 | 9 | 7 | 6 | 1 | 8 | 3 |
| 6 | 7 | 1 | 8 | 5 | 3 | 2 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇବା ବନ୍ଦ ହେଉ

ମହାଶୟ,

ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳୁଛି। ଏହି ପରମ୍ପରାକୁ ଆଜିର ଆଧୁନିକ ଶ୍ରେଣୀର ବ୍ୟକ୍ତିବିଶେଷ ମଧ୍ୟ ଧରିବସିଥିବାର ନଜର ରହିଛି। ପରିତାପର ବିଷୟ,ଗୁଡ଼ିଉଡ଼ା ଯୋଗୁ କେତେକ ଛୋଟବଡ଼ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ଏହାର ନିରାକରଣ ପାଇଁ ମଧ୍ୟ କୌଣସି ସ୍ତରରେ ବ୍ୟଗ୍ରତା ଦେଖାଯାଉନାହିଁ, ଯାହା ଗଭୀର ଚିନ୍ତାର ବିଷୟ। ଗୁଡ଼ିଉଡ଼ା ପରମ୍ପରା ଓଡ଼ିଶାରେ ପ୍ରାୟତଃ ମକର ସଂକ୍ରାନ୍ତିଠାରୁ ଆରମ୍ଭ କରାଯାଇଥାଏ। କିନ୍ତୁ ମାଞ୍ଜାସୂତାରେ ଗୁଡ଼ି ଉଡାଇବାର ପରମ୍ପରା କାହିଁ କେବେ ବି ନ ଥିଲା। ବର୍ତ୍ତମାନଏଥିପ୍ରତି ଆଗ୍ରହ ବିଶେଷତଃ ସହରଠାରୁ ଆରମ୍ଭ କରି ଗାଁଗହଳିର ଛୋଟପିଲାଙ୍କଠାରେ ଦେଖିବାକୁ ମିଳୁଛି ଏବଂ ସେମାନଙ୍କ ଦ୍ୱାରା ହିଁ ଦୁର୍ଘଟଣା ଘଟୁଛି। ତେଣୁ ଏଭଳି ଦୁର୍ଘଟଣା କମ୍ କରିବା ପାଇଁ ସରକାର ମାଞ୍ଜାସୂତା ନିଷିଦ୍ଧ କରିବା ପାଇଁ ଏକ ଆଇନ ପ୍ରଣୟନ କରନ୍ତୁ।

**– ଧର୍ମରାଜ ପଟ୍ଟନାୟକ,ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଚିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ

## ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟକରି ରେକର୍ଡ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ପୂର୍ବତଟ ରେଳପଥ ୨୦୨୬ ଜାନୁଆରୀ ୧୯ ସୁଦ୍ଧା ରେକର୍ଡ ୨୯୪ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ତୁଳନାରେ ୨୭ ଦିନ ପୂର୍ବରୁ ଅର୍ଥାତ୍ ୩୨୧ ଦିନରେ ଏହି ସଫଳତା ହାସଲ କରାଯାଇଥିଲା। ପୂର୍ବତଟ ରେଳପଥର ମୋଟ ମୂଳ ଆୟ ୨୦୨୪-୨୫ରେ ୨୧,୫୪୩ କୋଟିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨୩,୯୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ଭାବରେ ୧୧.୨୧% ବୃଦ୍ଧି ପାଇଛି। ଯାତ୍ରୀ ଆୟ ୨୦୨୪-୨୫ରେ ୧,୭୬୪.୩୨ କୋଟିରୁ ୨୦୨୫-୨୬ ରେ ୧,୮୩୫.୯୧ କୋଟିକୁ ବୃଦ୍ଧି ପାଇଛି। ସାମଗ୍ରୀ (ପଣ୍ୟ ପରିବହନ) ଆୟ ୧୯,୪୮୨.୬୩ କୋଟିରୁ ୨୧,୭୪୯.୩୮ କୋଟିକୁ ବୃଦ୍ଧି ପାଇଛି। ବିଭିନ୍ନ କ୍ଷେତ୍ରରେ ଆୟ ୧୫୫.୯୫ କୋଟିରୁ ୨୩୯.୧୫ କୋଟିକୁ ବଢ଼ିଛି। ସୂଚନା ଥାଉକି, ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ହାସଲ ହୋଇଥିବା ପଣ୍ୟ ପରିବହନ ୨୦୯.୯୭ ନିୟୁତ ଟନ (ଏମ୍‌ଟି) ଥିଲା। ପୂର୍ବ ବର୍ଷର ୧୮୮.୬୪ ନିୟୁତ ଟନ ପରିବହନ ତୁଳନାରେ ଏହି ଜୋନ୍ ୨୧.୩୩ ନିୟୁତ ଟନ ପରିବହନ କରି ରେକର୍ଡ କରିଛି। ପୂର୍ବବର୍ଷ ତୁଳନାରେ ଏହି ଆର୍ଥିକ ବର୍ଷରେ ୧୧ .୩୧% ଅଭିବୃଦ୍ଧି ହାସଲ କରିଛି।




# ଘରୋଇ ସଂଯୋଗ ବୃଦ୍ଧି ପାଇଁ ପୁରସ୍କୃତ ହେବ ଏୟାର ଇଣ୍ଡିଆ ଏକ୍ସପ୍ରେସ୍

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)



ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ଏଫ୍ଆଇସିସିଆଇ (ଫିକ୍କି) ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ସହଯୋଗରେ ଗଠିତ ୱିଙ୍ଗସ୍ ଇଣ୍ଡିଆ ୨୦୨୬ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ଏୟାରଲାଇନ ବର୍ଗରେ ବିଜେତା ଭାବରେ ଘୋଷଣା କରାଯାଇଛି। ଅତିଥି ଅଭିଜ୍ଞତା ବୃଦ୍ଧି, ସଂଯୋଗ ବୃଦ୍ଧି, ଉତ୍କୃଷ୍ଟ ସେବା ପ୍ରଦାନ, ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ସ୍ଥାୟିତ୍ୱ ଚାଳନା ଏବଂ ନବସୃଜନ ପାଇଁ ବିଶିଷ୍ଟ ଜୁରି ଦ୍ୱାରା ଏୟାରଲାଇନ ଚୟନ କରାଯାଇଛି। ଏହି ପୁରସ୍କାର ୨୮ ଜାନୁଆରୀରେ ହାଇଦ୍ରାବାଦରେ ଭାରତର ପ୍ରମୁଖ ବିମାନ ଚଳାଚଳ କାର୍ଯ୍ୟକ୍ରମ ୱିଙ୍ଗସ୍ ଇଣ୍ଡିଆରେ ପ୍ରଦାନ କରାଯିବ। ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବର୍ଦ୍ଧିତ ନେଟ୍‌ୱର୍କ ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଉପସାଗରୀୟ ଅଞ୍ଚଳରେ ୪୫ଟି ଘରୋଇ ଏବଂ ୧୭ଟି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ବ୍ୟାପିଛି। ପ୍ରତିଦିନ ୫୦୦ରୁ ଅଧିକ ଉଡ଼ାଣ ସହ ଏହି ଏୟାରଲାଇନ୍ସ ଭାରତରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବାହକ, ଯାହା ଅତିଥିମାନଙ୍କୁ ଉନ୍ନତ ପସନ୍ଦ, ସଂଯୋଗ ଏବଂ ସମୟସୂଚୀ ପ୍ରଦାନ କରୁଛି। ଡିସେମ୍ବରରେ ସମସ୍ତ ଭାରତୀୟ ଏୟାରଲାଇନ୍ସ ମଧ୍ୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ସମୟରେ କାର୍ଯ୍ୟଦକ୍ଷତାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆର୍ଥିକ ବର୍ଷ ୨୫ ଶେଷ ସୁଦ୍ଧା ଏୟାରଲାଇନ ପ୍ରାୟ ୧୨୦ ରୁଟ୍‌ରେ ୧,୨୬୦ରୁ ଅଧିକ ସାପ୍ତାହିକ ଘରୋଇ ବିମାନ ଚଳାଚଳ କରିଥିଲା, ଯାହା ବର୍ଷ-ବର୍ଷ ୪୭% ବୃଦ୍ଧିକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୫ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଦ୍ୱାରା ପରିବହନ ହୋଇଥିବା ୨୦ ନିୟୁତ ଅତିଥିଙ୍କ ମଧ୍ୟରୁ ପ୍ରାୟ ତିନି ଚତୁର୍ଥାଂଶ ଘରୋଇ ଯାତ୍ରୀ ଥିଲେ। ଏହିଗତି ଆର୍ଥିକ ବର୍ଷ ୨୬ରେ ଆହୁରି ତ୍ୱରାନ୍ୱିତ ହୋଇଥିଲା। ସାପ୍ତାହିକ ଘରୋଇ ବିମାନ ପ୍ରାୟ ୨,୭୦୦ ରେ ପହଞ୍ଚିଥିଲା, ଯାହା ପ୍ରାୟ ୧୧୫% ବୃଦ୍ଧି କରିଥିଲା।

# ବଜାରରେ ଗୋଦ୍‌ରେଜ୍‌ର ହସ୍ତତନ୍ତ ଅନୁକୂଳ ୱାଶିଂ ମେଶିନ

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ଗଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ହସ୍ତତନ୍ତର ପୁନରୁଦ୍ଧାର ପାଇଁ 'ଟେଷ୍ଟେଡ୍ ଫର୍ ହ୍ୟାଣ୍ଡଲୁମ୍' ଅଭିଯାନ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ହସ୍ତତନ୍ତ ଅନୁକୂଳ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନ ପ୍ରଯୁକ୍ତି ଉନ୍ମୋଚନ କରାଯାଇଛି। ଅନେକ ସମୟରେ ହସ୍ତତନ୍ତର ଯତ୍ନନେବା ବ୍ୟୟବହୁଳ ବ୍ୟାପାର ମନେହୁଏ। ଖରାପ ହେବାର ଭୟ ଥିବାରୁ ଲୋକମାନେ ତାହାକୁ ହାତରେ ସଫାକରନ୍ତି କିମ୍ବା ଡ୍ରାଏ ୱାଶ୍ କରନ୍ତି। ଏହି ସମସ୍ୟାର ସମାଧାନ କରିବା ଲାଗି ଗୋଦ୍‌ରେଜ୍ ପକ୍ଷରୁ ଏହାର ଏଆଇ ଶକ୍ତି ଥିବା ଅତ୍ୟାଧୁନିକ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନକୁ ଦେଶର ୨୦ ପ୍ରକାର ହସ୍ତତନ୍ତ ପୋଷାକରେ ସଫଳ ପରୀକ୍ଷଣ କରାଯାଇଛି। ବନାରସୀ ସିଲ୍କଠାରୁ ଆରମ୍ଭକରି ପୋଞ୍ଚମପଲ୍ଲୀ ଇକ୍କତ ଓ ଜାମ୍‌ଦାନି ଆଦିକୁ ପରୀକ୍ଷଣ କରାଯାଇଛି। ଏହା ଜରିଆରେ ହସ୍ତତନ୍ତକୁ ଅତି ଯତ୍ନର ସହ ୨୫ ଥର ସଫା କରାଯାଇଥିଲା। ସେହି ହସ୍ତତନ୍ତଗୁଡ଼ିକ କେବଳ ଖାଲି ଆଖିରେ ନୁହେଁ, ବରଂ ୪୦ଏକ୍ସ ମାଇକ୍ରୋସ୍କୋପରେ ଯାଞ୍ଚ କରାଯାଇଥିଲା। ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ଡିଭିଜନର ବ୍ୟବସାୟ ମୁଖ୍ୟ କମଲ ନନ୍ଦୀ କହିଛନ୍ତି, 'ଯେତେବେଳେ ପରମ୍ପରା ସହ ପ୍ରଯୁକ୍ତିର ମିଳନ ହେବେ, ସେତେବେଳେ ଆମେ ଗୁରୁତ୍ୱ ରଖୁଥିବା ଏବଂ ଆଗାମୀ ପିଢ଼ି ପାଇଁ ଅଗ୍ରଗାମୀ ପ୍ରଗତିର ସଂରକ୍ଷଣ କରିପାରିବା। ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟର ମାର୍କେଟିଂ ମୁଖ୍ୟ ସ୍ୱାତୀ ରାଠି କହିଛନ୍ତି, 'ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍‌ରେ ଆମେ ସର୍ବଦା ପ୍ରଯୁକ୍ତି ପ୍ରତି ପ୍ରତିବଦ୍ଧ ଯାହା ଭାରତ ପାଇଁ ପ୍ରକୃତରେ ତିଆରି ହୋଇଛି। ଏହି 'ଟେଷ୍ଟେଡ୍ ଫର ହାଣ୍ଡଲୁମ୍ସ' ଅଭିଯାନ ସହ ଆମେ ଗୋଦ୍‌ରେଜ୍ ୱାଶିଂ ମେଶିନ ଜରିଆରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ସେମାନଙ୍କ ହସ୍ତତନ୍ତ ପୋଷାକକୁ ଘରେ ସଫାକରିବା ପ୍ରକ୍ରିୟାକୁ ସହଜ କରିଛୁ।


## ତୃତୀୟ ବର୍ଷ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା



ଯସିକା ପାତ୍ର (ଚିନୁ)
ଭଗବାନ କରନ୍ତୁ ତୁମ ଚଲାପଥ କୁସୁମିତ ହେଉ।
ଅଜା, ଆଈ, ବାପା, ବୋଉ, ମାମୁ, ମାଈଁ, ମଉସା, ମାଉସୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା।
ଧ-୩୧୮୪



BEST WISHES FROM:
Mama papa jeja and jaja maa
ଧ-୩୧୮୬

THE KOSALA SCHOOL
Estd.- 1979
7682032632
An English Medium Residential Public School
(CBSE Affiliation No. 1580008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6371537828 / 6371532877 / 6370708544 / 9777706828
KOSALA ENTRANCE TEST 2026-2027
- Admissions open for classes UKG to Std- IX & XI for **Boarders**. Few seats are available from Balvatika-1 to Std-IX & XI for **Day Scholars**.
- Interested candidates are to appear Entrance Test in English, Mathematics, and General Knowledge.
  Entrance Test for **Boarders** :- **22.02.2026**
  Entrance Test for **Day Scholars** :- **01.03.2026**
- Candidates qualified in Entrance Test will get admission strictly on merit basis.
- Enquiry time over phone - 09.00am to 1.00 P.M. on all working days.
- Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
- Selling of Admission Forms will start from 23rd January 2026 onwards.

Sd./- (Principal)


# ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ




ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ଭୁବନେଶ୍ୱର ଜନପଥ ହୋଟେଲ ପ୍ରାଚୀରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆରମ୍ଭ ହୋଇଛି। ୧୦ ଦିନିଆ ଏହି ପ୍ରଦର୍ଶନୀରେ ୧୩ଟି ରାଜ୍ୟର ହସ୍ତତନ୍ତ ଶାଢ଼ି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ରହିଛି। ଉଦ୍‌ଘାଟନ ପରେ ମଡେଲମାନେ ଏକ ସୁନ୍ଦର ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ ହୋଇଥିବା ଶାଢ଼ି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି, ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି। ଏହି ପ୍ରଦର୍ଶନୀ ଫେବୃଆରୀ ୧ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରଦର୍ଶନୀରେ ୮୦ରୁ ଅଧିକ ଷ୍ଟଲ୍‌ରେ ରେଶମ ଶାଢ଼ି, ସୁଟ୍, ଡ୍ରେସ୍ ସାମଗ୍ରୀ, ଷ୍ଟୋଲ, କୁର୍ତ୍ତି, ଦୁପଟ୍ଟା, କୁର୍ତ୍ତା, ଜୋତା ଏବଂ ଘରୋଇ ସାଜସଜ୍ଜା ସାମଗ୍ରୀ ପ୍ରଦାନ କରାଯାଇଛି। ଓଡ଼ିଶାର ସମ୍ବଲପୁରୀ ଇକ୍କତ ରେଶମ, ବିହାରର ଜୈବିକ ଟସର ସିଲ୍କ, ଆସାମର ମୁଗା ଏବଂ ଏରି ସିଲ୍କ, କର୍ନାଟକର କ୍ରେପ୍, ଜର୍ଜେଟ ଏବଂ ଅରାନୀ ସିଲ୍କ, ତାମିଲନାଡୁର କାଞ୍ଚିପୁରମ୍ ସିଲ୍କ, ଉତ୍ତରପ୍ରଦେଶର ମଲବେରୀ, ଜାମାୱାର ଏବଂ ଜାମଦାନୀ ସିଲ୍କ, ଛତିଶଗଡ଼ର କୋସା ସିଲ୍କ ରହିଛି। ଜମ୍ମୁ କଶ୍ମୀରର ଚିନାର ଏବଂ ଟେଡି ସିଲ୍କ, ରାଜସ୍ଥାନର କୋଟା ସିଲ୍କ, ପାବର ଫୁଲକାରୀ ପୋଷାକ ରହିଛି । ରେଶମ ଶାଢ଼ି ଉପରେ ସ୍ୱତନ୍ତ୍ର ରିହାତି ଦିଆଯାଉଥିବାବେଳେ ପ୍ରବେଶ ମାଗଣା ଏବଂ ସମସ୍ତ ଅନ୍‌ଲାଇନ ପେମେଣ୍ଟ ସୁବିଧା ରହିଛି।

# କିମ୍ସରେ ବହୁମୁଖୀ ୟୁଥ୍ ୱେଲ୍‌ନେସ୍ କ୍ଲିନିକ୍

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

କିମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡା. ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ ପରିଚାଳିତ ହେଉଛି। ୟୁଥ୍ ୱେଲ୍‌ନେସ୍ କ୍ଲିନିକ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ୍, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସମ୍ପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟିକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ପ୍ରଥମ ବର୍ଷରେ ଅତି କମ୍‌ରେ ୫ ହଜାର କିଶୋରୀକିଶୋରଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି। କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ଆର୍.ସି. ଦାସ ଏହି କ୍ଲିନିକ୍ ଉଦଘାଟନ କରିଥିବା ବେଳେ କିମ୍ସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ବଜାଜ୍ ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ



ଉଦ୍‌ଘାଟିତ ହୋଇଥିବା ବଜାଜ୍‌ର ବାଇକ୍ ଶୋ'ରୁମ୍।

ଖମାର,୨୩।୧ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାରଠାରେ ବଜାଜ୍‌ର ଏକ ନୂତନ ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଖମାର ଅଞ୍ଚଳରେ ଏହା ପ୍ରଥମ ବାଇକ୍ ଶୋ'ରୁମ୍ ହୋଇଥିବାରୁ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ବିଭିନ୍ନ ମଡେଲର ୧୧ଟି ବାଇକ୍ ବିକ୍ରି ହୋଇଥିବା ଶୋ'ରୁମ୍ ମାଲିକ କୁନା ବେହେରା ସୂଚନା ଦେଇଛନ୍ତି। ଏଠାରେ ସହଜ କିସ୍ତି ଓ ଭଲ ମୂଲ୍ୟରେ ଗ୍ରାହକଙ୍କୁ ବାଇକ୍ ଯୋଗାଇ ଦିଆଯିବ ବୋଲି ମାଲିକ ବେହେରା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବନୀକାନ୍ତ ସାହୁ, ସିପିଏମ୍ ନେତ୍ରୀ ମୀନା ପ୍ରଧାନ, ଭାଜପା ମଣ୍ଡଳ ସଭାପତି କାର୍ତ୍ତିକ ପ୍ରଧାନ, ସମ୍ପାଦକ ଡିଲେଶ୍ୱର ବେହେରା, ଦିଲୀପ କୁମାର ପ୍ରଧାନ, ବୁଲୁ ପ୍ରଧାନ, ଡିଲେଶ୍ୱର ସାହୁ, ଭୁରିଶ୍ରବା ବେହେରା, କାଳନ୍ଦୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

Semi- Commercial Land for Sale At ଆଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Flat for rent At- Vipul Garden Ghatikiya 3.5BHK room tower 3 flat 303 rent 30000 including maintenance. 7381299922, 6377808211. D-153




All types of physiotherapy and massage contact 9556924059 / 7656969134. D-3166

Wellness relax body massage & jointpain treatment by trend therapist. 6372110065. D-76951

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before Notary Public, Borigumma, dated-18.01.2026, I, SABITA SATAPATHY (New name), W/o.- RAMA KRUSHNA SATAPATHY. Address: At/P.O./P.S./ Village- BORIGUMMA, Dist.- Koraput, ODISHA- 764056 declare that I have changed my name from RADHAMANI SATAPATHY (Old name) to SABITA SATAPATHY (New name). Henceforth, I shall be known as SABITA SATAPATHY (New name) for all future purposes.
D-3179

By virtue of an affidavit sworn before the Executive Magistrate, Jharsuguda, No.- 208, Dtd.- 19.01.2026, I, MURALI KRISHNA KAKI, R/o. At/ P.O./P.S.- Thelkoloi, Dist.- Sambalpur, Odisha, PIN- 768212 declare that I have changed the name of my daughter from GNYANAVALLIKA KAKI to GNYANA VALLIKA KAKI. Henceforth, she shall be known as GNYANA VALLIKA KAKI for all purpose.
MURALI KRISHNA KAKI
D-3180

By virtue of an affidavit No. 147 dtd.- 08.01.2026 sworn before Executive Magistrate, Chandbali, I, Kabita Parida, W/o.- Amiya Kumar Parida, Vill./P.O.- Bentalpur, P.S.- Chandbali, Dist.- Bhadrak, Odisha, PIN- 756133 declare that I have changed my daughter's name from Subhalaxmi Parida to Ankita Parida. Henceforth, she shall be known as Ankita Parida for all purposes. D-3181

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF 2ND ADDL. DISTRICT JUDGE, MAYURBHANJ, BARIPADA
R.F.A. NO. 73 OF 2023
Nalini @ Nabin Kumar Barik ........Appellant
Vrs
Sumiti Parida & others .........Respondent
NOTICE
(U/O 5 Rule 20 (1-A) C.P.C)
To
Respondent No. 17(a) Prasanta Ghosh, aged 45 years, S/o.- Lt. Sankarsan Ghosh, At- Kapilo Prasat Colony, Bhubaneswar, Near Aerodrum field, Dist.- Khurda.

Take notice that an appeal from the decree of T.S.No. 02/073 has been presented and registered in this court and that the day of 28.01.2026 has been fixed by this court for hearing of the appeal. If no appearance is made on your behalf by yourself, your pleader or by some one by law authorised to act for you in this appeal, it will be heard and decided in your absence.

Given under my hand and the seal of court this 12th day of January 2026.
D-3185


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅର୍ଜୁନ କୁମାର ରାଉତରାୟ
ଆବିର୍ଭାବ-୦୫।୦୮।୧୯୨୯
ତିରୋଧାନ- ୧୪।୦୧।୨୦୨୬
ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ
ବାପା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।
ବଡ଼ପୁଅ- ପ୍ରଦୀପ, ବୋହୂ- ଦୀପ୍ତି, ସାନପୁଅ- ପତିତପାବନ, ବୋହୂ-ସୁଚିସ୍ମିତା, ଝିଅ- ମୀରା, ମମତା, ମିନତୀ, ମେନକା, ମାନସୀ, ଜ୍ୱାଇଁ ଓ ସମସ୍ତ ନାତି ନାତୁଣୀ
ଧ-୩୧୮୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ପ୍ରାଧ୍ୟାପକ ୰ବୈକୁଣ୍ଠନାଥ ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଆଜି ଆପଣଙ୍କ ପବିତ୍ର ପୁଣ୍ୟତିଥି (୨୮ତମ ଶ୍ରାଦ୍ଧବାର୍ଷିକୀ)ରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍ (ପୁଅ), ରାଗେଶ୍ରୀ, ଖ୍ୟାତି, ବନଶ୍ରୀ, ଶାରଦା (ବୋହୂ), ପ୍ରାଧ୍ୟାପିକା ମମତା (ଝିଅ), ରକ୍ଷକ (ଜ୍ୱାଇଁ), ରିୟା, ଇମନ୍, ଶ୍ରେୟା, ଇକ୍ଷା, ନେହା, ରୋହନ୍, ସୋହନ୍, ଶିମନ୍, ରୋମି, ରିଙ୍କୁ (ନାତୁଣୀ, ନାତି), ଅର୍ପିତ୍ (ନାତୁଣୀଜ୍ୱାଇଁ), କୁହୁ (ପଣନାତୁଣୀ) ଓ ବନ୍ଧୁବର୍ଗ।
ଧ-୩୧୮୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୪/୨୦୨୬ Bhubaneswar, Saturday, January 24/ 2026

# ଶିଳାନନ୍ଦଙ୍କ ଡବଲ ଗୋଲରେ ଜିତିଲା ତୁଫାନ୍ସ



ଗୋଲ୍ ସ୍କୋର କରିବା ପରେ ତୁଫାନ୍ସ ଦଳର ଶିଳାନନ୍ଦ ଲାକ୍ରାଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର,୨୩।୧(ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ୨-୦ ଗୋଲରେ ଏଚ୍ଆଇଏଲ୍ ଜିସିକୁ ପରାସ୍ତ କରିଛି। ଓଡ଼ିଶା ଖେଳାଳି ଶିଳାନନ୍ଦ ଲାକ୍ରା ବିଜୟୀ ଦଳ ପାଇଁ ଉଭୟ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ହାଇଦ୍ରାବାଦ୍ କ୍ୱାଲିଫାୟର-୨ ଲାଗି ଯୋଗ୍ୟତା ହାସଲ କରିଛି।

ଆରମ୍ଭରୁ ଦୁଇ ଦଳର ଖେଳାଳିମାନେ ଅନେକ ଗୋଲ ସ୍କୋରିଂ ସୁଯୋଗ ହାତଛଡ଼ା କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ପ୍ରଥମ ମିନିଟ୍‌ରେ ଶିଳାନନ୍ଦ (୧୬ତମ) ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ୨୪ତମ ମିନିଟ୍‌ରେ ଏଚ୍ଆଇଏଲ୍ ଜିସିକୁ ମିଳିଥିବା ଏକ ପେନାଲ୍ଟି କର୍ନର (ପିସି) ବେକାର ସାବ୍ୟସ୍ତ ହୋଇଥିଲା। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ହାଇଦ୍ରାବାଦ୍ ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ତୁଫାନ୍ସକୁ ଏକ ପିସି ମିଳିଥିଲା। ହେଲେ ଅମନଦୀପ ଲାକ୍ରାଙ୍କ ଶଟ୍‌କୁ ଏଚ୍ଆଇଏଲ୍ ଜିସି ଗୋଲକିପର ଜେମ୍ସ ମାଜାରେଲୋ ସଫଳତାର ସହ ବଞ୍ଚାଇଥିଲେ। ହେଲେ ବଲ ରିବାଉଣ୍ଡ ହୋଇ ଫେରୁଥିବା ବେଳେ ସୁଯୋଗର ଫାଇଦା ଉଠାଇ ଶିଳାନନ୍ଦ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ଆଡ଼କୁ ଏଚ୍ଆଇଏଲ୍ ଜିସିକୁ କ୍ରମାଗତ ପିସି ମିଳିଥିଲା। ହେଲେ ତାହା ବେକାର ସାବ୍ୟସ୍ତ ହୋଇଥିଲା। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ଡିଫେନ୍ସିଭ ଖେଳ ପ୍ରଦର୍ଶନ କରିବା ସହ ପ୍ରତିପକ୍ଷ ଏଚ୍ଆଇଏଲ୍ ଜିସି ଦଳକୁ ବଲଠାରୁ ଦୂରେଇ ରଖିଥିଲେ।

# ଭାରତ ୭ ଉଇକେଟରେ ବିଜୟୀ

## ଦ୍ୱିତୀୟ ଟି୨୦

**ରାଇପୁର,୨୩।୧**

ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮୨* (୩୭ ବଲ୍, ୪ ଛକା, ୯ଚୌକା ) ଓ ଇଶନ କିଶନଙ୍କ ୭୬ (୩୨ ବଲ୍, ୧୧ ଚୌକା ୪ଛକା) ରନ୍‌ର ବିସ୍ଫୋରକ ବ୍ୟାଟିଂ ଯୋଗୁ ସ୍ଥାନୀୟ ସହିଦ ବୀର ନାରାୟଣ ସିଂ ଇଣ୍ଟନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଅନ୍ୟତମ ସଫଳ ବ୍ୟାଟର ଶୁବମ ଦୁବେ ୧୮ ବଲ୍‌ରେ ୩ ଛକା ଓ ୧ ଚୌକା ସହ ୩୬ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୨୦୯ ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫. ୨ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଏହି ବିଜୟ ଦ୍ୱାରା ଭାରତ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତ ସମ୍ମୁଖରେ ୨୦୯ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଧାର୍ଯ୍ୟ କରିଥିଲା। ଡେଭନ କନୱେ (୧୯ ରନ୍, ୩ ଚୌକା ଓ ୧ ଛକା) ଓ ଟିମ ସାଇଫର୍ଟ (୨୪ ରନ, ୫ ଚୌକା) ୩.୧ ଓଭରରେ ୪୩ ରନର ବିସ୍ଫୋରକ ଆରମ୍ଭ ଦେଇଥିଲେ। ହେଲେ ଦୁଇ ଓପନର କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ରଚିନ ରବୀନ୍ଦ୍ର ଓ ଗ୍ଲେନ ଫିଲିପ୍ସ ତୃତୀୟ ଉଇକେଟରେ ୨୭ ବଲରେ ଦ୍ରୁତ ୫୫ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରଚିନ (୪୪ ରନ୍, ୨ ଚୌକା ଓ ୪ ଛକା), ଫିଲିପ୍ସ (୧୯ ରନ୍, ୨ ଚୌକା ଓ ୧ ଛକା), ଡାରଲି ମିଚେଲ (୧୮ ରନ୍, ୩ ଚୌକା) ଓ ମାର୍କ ଚାପମ୍ୟାନ (୧୦)ଙ୍କ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ଅଧିନାୟକ ମିଚେଲ ସାଣ୍ଟନର ୨୭ ବଲରେ ଦ୍ରୁତ ୪୭ (୬ ଚୌକା ଓ ୧ ଛକା) ଓ ଫକେସ ୮ ବଲରେ ୧୫ (୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଫଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୨ ଉଇକେଟ ନେଇଥିଲେ।



ମ୍ୟାଚ୍ ବିଜୟୀ ଶତକୀୟ ଭାଗୀଦାରି ଅବସରରେ ଇଶନ କିଶନ ଓ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ : ୨୦ ଓଭରରେ ୨୦୮/୬ (ମିଚେଲ ସାଣ୍ଟନର-୪୭*, ରଚିନ ରବୀନ୍ଦ୍ର-୪୪, କୁଲଦୀପ ଯାଦବ-୨/୩୫, ଶିବମ ଦୁବେ-୧/୭)। ଭାରତ ଇନିଂସ: ୧୫.୨ ଓଭରରେ ୨୦୯/୩ (ସୂର୍ଯ୍ୟକୁମାର ଯାଦବ-୮୨, ଇଶନ କିଶନ-୭୬, ଶିବମ ଦୁବେ-୩୬* ; ଇସ୍ ସୋଧି-୧/୩୪, ଜାକବ ଡୁଫି-୧/୩୮, ମ୍ୟାଟ୍ ହେନ୍‌ରୀ-୧/୪୧।

# ତାମିଲନାଡୁର ଇନିଂସ ଅଗ୍ରଣୀ

## ରଣ୍ଜୀ ଟ୍ରଫି

**ଭୁବନେଶ୍ୱର,୨୩।୧(ଅନାଦି କର)**

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣ୍ଜୀ ମ୍ୟାଚ୍‌ରେ ତାମିଲନାଡୁ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ତାମିଲନାଡୁ ୨୮୬ ରନରେ ଅଲଆଉଟ୍ ହେବା ପରେ ଓଡ଼ିଶା ୧୪୮ ରନରେ ସୀମିତ ରହିଛି। ଫଳରେ ୧୩୮ ରନରେ ଆଗୁଆ ଥିବା ତାମିଲନାଡୁ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୧ ଉଇକେଟ ହରାଇ ୨୬ ରନ କରିଛି। ମ୍ୟାଚ୍‌ରେ ଆହୁରି ଦୁଇଦିନ ବାକିଥିବା ବେଳେ ତାମିଲନାଡୁ ହାତରେ ୯ ଉଇକେଟ ରଖି ୧୬୪ ରନ ଆଗରେ ରହିଛି।

ତାମିଲନାଡୁ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୧/୭ରୁ ବ୍ୟାଟିଂ ଆରମ୍ଭ କରି ମାତ୍ର ୫ ରନ ମଧ୍ୟରେ ବଳକା ୩ ଉଇକେଟ ହରାଇଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ନିଧିଶ ରାଜଗୋପାଲ ୫୪ ଓ ଅଧିନାୟକ ଆର. ସାଇ କିଶୋର ୧୨ ରନ କରି ଆଉଟ୍ ହୋଇଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନ ୩ ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪୩ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ଅନିଲ ପରିଡ଼ା ଓ ସମ୍ବିତ ଏସ୍ ବରାଳ ସପ୍ତମ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ସମ୍ବିତ ୩୬ (୫ ଚୌକା) ରନ କରି ସପ୍ତମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହିଠାରୁ ଅନିଲ ଲୋୟର ଅର୍ଡର ବ୍ୟାଟରଙ୍କ ସହ ମିଶି ଦଳୀୟ ସ୍କୋରକୁ ୧୪୮ ରନରେ ପହଞ୍ଚାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ଅନିଲ (୫୬ ରନ୍, ୬ ଚୌକା ଓ ୧ ଛକା) ଅନ୍ତିମ ବ୍ୟାଟର ଭାବେ ପାଭିଲିଅନ ଫେରିଥିଲେ। ତାମିଲନାଡୁ ପକ୍ଷରୁ ସୋନୁ ଯାଦବ ୫ ଉଇକେଟ ନେଇଥିବା ବେଳେ ତ୍ରିଲୋକ ନାଗ ଓ ପି ବିଦ୍ୟୁଥ ୨ ଲେଖାଏ ଉଇକେଟ ହାତେଇଥିଲେ।



ଓଡ଼ିଶା ଓ ତାମିଲନାଡୁ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ: ୨୮୬/ଅଲଆଉଟ୍ (ନିଧିଶ ରାଜଗୋପାଲ-୫୪, ଦେବବ୍ରତ ପ୍ରଧାନ-୩/୩୭, ରାଜେଶ ମହାନ୍ତି-୩/୫୧)। ଓଡ଼ିଶା ପ୍ରଥମ ଇନିଂସ: ୧୪୮/ଅଲଆଉଟ୍ (ଅନିଲ ପରିଡ଼ା-୫୬, ସମ୍ବିତ ବରାଳ-୩୬, ସୋନି ଯାଦବ-୫/୩୦)। ତାମିଲନାଡୁ ଦ୍ୱିତୀୟ ଇନିଂସ: ୨୬/୧।

# ଉରୁଗୁଏ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୩।୧ (ପି.ଟି.)**

ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ହାଇଦ୍ରାବାଦରେ ଖେଳାଯିବ। ଏଥିରେ ଭାରତ ୪ଟି ଦଳକୁ ନେଇ ଗଠିତ ପୁଲ 'ବି'ରେ ସ୍ଥାନ ପାଇଛି। ଭାରତ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷ ମ୍ୟାଚ ଖେଳି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଆୟୋଜକ ଦେଶର ଏହାର ଅବଶିଷ୍ଟ ପୁଲ୍ ମ୍ୟାଚ୍‌ଗୁଡ଼ିକ ମାର୍ଚ୍ଚ ୯ରେ ସ୍କଟଲାଣ୍ଡ ଏବଂ ମାର୍ଚ୍ଚ ୧୧ରେ ୱେଲ୍ସ ବିପକ୍ଷରେ ଖେଳିବ। ଇଂଲଣ୍ଡ, କୋରିଆ, ଇଟାଲୀ ଓ ଅଷ୍ଟ୍ରିଆକୁ ନେଇ ପୁଲ୍ 'ଏ' ଗଠନ କରାଯାଇଛି। ସେମିଫାଇନାଲ ମ୍ୟାଚ ମାର୍ଚ୍ଚ ୧୩ରେ ଖେଳାଯିବାକୁଥିବା ବେଳେ ତୃତୀୟ-ସ୍ଥାନ ପ୍ଲେଅଫ୍ ଏବଂ ଫାଇନାଲ ମାର୍ଚ୍ଚ ୧୪ରେ ଖେଳାଯିବ। ଅନ୍ୟ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଫେବୃଆରୀ ୨୮ରୁ ମାର୍ଚ୍ଚ ୮ ଚିଲିର ସାଣ୍ଟିଆଗୋରେ ଖେଳାଯିବ। ଏହି ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଜାପାନ, ଆୟର୍ଲାଣ୍ଡ, ଚିଲି, ଫ୍ରାନ୍ସ, କାନାଡା, ମାଲେସିଆ ଓ ସୁଇଜରଲାଣ୍ଡ ଅଂଶଗ୍ରହଣ କରିବେ। ହାଇଦ୍ରାବାଦ ଓ ସାଣ୍ଟିଆଗୋରେ ଅନୁଷ୍ଠିତ ହେବାକୁଥିବା ପ୍ରତ୍ୟେକ କ୍ୱାଲିଫାୟର୍ସରୁ ୩ଟି ଲେଖାଏ ଦଳ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡ୍ସରେ ୨୦୨୬ରେ ହେବାକୁଥିବା ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ଆଇସିସି ଡିଆର୍‌ସିରେ ବାଂଲାଦେଶ ଆବେଦନର ଶୁଣାଣି ହେବନି

**ନୂଆଦିଲ୍ଲୀ,୨୩।୧(ପି.ଟି.)**

ବାଂଲାଦେଶ ଦଳର ଟି୨୦ ବିଶ୍ୱକପ୍ ମ୍ୟାଚ୍ ଭାରତରେ ହେବ ବୋଲି ଆଇସିସି ନେଇଥିବା ନିଷ୍ପତ୍ତିକୁ ବଦଳାଇବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ ଆଇସିସିର ଡିସପ୍ୟୁଟ ରିଜୋଲ୍ୟୁଶନ କମିଟି (ଡିଆର୍‌ସି)ରେ ଲିଖିତ ଆବେଦନ କରାଯାଇଥିଲା। ହେଲେ ଏହି ଆବେଦନର ଶୁଣାଣି ଡିଆର୍‌ସି କରିବ ନାହିଁ। କାରଣ ଏହା ସବ୍-କମିଟି ଅଧୀନସ୍ଥ ବିଷୟବସ୍ତୁ ନୁହେଁ।

ସୂତ୍ରରୁ କୁହାଯାଇଛି ଯେ, ବିସିବି ତା'ର ନିଷ୍ପତ୍ତି ସମ୍ପର୍କରେ ଆଇସିସିକୁ ଅବଗତ କରିବା ପୂର୍ବରୁ ଖବରଦାତା ସମ୍ମିଳନୀ ଆୟୋଜନ ଆଇସିସି ବୋର୍ଡ ସଦସ୍ୟଙ୍କୁ ଉତ୍ୟକ୍ତ କରିଛି।

ବିସିବି, ଆଇସିସିର ଡିଆର୍‌ସିର ଦ୍ୱାରସ୍ଥ ହୋଇଛି। ଡିଆର୍‌ସି ଯଦି ବିସିବି ବିରୋଧରେ ରାୟ ଦିଏ, ତେବେ ବାଂଲାଦେଶ ପାଖରେ କେବଳ ସୁଇଜରଲାଣ୍ଡସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ (କାସ୍) ନିକଟରେ ଆବେଦନ କରିବାର ବିକଳ୍ପ ରହିବ। କିନ୍ତୁ ଡିଆର୍‌ସି ନିକଟରେ ଆଇସିସି ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବିରୋଧରେ କରାଯାଇଥିବା ଆବେଦନର ଶୁଣାଣି କରିବାର ଅଧିକାର ନାହିଁ। ଏକ ସ୍ୱାଧୀନ ସୁରକ୍ଷା ସଂସ୍ଥା ଦ୍ୱାରା ଆସେସ୍‌ମେଣ୍ଟ କରାଯିବା ପରେ ଭାରତରେ ବାଂଲାଦେଶ ଦଳର ସୁରକ୍ଷା ପ୍ରତି ବିପଦ ନ ଥିବା ଆଇସିସି ପକ୍ଷରୁ ଦର୍ଶାଯାଇଥିଲା। ଏହାପରେ ଆଇସିସି ବୋର୍ଡ ଅଫ୍ ଡାଇରେକ୍ଟର୍ସ ମିଟିଂରେ ବାଂଲାଦେଶର ମ୍ୟାଚ୍ ଭାରତରେ ରଖିବା ସପକ୍ଷରେ ୧୪-୨ ବ୍ୟବଧାନରେ ଭୋଟ ପଡ଼ିଥିଲା। ଡିଆର୍‌ସିର ନିୟମ ମୁତାବକ, ଏହି କମିଟି ଆଇସିସି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଏକ ଅପିଲ କମିଟି ଭାବେ କାର୍ଯ୍ୟ କରିପାରିବ ନାହିଁ। ଏହି କମିଟି ବ୍ରିଟିଶ ଆଇନ ଅନୁଯାୟୀ କାର୍ଯ୍ୟକରେ। ଡିଆର୍‌ସି ସାଧାରଣତଃ ନିଷ୍ପତ୍ତି ନିଆଗଲା ବେଳେ ଆଇସିସି ବୋର୍ଡ ସମସ୍ତ ନିୟମର ପାଳନ କରିଛନ୍ତି କି ନାହିଁ, ତାହା ଯାଞ୍ଚ କରେ ଏବଂ ତଦନୁଯାୟୀ ରାୟ ଦିଏ। ଏହା ଏକ ଅପିଲ କମିଟି ନୁହେଁ।

ମିଳିଥିବା ସୂଚନା ମୁତାବକ, ଦୁବାଇରେ ଥିବା ଆଇସିସି ଚେୟାରମ୍ୟାନ ଜୟ ଶାହା ଶନିବାର ସୁଦ୍ଧା ବାଂଲାଦେଶର ବଦଳ ଦଳର ନାମ ଉପରେ ନିଷ୍ପତ୍ତି ନେବେ।

# ଅଲ୍‌କାରାଜ ୪ର୍ଥ ରାଉଣ୍ଡରେ

**ମେଲବୋର୍ନ, ୨୩।୧ (ଏପି):** ସ୍ପେନର ୨୨ ବର୍ଷୀୟ ଟେନିସ ଷ୍ଟାର କାର୍ଲୋସ ଅଲ୍‌କାରାଜ ଏବଂ ବେଲାରୁଷର ଆରିନା ସାବାଲେଙ୍କା ଯଥାକ୍ରମେ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ଖେଳାଳି ଅଲ୍‌କାରାଜ ଶୁକ୍ରବାର ୩୨ତମ ସିଡ୍ ଫ୍ରେଞ୍ଚ ଖେଳାଳି କୋରେଟିନ୍ ମୋଟେଟଙ୍କୁ ୬-୨, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଲକ୍ଷ୍ୟ ନେଇ ଖେଳୁଥିବା ଅଲ୍‌କାରାଜ ମ୍ୟାଚ ଜିତିଥିଲେ ହେଁ ଡ୍ରପ୍ ଶଟ୍ ଲଢ଼େଇରେ ସେ ପଛରେ ପଡ଼ିଯାଇଥିଲେ। ସ୍ପାନିଶ ଖେଳାଳି ରବିବାର ବିଶ୍ୱର ୧୯ ନମ୍ବର ଖେଳାଳି ଟମ୍ମି ପଲ୍‌ଙ୍କୁ ଭେଟିବେ। ଅଲ୍‌କାରାଜ ତାଙ୍କ ତୃତୀୟ ରାଉଣ୍ଡ ମ୍ୟାଚରେ ୬-୧, ୬-୧ରେ ଅଗ୍ରଣୀଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଲେଜାଣ୍ଡ୍ରୋ ଡାଭିଡେଭିଚ୍ ଫୋକିନା ମ୍ୟାଚରୁ ରିଟାୟର୍ଡ ନେଇଯାଇଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ନମ୍ବର ୱାନ ଆରିନା ସାବାଲେଙ୍କା ତାଙ୍କ ତୃତୀୟ ରାଉଣ୍ଡର ମ୍ୟାଚରେ କଷ୍ଟସାଧ୍ୟ ବିଜୟ ଲାଭ କରିଛନ୍ତି। ସେ ଆନାସ୍ତାସିଆ ପୋଟାପୋଭାଙ୍କୁ ୭-୬ (୪), ୭-୬ (୭)ରେ ହରାଇ ଦେଇଛନ୍ତି। ସାବାଲେଙ୍କା ୨୦୨୩ ଓ ୨୦୨୪ ଅଷ୍ଟ୍ରେଲିଆନ ଓପନ ଟାଇଟଲ ବିଜେତା। ବର୍ଷକ ପୂର୍ବେ ମାଡିସନ କିଜ୍‌ଙ୍କଠାରୁ ହାରି ସେ ରନରଅପ୍ ହୋଇଥିବା ବେଳେ ଦୁଇଥର ୟୁଏସ୍ ଓପନ ଜିତିବାରେ ସଫଳ ହୋଇଛନ୍ତି। ଏଠାରେ ସେ ତାଙ୍କ ଚତୁର୍ଥ ରାଉଣ୍ଡ ମ୍ୟାଚ କାନାଡ଼ାର ଉଦୀୟମାନ ତାରକା ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ଭେଟିବେ। ଏମ୍‌ବୋକୋ ତାଙ୍କ ୪ର୍ଥ ରାଉଣ୍ଡ ମ୍ୟାଚରେ କ୍ଲାରା ଟସନଙ୍କୁ ୭-୬ (୫), ୫-୭, ୬-୩ ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଡାନିଲ ମେଡ୍‌ଭେଡେଭ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୬-୭ (୫), ୪-୬, ୭-୫, ୬-୦, ୬-୩ରେ ଫାବିଆନ ମାରୋଜସାନଙ୍କୁ ପରାସ୍ତ କରିଛନ୍ତି। ମେଡଭେଡେଭ ହେଉଛନ୍ତି ୨୦୨୧ ୟୁଏସ୍ ଓପନ ଚାମ୍ପିୟନ ଏବଂ ୩ଥର ଅଷ୍ଟ୍ରେଲିଆନ ଓପନ ରନରଅପ୍। ବର୍ତ୍ତମାନ ସେ ଲର୍ନର ଟିନ୍‌ଙ୍କ ସହ ଏକ ରିମ୍ୟାଚ ଖେଳିବାକୁ ଯାଉଛନ୍ତି। ଏଠାରେ ଗତବର୍ଷ ଏହି ଆମେରିକୀୟ ଏକ ୫ ସେଟ୍ ବିଶିଷ୍ଟ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ରୁଷୀୟ ମେଡଭେଡେଭଙ୍କୁ ହରାଇ ଦେଇଥିଲେ। ୨୫ତମ ସିଡ୍ ଟିନ୍ ୭-୬ (୯), ୬-୪, ୬-୨ ସେଟ୍‌ରେ ନୁନୋ ବର୍ଗେସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା-୮+୬
ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୪/୨୦୨୬ (୮+୬=୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 24/2026 Page 14 ₹ 7.00 | SAMBALPUR
୫୨ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 62 ମୂଲ୍ୟ₹୭/-




# ଫାଇନାଲରେ କଳିଙ୍ଗ ଲାନ୍ସର୍ସ

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର,୨୩।୧(ଅନାଦି କର)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟରରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଡବଲ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପରାଜୟ ବରଣ କରିଥିବା ରାଞ୍ଚି ରୟାଲ୍ସ ଆସନ୍ତା ରବିବାର କ୍ୱାଲିଫାୟର-୨ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସକୁ ଭେଟିବ। ଏହି ମ୍ୟାଚ୍‌ର ବିଜେତା ୨୬ ତାରିଖରେ ହେବାକୁ ଥିବା ଟାଇଟଲ ମୁକାବିଲାରେ କଳିଙ୍ଗ ଲାନ୍ସର୍ସକୁ ଭେଟିବ। ଅତିଥି ଭାବେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, କଟକ ପୋଲିସ କମିଶନର କିରନଦୀପ କୌର ସାହୋତା, ଆଠଗଡ଼ ଏସ୍‌ଡିଏମ୍ ପ୍ରହ୍ଲାଦ ନାରାୟଣ ଶର୍ମା, ହକି ଇଣ୍ଡିଆ ସଭାପତି ☞ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚରେ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସର ଦୁଇ ଖେଳାଳି ବଲ୍ ପାଇଁ ସଂଘର୍ଷ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ପରଜଙ୍ଗରେ ପାଷ୍ଟରଙ୍କୁ ଆକ୍ରମଣ ନେଇ ଜାତୀୟସ୍ତରରେ ନିନ୍ଦା

**ଭୁବନେଶ୍ୱର,୨୩।୧(ରବିନାରାୟଣ ଜେନା)**

ଢେଙ୍କାନାଳ ଜିଲା ପରଜଙ୍ଗରେ ଜାନୁଆରୀ ୪ରେ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗରେ ବିପିନ ବିହାରୀ ନାୟକ ନାମକ ଜଣେ ପାଷ୍ଟରଙ୍କୁ ସ୍ଥାନୀୟ କେତେଜଣ ଲୋକେ ଆକ୍ରମଣ କରିଥିଲେ। ଏନେଇ ପୋଲିସ ୪ଜଣଙ୍କୁ ଗିରଫ କରିବା ପରେ ଥାନାରୁ ହିଁ ଜାମିନରେ ଛାଡ଼ିଦେଇଛି। ଏହି ଘଟଣାକୁ ନେଇ ଜାତୀୟସ୍ତରରେ ତୀବ୍ର ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ପରଜଙ୍ଗ ଗ୍ରାମପଞ୍ଚାୟତର ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦଳିତ ବସ୍ତିରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବୋରୋସାହି ପଞ୍ଚାୟତ ଖମାର ଗ୍ରାମର ଖ୍ରୀଷ୍ଟଧର୍ମୀ ବିପିନ ଓ ତାଙ୍କ ସ୍ତ୍ରୀ ବନ୍ଦନା ନାଏକ ହିନ୍ଦୁ ଧର୍ମର ଲୋକମାନଙ୍କୁ ଏକାଠି କରି ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ ହୋଇଥିଲା। ଏପରିକି ପରଜଙ୍ଗ ଗ୍ରାମର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ବିରୋଧ କରିଥିଲେ। ପରେ ସେଠାରେ ଶତାଧିକ ଗ୍ରାମବାସୀ ପହଞ୍ଚି ବିପିନଙ୍କୁ କାବୁକରି ଗ୍ରାମ ଚଉପାଢିକୁ ନେଇଥିଲେ। ଏହି ସମୟରେ ତାଙ୍କୁ ମାରଧର କରାଯାଇଥିବା ଅଭିଯୋଗ ହୋଇଥିଲା। ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ଓ ପୋଲିସ କର୍ମଚାରୀ ବିପିନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏହି ଘଟଣାକୁ ନେଇ ବିପିନ ଓ ତାଙ୍କ ସ୍ତ୍ରୀ ବନ୍ଦନାଙ୍କ ସହ ଖ୍ରୀଷ୍ଟିଆନ ସଙ୍ଗଠନ ଗତ ୧୩ ତାରିଖରେ ଢେଙ୍କାନାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ବିପିନଙ୍କୁ ମାଡ଼ ମାରିବା, ଚପଲ ମାଳ ପିନ୍ଧାଇବା ନେଇ ୧୩ ତାରିଖରେ ପରଜଙ୍ଗ ଥାନାରେ କେସ୍ ନଂ. ୪୧/୨୬ ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ବିଏନ୍‌ଏସ୍‌ଏସ୍ ଦଫା ୩୫(୩) ଅନୁଯାୟୀ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କୁ ଥାନାରୁ ଜାମିନ୍‌ରେ ଛଡ଼ାଯାଇଥିଲା। ଘଟଣାରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣକାରୀଙ୍କ ☞ପୃଷ୍ଠା-୪

## କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ଜଘନ୍ୟକାଣ୍ଡ

# ବୋହୂଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

**ଏବେ ବି ଅନେକ ଲୋକ କନ୍ୟାସନ୍ତାନକୁ ବୋଝ ଭାବି ଘୃଣା କରୁଛନ୍ତି, ଯେଉଁଥିପାଇଁ ଘଟୁଛି ପାରିବାରିକ ହିଂସା ଓ ନିର୍ଯାତନା। ଏଭଳି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡାମରପୁରରେ। ଏହି ଗାଁର ସସ୍ମିତା ଦାସ(୩୮) କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କୁ ପ୍ରାୟ ଅଢ଼େଇ ବର୍ଷ ଧରି ଶ୍ୱଶୁର ଘର ଲୋକଙ୍କ ଅକଥନୀୟ ନିର୍ଯାତନା ଭୋଗିବାକୁ ପଡ଼ିଛି। ଶେଷରେ ଶିଶୁକନ୍ୟା ସହ ଶୋଇଥିବା ଅବସ୍ଥାରେ ସସ୍ମିତାଙ୍କୁ ତାଙ୍କ ଶ୍ୱଶୁର ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସସ୍ମିତା ତାଙ୍କ ଶିଶୁକନ୍ୟା ସହ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଶ୍ୱଶୁର ପ୍ରଫୁଲ୍ଲ ରାୟଙ୍କୁ ଗିରଫ କରିଛି।**

**ପଟ୍ଟାମୁଣ୍ଡାଇ,୨୩।୧(କଳ୍ପତରୁ ନାୟକ)**

କଟକ ଜିଲା ନିଶ୍ଚିନ୍ତକୋଇଲି ବାଲିପଡ଼ା ଗ୍ରାମର ସସ୍ମିତା ୮ ବର୍ଷ ତଳେ ଡାମରପୁର ଗ୍ରାମର ପ୍ରଫୁଲ୍ଲ ରାୟଙ୍କ ପୁଅ ସୁଶାନ୍ତଙ୍କୁ ବିବାହ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ସୁଶାନ୍ତଙ୍କର ପ୍ରଥମ ସ୍ତ୍ରୀଙ୍କ ୨ଟି ଝିଅ ଥିବାବେଳେ ଦ୍ୱିତୀୟ ସ୍ତ୍ରୀ ସସ୍ମିତାଙ୍କ ଗୋଟିଏ ଝିଅ ହୋଇଥିଲା। ପୁଅ ବଦଳରେ ଏକ ଝିଅ ଜନ୍ମ ଦେଇଥିବାରୁ

### ଅଭିଯୁକ୍ତ ଶ୍ୱଶୁର ଗିରଫ

ସସ୍ମିତାଙ୍କ ଶ୍ୱଶୁର ଘର ଲୋକେ ଖୁସି ନ ଥିଲେ। ସ୍ୱାମୀ, ଶ୍ୱଶୁର ଏବଂ ଶାଶୁ ତାଙ୍କୁ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ନେଇ ବହୁବାର ସସ୍ମିତାଙ୍କ ଭାଇ ଆସି ବୁଝାଶୁଝା କରିଥିଲେ ମଧ୍ୟ କିଛିଦିନ ଥମିଯିବା ପରେ ପୂର୍ବ ପରି ନିର୍ଯାତନା ଦିଆଯାଉଥିଲା। ଗୁରୁବାର ରାତିରେ ସସ୍ମିତା ଘରେ ଶୋଇଥିବା ବେଳେ ତାଙ୍କ ଶ୍ୱଶୁର ପ୍ରଫୁଲ୍ଲ ଏକ ବୋତଲରେ ପେଟ୍ରୋଲ ଆଣି ବିଛଣାରେ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଏତେ ଦ୍ରୁତଗତିରେ ବ୍ୟାପିଥିଲା ଯେ ଘରର ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ସେହି ନିଆଁ ଓ ଧୂଆଁ ମଧ୍ୟରେ ସସ୍ମିତା ଖସିଯିବାରେ ସଫଳ ହୋଇଥିଲେ। କିନ୍ତୁ ତାଙ୍କ ଝିଅ ଘର ଭିତରେ ରହିଯାଇଥିଲା। ଯେତେବେଳେ ପିଲାଟିକୁ ଉଦ୍ଧାର କରିବା ପାଇଁ ପୁଣି ଥରେ ଘରକୁ ପ୍ରବେଶ କଲେ, ଶ୍ୱଶୁର ଘର ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ମାତ୍ର ସେ ସେଥିରୁ ଖସି ଆସି ରାତିସାରା ଝିଅକୁ ନେଇ ଘର ବାହାରେ ରହିଥିଲେ।

ସସ୍ମିତା କହିଛନ୍ତି, ତାଙ୍କ ଝିଅର ଜନ୍ମ ପରେ ପ୍ରାୟ ୨ ମାସ ପର୍ଯ୍ୟନ୍ତ ତାଙ୍କୁ ହସ୍ପିଟାଲରେ ଏକା ରଖାଯାଇଥିଲା। ସେମାନେ ମାରିଦେବାକୁ ସେଠାରେ ଯୋଜନା କରିଥିଲେ। ପ୍ରାୟ ସମୟରେ ସ୍ୱାମୀ ଓ ଶ୍ୱଶୁର ମାଡ଼ ମାରୁଥିଲେ ଏବଂ ଦୁର୍ବ୍ୟବହାର କରୁଥିଲେ। ଉପରୋକ୍ତ ଘଟଣା ସମ୍ପର୍କରେ ସସ୍ମିତା ଶୁକ୍ରବାର ତାଙ୍କ ମା', ଭାଇଙ୍କ ସହିତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ବିଏନ୍‌ଏସ୍ ଦଫା ୮୫, ୩୨୬ (ଜି), ୩୫୧, ୨୩, ୧୦୯, ୩୫ ଅନୁଯାୟୀ ନଂ. ୫୭/୨୬ରେ ମାମଲା ରୁଜୁ କରିଛି। ଅପରପକ୍ଷେ ସସ୍ମିତାଙ୍କ ଅଭିଯୋଗକୁ ସ୍ୱାମୀ ସୁଶାନ୍ତ, ବାପା ପ୍ରଫୁଲ୍ଲ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛନ୍ତି। ସସ୍ମିତା ସନ୍ଧ୍ୟା ୬ଟାରେ ଶୋଇବାକୁ ଯାଉଥିଲେ ଏବଂ କବାଟ ବାଡ଼େଇଲେ ମଧ୍ୟ ଉତ୍ତର ଦେଉ ନ ଥିଲେ, ତେଣୁ ସେ ଗଦିରେ ନିଆଁ ଲଗାଇ ଦେଇଥିଲେ ବୋଲି ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ଆଇଆଇସି ଶ୍ରୀକାନ୍ତ ବାରିକଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗକୁ ଭିତ୍ତିକରି ସମସ୍ତ ଦିଗରୁ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ସରସ୍ୱତୀ ପୂଜାରେ ରଥକାଠ ଅନୁକୂଳ

**ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)**

ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଚଳିତବର୍ଷ ରଥଯାତ୍ରାର ଆଦ୍ୟପର୍ବ ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ଶୁକ୍ରବାର ଏହି ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଥିବା ମା'ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି ୧୨ ଫୁଟିଆ ଧଉରା କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ମହାପ୍ରସାଦ ସମର୍ପଣ ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ☞ପୃଷ୍ଠା-୪



ବାଲେଶ୍ୱର ଜିଲା ରୂପସା ରେଳ ଜଙ୍କଶନ ନିକଟରେ ଶୁକ୍ରବାର ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

# ରୂପ୍‌ସାରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**ବାଲେଶ୍ୱର,୨୩।୧(ବାଞ୍ଛାନିଧି ଦେ)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କସନ ନିକଟରେ ଶୁକ୍ରବାର ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୩ଟି ବଗି ରେଳ ଟ୍ରାକ୍ ତଳକୁ ଖସି ପଡ଼ିଥିଲେ ହେଁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ମୁଖ୍ୟଲାଇନ୍‌ରେ ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହୋଇ ନ ଥିଲା। ଖବରପାଇ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଘଟଣାସ୍ଥଳରେ ☞ପୃଷ୍ଠା-୪

# ୭୦ଦିନରେ ସରିବ ୭୦ବର୍ଷର ମାମଲା

### ରାଜସ୍ୱ ବିଭାଗର ବନ୍ଦୋବସ୍ତ ସଂସ୍କାର

**ଭୁବନେଶ୍ୱର,୨୩।୧(ରବିନାରାୟଣ ଜେନା)**

ରାଜ୍ୟରେ ଦୀର୍ଘ ୭୦ବର୍ଷ ଧରି ଯେଉଁମାନେ ରାଜସ୍ୱ ମାମଲାରେ ଛନ୍ଦି ହୋଇ ରହିଛନ୍ତି ସେମାନଙ୍କୁ ଆଶ୍ୱସ୍ତ ମିଳିବାକୁ ଯାଉଛି। ମାମଲା କରିଥିବା ଲୋକଙ୍କ ମଧ୍ୟରୁ ଯଦିଓ କେତେଜଣଙ୍କ ମୃତ୍ୟୁ ଘଟିଲାଣି, ହେଲେ ସେମାନଙ୍କ ପରିବାରର ଉତ୍ତରାଧିକାରୀମାନେ ଏବେ ତା'ର ସୁଫଳ ପାଇବେ। ପୁରୁଣା ମାମଲା ଆବେଦନ କରିବାର କମ୍ ସମୟ ମଧ୍ୟରେ ଫଇସଲା ହେବ। ଏହି କ୍ଷମତା ନିକଟରେ ତହସିଲଦାରମାନଙ୍କୁ ପ୍ରଦାନ କରାଯାଇଛି। ଏହାଦ୍ୱାରା ଲୋକେ ସୁଫଳ ପାଇବା ଆରମ୍ଭ ହେଲାଣି। ଏହି ପ୍ରକ୍ରିୟାରେ ରାଜ୍ୟର ୪ଲକ୍ଷ ଲୋକେ ସିଧାସଳଖ ଉପକୃତ ହେବେ। ଜାନୁଆରୀ ୩୧ ସୁଦ୍ଧା ଏହିସବୁ ରିଭିଜନ କେସ୍‌କୁ ଶେଷ କରିବାକୁ ସରକାର ଟାର୍ଗେଟ କରିଛନ୍ତି। ଅତି ବେଶିରେ ଆଉ ୧ମାସ ଲାଗି ପାରେ। ଫଳରେ ୭୦ବର୍ଷର ମାମଲା ୭୦ଦିନ ମଧ୍ୟରେ ଶେଷ ହେବ ବୋଲି ଲୋକସେବା ଭବନରେ ଜାନୁଆରୀ ୧୯ରୁ ୩ ଦିନ ଧରି ଚାଲିଥିବା ରାଜସ୍ୱ ମନ୍ଥନରୁ ଜଣାଯାଇଛି।

ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ତିନିଦିନ ଧରି ପୁରୁଣା ରାଜସ୍ୱ ଆଇନ ଓ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହି ସମୟରେ ଶତାଧିକ ପୁରୁଣା ମାମଲାର ଆବେଦନ ତହସିଲ କାର୍ଯ୍ୟାଳୟକୁ ଆସିସାରିଛି। ଏହାକୁ ପ୍ରାଥମିକତା ଭିତ୍ତିରେ ଫଇସଲା କରିବାକୁ ରାଜସ୍ୱମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୩୧୭ ତହସିଲରେ ଏବେ ☞ପୃଷ୍ଠା-୪

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)

WELCOME



Mr. Suman Bery
Hon'ble Vice Chairperson
NITI Aayog, GoI, New Delhi



Dr. Arvind Virmani
Hon'ble Member
NITI Aayog, GoI, New Delhi

Interaction with Students at KISS & Gracing the One-Day National Seminar
on
'KISS vis-à-vis Sustainable Development Goals (SDG): Advancing India's SDG Agenda through Transformative Education, Volunteerism and Community Centred Action

24th January 2026 | KIIT University, Bhubaneswar

It will be graced by the State Heads of all the UN Agencies and other dignitaries

- Ms. Radhika Kaul Batra
  Chief of Staff, UNRCO, India
- Dr. Md. Nadeem Noor
  Head of Office, UNFPA, Odisha
- Dr. Pravkar Sahoo
  Program Director, NITI Aayog, GoI, New Delhi
- Ms. Abha Mishra
  State Head-UNDP Odisha
- Dr. Himanshu Bal
  Head of Office, World Food Programme, Odisha
- Ms. Arushi Ray
  Former UN Practitioner (UNHCR)
- Dr. Soula Kyriakos
  Co-Founder and President, International Executive School, France

KIIT, Patia, Bhubaneswar Odisha, India 751024 | kiit@kiit.ac.in | kiit.ac.in
KISS Campus-3, Bhubaneswar Odisha, India 751024 | info@kiss.ac.in | kiss.ac.in

# ଶରଧାପାଲି ହାଇସ୍କୁଲ ବାର୍ଷିକ ଉତ୍ସବ

**ଗାଇସିଲେଟ,୨୩।୧(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଶରଧାପାଲି ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉକିଲ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଡିଓ ଭୀଷ୍ମ ମାଝୀ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସମିତିସଭ୍ୟ ଦେବେନ୍ଦ୍ର ଯୋଷୀ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ପରମେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ସର୍ବପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ମନୋରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନନ୍ଦକିଶୋର ମେହେର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉକିଲ ପାଣ୍ଡେ ବାର୍ଷିକ ବିବରଣୀ ପଠନ କରିଥିଲେ। ନିରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ମହାବଳୀ ବରବରି ନାମକ ଏକ ଗୀତିନାଟ୍ୟ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ବିନ୍ଦୁ ବରିହା, ବିକାଶ ଚନ୍ଦ୍ର ରଣା, ନନ୍ଦକିଶୋର ବେହେରା, ଉମାକାନ୍ତ ସେଠ, କର୍ପୂର୍ଚନ ବରିହା,ଖିରେଶ୍ୱରି ବିଶି, ମିତ୍ର ବିନ୍ଦା ଦାଶ, ଦଶମଣି ସାହୁ, ସୋମପ୍ରୀୟା ପଣ୍ଡା, ଦିଲେଶ୍ୱରି ପାତ୍ର, କାଦମ୍ବିନୀ ଭୋଇ ଓ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ପ୍ରୟାସରେ କାର୍ଯ୍ୟକ୍ରମଟି ଅତି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବାରୁ ଚିତ୍ତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ୟ, ଆଭିମୁଖ୍ୟ ସଫଳତାର ପାହାଚକୁ ପହଞ୍ଚାଇଥାଏ

**ପଦ୍ମପୁର,୨୩।୧(ପ୍ରଦୀପ୍ତ ଦାଶ)**

**ଫ୍ରିଜର ଉଦ୍‌ଘାଟନ, ଅସହାୟଙ୍କୁ କମ୍ବଳ ବଣ୍ଟନ**

ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିତା ଗ୍ରାମର ଅଗ୍ରଣୀ ଅନୁଷ୍ଠାନ ନେତାଜୀ କ୍ଲବ ପକ୍ଷରୁ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ସହିତ ପଥିକଙ୍କ ପିଇବା ପାଣି ପାଇଁ ଫ୍ରିଜର ଉଦ୍‌ଘାଟନ ସହ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି।ପ୍ରାରମ୍ଭରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା।ନେତାଜୀ କ୍ଲବ ସଭାପତି ସରୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଲେଖକ ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି, ଜିଲାପରିଷଦ ସଦସ୍ୟ ମକରଧ୍ୱଜ ବଗାର ବରେଣ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ।ପ୍ରତ୍ୟାସା ବିହିନ ବଳିଦାନ ତଥା ମୂଲ୍ୟବାନ ବିଚାର ପାଇଁ ବୀର ସୁରେନ୍ଦ୍ର ସାଏ, ସୁବାସ ବୋଷଙ୍କ ଭଳି ବୀର ପୁତ୍ରମାନେ ଅମର ରହିଛନ୍ତି। ଜଣେ ବ୍ୟକ୍ତି ନିଜର ବିଚାର ପାଇଁ ମୃତ୍ୟୁ ବରଣ କରିପାରେ କିନ୍ତୁ ସମୟ ସ୍ରୋତରେ ସେ ଚିର ଆମର ରହିଥାଏ। ତେଣୁ ନିଜର ବିଚାର, ଲକ୍ଷ୍ୟ ଓ ଆଭିମୁଖ୍ୟ ହିଁ ସଫଳତାର ପାହାଚକୁ ପହଞ୍ଚାଇଥାଏ ବୋଲି ମୁଖ୍ୟ ଅତିଥି ମିଶ୍ର କହିଥିଲେ।କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ଅନନ୍ତ ପାଣିଗ୍ରାହୀ, କିଶୋର ଭୋଇଙ୍କ ସମେତ କ୍ଲବର ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।



ପ୍ରତିଷ୍ଠାରେ କୁଲୁଣ୍ଡା ଗ୍ରାମର ସଂକୀର୍ତ୍ତନ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ମା' ବ୍ରଜେଶ୍ୱରୀ ଶବ୍ଦ ନୃତ୍ୟ କୁମ୍ଭାରୀ ବରପାଲି ଦଳକୁ ନୃତ୍ୟ କଳା ପ୍ରଦର୍ଶନ ପାଇଁ ଲୋକମହୋତ୍ସବରେ ସମ୍ମାନିତ କରାଯାଉଛି।

# ପୂଜାପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ

**ଅତାବିରା/ଗୋଡ଼ଭଗା, ୨୩/୧**
**(ଯୁଧିଷ୍ଠିର ମହାପାତ୍ର / ସୁରେଶ ଦାଶ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଅଷ୍ଟଶମ୍ଭୁ ଶୈବପୀଠରେ ନବନିର୍ମିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରର ପ୍ରତିଷ୍ଠା ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ପୂଜାପାଠ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞମଣ୍ଡପରେ ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ଶାଳନ୍ଦୀ ପୂଜନ, ଶସ୍ୟାଭରଣ, ଅନ୍ନାଭରଣ, ପୁଷ୍ପା ଭରଣ ପରେ ଦିବା ୧୨ଟା ୨୦ ମିନିଟରେ ଯୂପ ଓ କଳସ ଧ୍ୱଜ, ଆଦି ଯଜ୍ଞ ଶାଳକୁ ପ୍ରବେଶ କରାଯାଇଥିଲା। ପରେ ପ୍ରଭୁଙ୍କୁ ଆରତି ପୁଷ୍ପାଞ୍ଜଳି କରାଯାଇଛି। ପୂଜାକାର୍ଯ୍ୟରେ ମୁଖ୍ୟ ପୁରୋହିତ ପଣ୍ଡିତ ବଂଶୀଧର ମିଶ୍ରଙ୍କ ସମେତ ବ୍ରହ୍ମା ଦାୟିତ୍ୱରେ ଥିବା ପଣ୍ଡିତ ଡୋଲାମଣୀ ଶତପଥୀ, ଗ୍ରାମ୍ୟ ପଣ୍ଡିତ ରାକେଶ ରଞ୍ଜନ ମିଶ୍ର ଏବଂ ସହଯୋଗୀ ଏବଂ କର୍ତ୍ତାରୂପେ ସପତ୍ନିକ ରତ୍ନାକର ମହାପାତ୍ର ଓ ମନୋରମା, ଯୋଗେଶ୍ୱର ଭୋଇଙ୍କ ପୁତ୍ରବଧୂ ରଞ୍ଜନ କୁମାର ଭୋଇ ଓ ସୁମିତା ଭୋଇ, ରାମ ଅଗ୍ରୱାଲ ଓ ରେଣୁ, କୈଳାସଚନ୍ଦ୍ର ମିଶ୍ର ଓ ପ୍ରତିମା,ଦୀନେଶ ଗାଇଗରିଆ ଓ ସୌଦାମିନୀ, ଝସକେତନ ସାହୁ ଓ ମମତାମୟୀ, ସୁଦାମ ମହାପାତ୍ର ଓ ମୌସୁମୀ, ତରଙ୍ଗ ମେହେର ଓ ଶୁଭଶ୍ରୀ, ରବୀନ୍ଦ୍ର ଭୋଇ ଓ ଯମୁନା, ବିଦ୍ୟାଧର ମେହେର ଓ ରୀତା, ରଙ୍ଗମଣି କର୍ମୀ ଓ ବାସନ୍ତୀ, ଅଶ୍ୱିନୀ ପ୍ରଧାନ ଓ ମିନତୀ ପ୍ରମୁଖ ୧୨ ଯୋଡି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି ।

ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ମଧ୍ୟରେ ଅନ୍ୟତମ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ଏଠାରେ ବିରାଜମାନ ରହିଛି। ଏହି ବାବା ବିଶ୍ୱେଶ୍ୱରଙ୍କ ବାମପାର୍ଶ୍ୱରେ ଅବିକଳ ୧୨ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ଯୋଗୁ ଏଠାରେ ଭକ୍ତମାନେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସୌଭାଗ୍ୟ ଲାଭ କରିବେ।

**ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଦ୍ୱିତୀୟ ଦିବସ**

୨୨ ତାରିଖରୁ ୨୬ ତାରିଖ ଅର୍ଥାତ ୫ଦିନ ବ୍ୟାପୀ ପୂଜାକାର୍ଯ୍ୟସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶନିବାର ୨୪ରେ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ,୨୫ରେ ରୁଦ୍ରଯଜ୍ଞ, ମନ୍ଦିର ଶିଳାନ୍ୟାସ, ୨୬ତାରିଖ କଳସ ଓ ତ୍ରିଶୂଳ ସ୍ଥାପନ, ଆରତି ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ସହ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ଶୃଙ୍ଗାର ବେଶ ଦର୍ଶନ।

ଶୁକ୍ରବାର ୨୩ ତାରିଖ ମଧ୍ୟାହ୍ନରେ ରେମଣ୍ଡାର ବୁଲୁ ଶତପଥୀ ଏବଂ କୁଲୁଣ୍ଡାର ଗୀତିରଞ୍ଜନ ସାହୁଙ୍କ ନେତୃତ୍ୱରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

ସେହିପରି ସନ୍ଧ୍ୟା ୭ଟାରେ ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାପାଣି ଶ୍ରୀ ଅରବିନ୍ଦ ସ୍କୁଲ, ବରପାଲି ବ୍ଲକ କୁମ୍ଭାରୀ ଗ୍ରାମର ମାଆ ବ୍ରଜେଶ୍ୱରୀ ଶବ୍ଦ ନୃତ୍ୟ, ଅତାବିରା ବ୍ଲକ ଅମସ୍ତଲା ଗ୍ରାମର ଲହରୀ ଝୁମେର ସାଂସ୍କୃତିକ ଅନୁଷ୍ଠାନ ସେମାନଙ୍କ ନିଜ ନିଜ କଳା ମାଧ୍ୟମରେ ନୃତ୍ୟଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପଶାୟତ, ଜଗନ୍ନାଥ ପ୍ରଧାନ ଏବଂ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ସଂଯୋଜନା କରିଥିଲେ।

ରାତ୍ରି ୮ଟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ବଲପୁରର କ୍ରୀଷ୍ଣା ଗ୍ରୁପ ଭଜନ ପରିବେଷଣ କରିଥିଲା। ୨୪ତାରିଖ ସୁମି ବାଗ ଏବଂ ଯମୁନା ଭୋଇଙ୍କ ମହିଳା ସଙ୍କୀର୍ତ୍ତନ, ଭୁବନେଶ୍ୱର ମାନସୀ ପାତ୍ରଙ୍କ ଭଜନ ସନ୍ଧ୍ୟା। ୨୫ତାରିଖ କୀର୍ତ୍ତନ ଧାରା, କଳାହାଣ୍ଡିର ପଙ୍କଜ ଜାଲଙ୍କ ଭଜନ ସନ୍ଧ୍ୟା। ୨୬ତାରିଖ ଇତିଶ୍ରୀ ଏବଂ ସରିତା, ନିକିତାଙ୍କ ମହିଳା ସଙ୍କୀର୍ତ୍ତନ, କଟକର ଶ୍ରୀଚରଣ ମହାନ୍ତିଙ୍କ ଭଜନ ସନ୍ଧ୍ୟା। ଏହାସହିତ ପ୍ରତ୍ୟହ ସନ୍ଧ୍ୟାରେ ଲୋକ ମହୋତ୍ସବ ଏବଂ ଚିଚିଣ୍ଡା ଝସକେତନ ପ୍ରଧାନ ଏବଂ ସାଥୀଙ୍କ ଦ୍ୱାରା ଜଳନ୍ଧରବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



ମହାରାଜା ଜଳନ୍ଧର ଆଜିର ଧରିତ୍ରୀରେ ପ୍ରକାଶିତ ସ୍ୱତନ୍ତ୍ର ପୃଷ୍ଠାରେ ନିଜର ଖବର ନଗର ପରିକ୍ରମା ବେଳେ ପଢୁଛନ୍ତି।

## ଶନିବାର କାର୍ଯ୍ୟକ୍ରମ

- ସରଣ୍ଡା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିଷ୍ଠାର ତୃତୀୟ ଦିବସ ଶନିବାର ସକାଳ ୬ଟାରେ ସୂର୍ଯ୍ୟ ପୂଜା, ସକାଳ ୮ଟାରେ ଯଜ୍ଞ ଶାଳୀନ୍ଦି ପୂଜନ, ଶ୍ରୀ ସପ୍ତଚଣ୍ଡୀ ମହାଯଜ୍ଞ, ଅନୁସଙ୍ଗିକ ଯଜ୍ଞ, ଅପରାହ୍ନ ୩ଟାରେ ଆରତି ପୁଷ୍ପାଞ୍ଜଳି, ସ୍ଥାନ : ଯଜ୍ଞମଣ୍ଡପ ସାଂସ୍କୃତିକ କାର୍ଯ୍ୟକ୍ରମ
- ଅପରାହ୍ନ ୨ଟାରେ ସୁମି ବାଗ ଓ ଯମୁନା ବାଗ ମହିଳା ସଂକୀର୍ତ୍ତନ, ସ୍ଥାନ: କୀର୍ତ୍ତନ ପଡ଼ିଆ
- ସନ୍ଧ୍ୟା ୫ଟାରେ ଲୋକମହୋତ୍ସବ, ସନ୍ଧ୍ୟା ୭ଟାରେ ଭଜନ ସନ୍ଧ୍ୟାରେ ମାନସୀ ପାତ୍ର ଓ ଗ୍ରୁପ୍, ଭୁବନେଶ୍ୱର,ସ୍ଥାନ: ଲୋକ ମହୋତ୍ସବ ମଞ୍ଚ, ରାତ୍ରୀ ୮ଟାରେ ମହାରାଜ କାର୍ଯ୍ୟକ୍ରମ ଜଳନ୍ଧରବଧ।

# ବୃନ୍ଦାବତୀଙ୍କୁ ବିବାହ କଲେ ଜଳନ୍ଧର

**ଅତାବିରା/ଗୋଡ଼ଭଗା ୨୨/୧**
**(ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)**

ଅତାବିରା ବ୍ଲକ ସରଣ୍ଡା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ଚାଲିଥିବା ମହାରାଜ ଦରବାରରେ ଜଳନ୍ଧର ବଧ ନାଟ୍ୟାଭିନୟ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ମହାରାଜ ଜଳନ୍ଧରବଧ ନାଟ୍ୟାଭିନୟର ଶୁକ୍ରବାର ଦ୍ୱିତୀୟ ରଜନୀରେ ଜଳନ୍ଧରଙ୍କ ଦ୍ୱାରା ସ୍ୱର୍ଗପୁରୀ ଆକ୍ରମଣ ପରେ କାଳନୌମିଙ୍କୁ ପରାସ୍ତ କଲେ ଜଳନ୍ଧର, ସତୀ ବୃନ୍ଦାବତୀଙ୍କୁ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଜଳନ୍ଧର ବିବାହ ଆଦି ଦୃଶ୍ୟ ନାଟ୍ୟାଭିନୟ ପରିବେଷଣ କରାଯାଇଥିଲା। ଦେବଦେବ ମହାଦେବ ବାବା ଶିବଙ୍କ ମହିମାକୁ ନେଇ ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ଏହି ଜଳନ୍ଧରବଧ ନାଟ୍ୟାଭିନୟ ଅଭିନୀତ ହେଉଛି। ମହାରାଜ ଜଳନ୍ଧର ସିନ୍ଧୁ ରାଜ୍ୟରେ ରାଜତ୍ୱ ଆରମ୍ଭ କରିବା ଅଭିନୟ ପରେ ସରଣ୍ଡା ଗ୍ରାମ ଏହି ପାଞ୍ଚ ଦିନ ପାଇଁ ସିନ୍ଧୁ ରାଜ୍ୟ ପାଲଟି ଯାଇଛି।

ଏହି ଅବସରରେ ମହାରାଜ ଦରବାରରେ ମୁଖ୍ୟ କଳାକାର ଜଳନ୍ଧର ଭାବେ ଚିଚିଣ୍ଡାର ଝସକେତନ ପ୍ରଧାନଙ୍କ ରାଜତ୍ୱ ଦେଖିବାକୁ ମିଳିଛି। ସେହିପରି ଦେବର୍ଷି ନାରଦ ଅଲେଖ ବୁଡ଼େକ , ସତୀ ବୃନ୍ଦାବତୀ ସୁମୀ ନାୟକ, ଇନ୍ଦ୍ର – ସଂକୀର୍ତ୍ତନ ପ୍ରଧାନ, ଚନ୍ଦ୍ର – ଅମିତ ଭୋଇ, ଶକ୍ରାଚାର୍ଯ୍ୟ ରାଜେନ୍ଦ୍ର କୁମାର ନାଗ, ବ୍ରହ୍ମା ଚତୁର୍ଭୁଜ ମେହେର, ଶିବ ସନ୍ତୋଷ ମହାକୁର, କାଳନୌମି ଅଭିନୟରେ ପ୍ରମୋଦ ଭୋଇ, ଇନ୍ଦ୍ର ଅଭିନୟ ଏବଂ ଚିତ୍ରକର ଭାବେ ରୁଦ୍ର ନାରାୟଣ ମେହେର କଳାକାର ଅଭିନୟ କରୁଛନ୍ତି। ଏହା ସହ ନର୍ତ୍ତକୀଙ୍କ ନୃତ୍ୟ ଆସର ଦର୍ଶକଙ୍କୁ ବାନ୍ଧି ରଖିଥିଲା।



ମହାରାଜା ଜଳନ୍ଧର ବୃନ୍ଦାବତୀଙ୍କୁ ବିବାହ କରୁଛନ୍ତି।













**ଦେଶୀ ବିହନ ମେଳା**

ଦେଓଗାଁ,୨୩।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)- ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମ ଧରୁଆପଡ଼ାର କ୍ଲବ୍ ଘରେ ଶୁକ୍ରବାର ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇଏସ୍) ଆନୁକୂଲ୍ୟରେ ଦେଶୀ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଫ୍‌ଇଏସ୍‌ର ବ୍ଲକ୍ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲୋକ ଉନ୍ନତି ସଙ୍ଗଠନର ବ୍ଲକ୍ ସଂଯୋଜକ ରୂପାଧର ପୁଟା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଜୈବିକ ଚାଷୀ ନବୀନ ପୁଟା ଯୋଗଦେଇ ପାରମ୍ପରିକ ଦେଶୀ ବିହନର ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ମାଷ୍ଟର ଟ୍ରେନର ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ, ଜୈବିକ ସାର ପ୍ରସ୍ତୁତି ପ୍ରଣାଳୀ ଓ ବ୍ୟବହାର ବିଷୟରେ ଅବଗତ କରିଥିଲେ।

# ହରଭଙ୍ଗା ମାଇନର କେନାଲ କାମରେ ଅନିୟମିତତା

**କାମକୁ ସପ୍ତାହେ ପୂରିନି, କେନାଲ କଂକ୍ରିଟ୍‌ରେ ଫାଟ**

**ଲୋଇସିଂହା,୨୩।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ସାଲେଭାଟ ଅଙ୍ଗ ମୁଖ୍ୟକେନାଲ ଓ ହରଭଙ୍ଗା ମାଇନର କେନାଲର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ହେଲେ କେନାଲ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କେନାଲ କାନ୍ଥ ଓ ତଳ କଂକ୍ରିଟ୍‌କରଣର କାମ ସପ୍ତାହେ ନ ପୂରୁଣୁ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି।

ସୂଚନା ଅନୁଯାୟୀ, ଜଳସେଚନ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରୁ ଗାଇଖାଇ ଅଙ୍ଗ ମୁଖ୍ୟ କେନାଲ ଓ ହରଭଙ୍ଗା ମାଇନର କେନାଲର ଉନ୍ନତୀକରଣ କାମ ହାତକୁ ନିଆଯାଇଛି। ଗାଇଖାଇରୁ ବାହାରିଥିବା ମୁଖ୍ୟ କେନାଲ କାମ ସରିଯାଇଛି। ଏବେ ଆଗଲପୁର ବ୍ଲକ୍ ହରଭଙ୍ଗା ମାଇନର କେନାଲରୁ ଡୁମେରପାଲି ପର୍ଯ୍ୟନ୍ତ ପ୍ରାୟ ୫ କିମି କେନାଲ କାମ ଚାଲିଛି। ଏହି କାମ ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ହରଭଙ୍ଗା ମାଇନର କେନାଲରେ ସଂଯୁକ୍ତ ଥିବା ଲୋଇସିଂହା ବ୍ଲକ୍ ବାଦିବାହାଲ ପଞ୍ଚାୟତର ବିଶାଳପାଲି ଓ କଠାରପାଲି ଅଞ୍ଚଳରେ ବିଭାଗ ପକ୍ଷରୁ ସପ୍ତାହେ ପୂର୍ବରୁ କେନାଲ କାମ କରାଯାଇଛି। କେନାଲ କାନ୍ଥରୁ ହାଲୁକା ମାଟି ନ ହଟାଇ ତାହା ଉପରେ ପଲିଥିନ ପକାଇ କଂକ୍ରିଟକରଣ କରିଦିଆଯାଉଛି। ସେହିପରି ତଳ କଂକ୍ରିଟ୍‌କରଣବେଳେ ମଧ୍ୟ ମାଟି ସମାନତା ନ କରି ସମାନ ଢଙ୍ଗରେ କଂକ୍ରିଟକରଣ କରାଯାଉଛି। ଜଳସେଚନ ବେଳେ ତଳ କଂକ୍ରିଟକରଣ ଯେପରି କ୍ଷତି ନ ହେବ ସେଥିପାଇଁ କଂକ୍ରିଟ ତଳ ଏକ ପାଇପ ଓ ଭାଲ୍‌ଭ ବସାଇବା କୁଆଡେ ନିୟମ ରହିଛି । ବକଟି ଅଞ୍ଚଳରେ ପଥୁରିଆ ମାଟିକୁ ହଟାଇ ସମତଳ କରି ପାଇପ ଓ ଭାଲଭ ବସାଯାଇଛି । କିନ୍ତୁ ବିଶାଳପାଲି ଓ କଠାରପାଲି ଅଞ୍ଚଳରେ ପାଇପ ନ ବସାଇ ଉପର ଠାଉରିଆ ଭାବେ ଦୂରତା ରକ୍ଷା କରି ଭାଲ୍‌ଭଗୁଡିକୁ ଥୁଆଯାଇଛି। ସେହି ଭାଲ୍‌ଭ ମଧ୍ୟ କଂକ୍ରିଟ୍‌ରେ ଜାମ୍ ହୋଇ ନ ଥିବାରୁ ତାହା ଖୋଲା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏହି ସବୁ ଅନିୟମିତତା ଓ କଂକ୍ରିଟକରଣର ସପ୍ତାହେ ନ ପୁରୁଣୁ କଂକ୍ରିଟ୍‌ରେ ଫାଟକୁ ନେଇ ଚାଷୀ ଏବଂ ଜନସାଧାରଣରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରମୋଦ ବାଗ୍ କହିଛନ୍ତି, ମୁଁ ବଲାଙ୍ଗୀର ଜିଲାମୁଖ୍ୟାଳୟକୁ ବଦଳି ହୋଇଛି। ଏବେ ଛୁଟିରେ ଅଛି। ଫେରିଲା ପରେ ପଚରାଉଚରା ଓ କ୍ଷେତ୍ର ପରିଦର୍ଶନ କରି ଜଣାଇବି।



ଉଠିଯାଇଥିବା ଭାଲଭ୍।



କେନାଲ କଂକ୍ରିଟକରଣରେ ଫାଟ।

# ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଯାପିତ



ଉତ୍ସବରେ କଳାକାରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

**ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଜିଲା ସଂସ୍କୃତି ପରିଷଦ ଏବଂ ଲୋକ ଉତ୍ସବ ସମିତି ପକ୍ଷରୁ ଆୟୋଜିତ ୨୩ତମ ବଲାଙ୍ଗୀର ଲୋକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଅତିଥି କଳାକାର ବିରଞ୍ଚି ନାରାୟଣ ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ। ଅଧ୍ୟାପକ ସନ୍ଦୀପ କୁମାର କୁଅଁର କାର୍ଯ୍ୟକ୍ରମ ସଂଯୋଜନା, କମିଟି ସଦସ୍ୟ ସାଗର ସଙ୍ଗମ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, କମିଟି ସଦସ୍ୟ ଦେବଦତ୍ତ ବେହେରା, ଦିନେଶ ଶର୍ମା ମଞ୍ଚାସୀନ ଥିଲେ। ବିଧାୟକ ସିଂଦେଓ କହିଛନ୍ତି, କଳାକାରମାନଙ୍କୁ ମଞ୍ଚ ପ୍ରଦାନ ଲୋକ ଉତ୍ସବର ମୂଳ ଲକ୍ଷ୍ୟ। ଏହି ଅବସରରେ ମାଲପଡ଼ାର କଳାକାର ଟଙ୍କଧର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳାର ସଫଳ ଉଦ୍ୟୋଗୀ, ଲୋକ ଉତ୍ସବ କମିଟି ସଦସ୍ୟଙ୍କୁ ପୁରସ୍କୃତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବଲାଙ୍ଗୀରର ଆକାଶବାଣୀ କଳାକାର, ପାଟଣାଗଡ଼ର ସାତକୁଆଁରୀ, ବଲାଙ୍ଗୀର ମଧୁସୂଦନ ସୋସିଓ କଲଚର୍ ଗ୍ରୁପ୍, ଭଞ୍ଜନଗରର ବିଶ୍ୱ ଜନନୀ କଳା ପରିଷଦ, ବଲାଙ୍ଗୀର ନଟରାଜ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ହରିଆଣାର ଫାଗ ନୃତ୍ୟ, ପୁରୁଲିଆ ଛଉନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଷ୍ଟାର୍ ନାଇଟ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଲିଉଡର କଳାକାର, ବିଶିଷ୍ଟ କଣ୍ଠଶିଳ୍ପୀ, କୋଶଲୀ ସମ୍ବଲପୁରୀ ନୃତ୍ୟ ଓ କଣ୍ଠଶିଳ୍ପୀ ଯୋଗଦାନ କରିଥିଲେ।

# ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ରାମ କୁମାର ଅଗ୍ରୱାଲଙ୍କ ପରଲୋକ

**ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀରର ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ରାମ କୁମାର ଅଗ୍ରୱାଲ(୭୯)ଙ୍କ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଘରେ ଥିଲେ। ୧୯୪୭ ମସିହାରେ ଜନ୍ମଗ୍ରହଣ କରିଥିବା ରାମ କୁମାର ୭୦ ଦଶକ ଆରମ୍ଭରୁ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ରହିଥିଲେ। 'ଧରିତ୍ରୀ' ସମେତ ପ୍ରତିଷ୍ଠିତ ଇଂଲିଶ ଖବର, ହିନ୍ଦୀ ଖବରକାଗଜ, ଅଲ୍ ଇଣ୍ଡିଆ ରେଡ଼ିଓ, ଦୂରଦର୍ଶନରେ ବହୁ ବର୍ଷ ଧରି ସେ ଖବର ପରିବେଷଣ କରିଥିଲେ। ତାଙ୍କ ସ୍ତ୍ରୀ, ପୁତ୍ର ଡା. ସଞ୍ଜୀବ କୁମାର ଅଗ୍ରୱାଲ, ବୋହୂ, ନାତୁଣୀନାତି ଓ ପରିବାରର ଅନ୍ୟ ସଦସ୍ୟ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶନିବାର ଅପରାହ୍ନରେ ସ୍ଥାନୀୟ ବିଭୂତିପଡ଼ା ଶ୍ମଶାନରେ ମୃତଦେହ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

# ବିଷ ପିଇ ପୂର୍ବତନ ସରପଞ୍ଚ ମୃତ


**ଲାଠୋର,୨୩।୧(ଭୁବନେଶ୍ୱର ବାରିକ)**

ବିଷ ପିଇ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ବେନ୍ଦେର ପଞ୍ଚାୟତର ପୂର୍ବତନ ସରପଞ୍ଚ ଖଗେଶ୍ୱର ପ୍ରଧାନ(୩୭)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୨ ଦିନ ତଳେ ସେ ନିଜ ପରିବାର ସହ ଶ୍ୱଶୁର ଘର କଳାହାଣ୍ଡି ଜିଲା ଅତିଗାଁ ଯାଇଥିଲେ। କୌଣସି କାରଣରୁ ଗୁରୁବାର ରାତିରେ ସେ ବିଷ ପିଇ ଦେଇଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଭବାନୀପାଟଣା ଏବଂ ପରେ ବୁର୍ଲା ବଡ଼ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ସେ କେଉଁ କାରଣରୁ ବିଷ ପିଇଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ଜଣାପଡିଛି।

# ୨୮ରେ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ

**ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)**

ମିଳିତ କୃଷକ ମଞ୍ଚ ବଲାଙ୍ଗୀର ପକ୍ଷରୁ ଆସନ୍ତା ୨୮ରେ ବଲାଙ୍ଗୀର ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଏନେଇ ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ନବନିର୍ମାଣ ସଙ୍ଗଠନ ପକ୍ଷରୁ ୨୮ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି, ଧାନ ବିକ୍ରିରେ ଅଚଳାବସ୍ଥା, ଚାଷୀଙ୍କ ପ୍ରତି ନୌଟଙ୍କି ମନ୍ତବ୍ୟ ଏବଂ ଚାଷୀଙ୍କୁ ମାଡ଼ ମରାଯିବା ପ୍ରତିବାଦରେ ଏହି ବନ୍ଦ ପାଳନ କରାଯିବ ବୋଲି କୁହାଯାଇଛି। ବରଗଡ଼ ଧନୁଯାତ୍ରା ମଞ୍ଚରେ ଦିଆଯାଇଥିବା ନୌଟଙ୍କି ମନ୍ତବ୍ୟ ଏବଂ ସୋନପୁର ଲୋକ ଉତ୍ସବ ମଞ୍ଚରେ ଚାଷୀଙ୍କୁ ମାଡ଼ ମରାଯିବା ଘଟଣାକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ହିମାଂଶୁ ସାହୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ ବୋଲି ଦାବି କରିଥିଲେ। ଆସନ୍ତା ୨୮ରେ ବଲାଙ୍ଗୀର ଜିଲାରେ ସମସ୍ତ ସରକାରୀ ଓ ବେସରକାରୀ ଅଫିସ, ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଏବଂ ୪ ଚକିଆ ଗାଡ଼ି ଚଳାଚଳ ବନ୍ଦ ରହିବ। ବନ୍ଦ ପାଳନରେ ସହଯୋଗ କରିବାକୁ ଜିଲା ବଣିକ ସଂଘ, ବସ ଓ ଟ୍ରକ୍ ମାଲିକ ସଂଘ, ଓକିଲ ସଂଘ, ଜିଲାପାଳ, ଏସ୍‌ପି, ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନୈତିକ ଦଳକୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ମିଳିତ କୃଷକ ମଞ୍ଚର ଆବାହକ ଆକାଶ ମିଶ୍ର, ଜିଲା କୃଷକ ମହାସଂଘ ସଭାପତି ଯତି ପଧାନ, ସମ୍ପାଦକ ସୌମେନ୍ଦ୍ର ପରିଛା, କୋଶଲୀ କିଷାନ ସଭାର କୌସ୍ତୁଭ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଜିଲା ଚାଷୀ ସଙ୍ଗଠନର ବିଭୁଦତ୍ତ ମିଶ୍ର, ଜୟ କିଶାନ ଆନ୍ଦୋଳନର ସତ୍ୟ ବନ୍‌ଛୋର, ଆର୍‌ଟିଆଇ ସଂଘର ନୀଳମଣି ଯୋଷୀ ଯୋଗଦେଇ ସାଲେଭଟା, ରାମପୁର, ଲୋଇସିଂହା, ବଇରାସର, ବଲାଙ୍ଗୀର, ଚୁଡାପାଲି, ପାଟଣାଗଡ଼, କଣ୍ଟାବାଞ୍ଜି, ଟିଟିଲାଗଡ, ସଇଁନ୍ତଲା ସମେତ ଅନ୍ୟ ସ୍ଥାନରେ କିଭଳି ବନ୍ଦ ପାଳନ କରାଯିବ ସେନେଇ ସୂଚନା ଦେଇଥିଲେ। ଚାଷୀଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




**ଗଞ୍ଜେଇ ବୋଝେଇ କାର୍ ଜବତ, ୨ ଗିରଫ**

**ଘଣ୍ଟାପଡ଼ା (ପ୍ରଭାତ କୁମାର ସାହୁ):** ଗଞ୍ଜେଇ ଚାଲାଣ ବେଳେ ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ପୋଲିସ ସିଆଲଝୁଲି ନିକଟସ୍ଥ ରାସ୍ତାରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସେମାନେ ହେଲେ ଉତ୍ତରପ୍ରଦେଶର ତେଜ ପ୍ରତାପ ସିଂ ଓ ଅନିରୁଦ୍ଧ କୁମାର। ଉଭୟଙ୍କଠାରୁ ୪୦ କେଜି ଗଞ୍ଜେଇ ଓ ଏକ କାର୍ ଜବତ ହୋଇଛି। ଗଞ୍ଜେଇ ଚାଲାଣ ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡ଼ା ପୋଲିସ ସିଆଲଝୁଲି ନିକଟସ୍ଥ ରାସ୍ତା ଉପରେ ଛକି ରହିଥିଲା। ଅପରପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ କଳା ରଙ୍ଗର କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ଗଞ୍ଜେଇ ବାହାରିଥିଲା।

# ପୋଲିସ ବାବୁଙ୍କ ଫାର୍ମ ହାଉସ୍‌ରେ କଫ ସିରପ୍ କାରବାର

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**


ଜବତ ହୋଇଥିବା କଫ୍ ସିରପ୍।

ବରଗଡ଼ ଜିଲ୍ଲାର ଗାଁଠୁ ସହର ସବୁଠି ଅବାଧରେ ଚାଲିଛି ନିଶା କାରବାର। ଚିରାଚରିତ ଢଙ୍ଗରେ ପୋଲିସ ଓ ଅବକାରୀ ବିଭାଗ ଧରପଗଡ଼ କରୁଛନ୍ତି। ଚୋରାମଦ, କଫ ସିରପ୍, ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ଜବତ ହେଉଛି। କିନ୍ତୁ ନିଶାଦ୍ରବ୍ୟ କାରବାରର କିଙ୍ଗପିନ୍‌ଙ୍କ ପାଖକୁ ନା ପୋଲିସ ପହଞ୍ଚୁଛି, ନା ଅବକାରୀ ତାଙ୍କୁ ଗିରଫ କରିପାରୁଛି। ଅନ୍ୟପଟେ ଏଭଳି କାରବାର ପଛରେ କଫ ସିରପ୍ ମାଫିଆଙ୍କ ସହିତ ପୋଲିସ, ଅବକାରୀ ଲିଙ୍କ୍‌କୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି। ବୁଧବାର ବରଗଡ଼-କଟାପାଲି ରାସ୍ତାପାର୍ଶ୍ୱ ବାଞ୍ଜିବାହାଲି କେନାଲ ବ୍ରିଜ ଅନତିଦୂରରେ ରହିଥିବା ଏକ ଘରୁ ସ୍ଥାନୀୟ ଟାଉନ ଥାନା ପୋଲିସ ୫୦୫୦ ବୋତଲ କଫ ସିରପ୍ ଜବତ ଘଟଣା ପରେ କଫ ସିରପ୍ ମାଫିଆ-ପୋଲିସ ଅଧିକାରୀଙ୍କ ସମ୍ପର୍କ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ପରେ ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଘଟଣା ପଦାକୁ ଆସିଛି। ବରଗଡ଼ ଟାଉନ ଥାନା ପୋଲିସ ଯେଉଁ ଘରୁ ଏଭଳି ବିପୁଳ ପରିମାଣରେ କଫ ସିରପ୍ ଜବତ କରିଥିଲା, ତାହା ଜିଲ୍ଲା ବାହାରେ ପୋଲିସ ବିଭାଗର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଜଣେ ବରିଷ୍ଠ ଏବଂ ପୋଲିସ ଅଧିକାରୀଙ୍କ ଫାର୍ମ ହାଉସ୍ ବୋଲି ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିବା ବେଳେ ୨ନାବାଳକଙ୍କୁ ଅଟକ ରଖିଥିଲା, ମାତ୍ର ଏତେ ପରିମାଣର କଫ ସିରପ୍ ଯେଉଁ ଫାର୍ମ ହାଉସ୍ ଘରେ ଗଚ୍ଛିତ ଥିଲା, ସେହି ଫାର୍ମ ହାଉସ୍ ମାଲିକଙ୍କ ନାମ ଜବତ କଫ ସିରପ୍ ମାମଲାରେ ମଧ୍ୟ ନାହିଁ। ଏହି କ୍ଷେତ୍ରରେ ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକଙ୍କୁ ଅନୁକମ୍ପା ଓ ସୁରକ୍ଷା ବରଗଡ଼ ପୋଲିସର ଦକ୍ଷତାକୁ ପଦାରେ ପକାଇ ଦେଇଛି। ସମ୍ପୃକ୍ତ ଫାର୍ମ ହାଉସ୍ ମାଲିକ ଜଣେ ଏସ୍‌ଡିପିଓ ହୋଇଥିବାରୁ ତାଙ୍କ ପ୍ରତି ବରଗଡ଼ ପୋଲିସ ସେଭଳି ଅନୁକମ୍ପା ପ୍ରଦର୍ଶନ କରିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏଠାରେ ଉଲ୍ଲେଖନୀୟ, ଜିଲ୍ଲାରେ ନିଶା କାରବାର ବୃଦ୍ଧି ଯୋଗୁ ଜିଲ୍ଲାରେ ଦିନ ଦ୍ୱିପ୍ରହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚୋରି, ଲୁଟ, ଆକ୍ରମଣଠାରୁ ଆରମ୍ଭ କରି ହତ୍ୟା ଭଳି ଅପରାଧ ଘଟୁଛି। କେବଳ ସେତିକି ନୁହେଁ, ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ତେବେ ପୋଲିସ ବିଭାଗର ଜଣେ ଏସ୍‌ଡିପିଓ ପାହ୍ୟାର ଅଧିକାରୀଙ୍କ ଫାର୍ମ ହାଉସ୍‌ରେ କଫ ସିରପ୍ କାରବାର ଚାଲିଥିବା ଘଟଣା ପଦାକୁ ଆସିବା ପରେ ଏହା ଜିଲ୍ଲାବାସୀଙ୍କ ମନକୁ ଆନ୍ଦୋଳିତ କରି ପକାଇଛି। ସମ୍ପୃକ୍ତ ଅଧିକାରୀ ଜିଲ୍ଲା ବାହାରେ କାର୍ଯ୍ୟ କରୁଥିଲେ ହେଁ ତାଙ୍କ ଫାର୍ମ ହାଉସରେ ଚାଲିଥିବା ଏଭଳି କଫ ସିରିପ୍ କାରବାର ପ୍ରତି କିଭଳି ଅଜ୍ଞ ଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବାଞ୍ଜିବାହାଲି ଗ୍ରାମର ବ୍ରହ୍ମା ମହାକୁର କହିଛନ୍ତି, କଫ ସିରପ୍ ଯେଉଁଠି ଜବତ ହୋଇଛି, ତାହା ଜଣେ ପୋଲିସ ଅଧିକାରୀଙ୍କ ଘର। ପୋଲିସ ଅଧିକାରୀଙ୍କ ଘରଠାରୁ ଯଦି ଏହିଭାବେ କଫ୍ ସିରପ୍ ଜବତ ହେଉଛି, ଅନ୍ୟଲୋକଙ୍କ ଘରେ କାହିଁକି ନ ହେବ। ସମ୍ପୃକ୍ତ ପୋଲିସ ଅଧିକାରୀ ତଦନ୍ତ ପରିସରଭୁକ୍ତକୁ ଆସିବା ଉଚିତ। ଏ ନେଇ ଆମେ ବାଞ୍ଜିବାହାଲି ଗ୍ରାମବାସୀ ଆଇଜି, ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଭେଟିବୁ। ସେହିପରି ଅନ୍ୟଜଣେ ଗ୍ରାମବାସୀ ଗଣେଶ ମହାକୁର କହିଛନ୍ତି, ଆମ ଏ ଅଞ୍ଚଳରେ କେବେ ସେଭଳି କାରବାର ହେଉଥିବା ନେଇ ଆମେ ଜାଣି ନ ଥିଲୁ। ଆଜି ସେଭଳି ଘଟଣା ଆମକୁ ଆଚମ୍ବିତ କରି ପକାଇଛି। ୨ଦିନ ତଳେ ଯେଉଁ ଘରେ କଫ ସିରପ୍ ଜବତ ହୋଇଛି, ତାହା ଜଣେ ପୋଲିସ ଅଧିକାରୀଙ୍କ ଘର। ବରଗଡ଼ ପୋଲିସ ପ୍ରଶାସନ ଏହି ଘଟଣାରେ ଯେଉଁମାନଙ୍କୁ ଗିରଫ କରିଛି, ସେମାନେ ଗଛର ଡାଳ, ପତ୍ର ସଦୃଶ। ପୋଲିସ ଚେରକୁ ଉପାଡୁ ଏବଂ ଯେଉଁ ଘରେ ଏଭଳି କାରବାର ଚାଲିଥିଲା, ସେହି ଘର ମାଲିକଙ୍କୁ ମଧ୍ୟ ଗିରଫ କରୁ। ନଚେତ ଆମେ ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହେବୁ।

## ଚାଷୀ ମାରଣନୀତି ପ୍ରତିବାଦରେ ଚାଷୀ ସମାବେଶ



ଚାଷୀ ସମାବେଶରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

**ପାଇକମାଳ, ୨୩।୧(ବଡ଼ ଶତପଥୀ)**

ପାଇକମାଳ ହାଇସ୍କୁଲ ପଡ଼ିଆରେ ଭାଜପା ସରକାରଙ୍କ ଚାଷୀ ମାରଣନୀତି ପ୍ରତିବାଦରେ ବିଜେଡିର ଏକ ବିରାଟ ଚାଷୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଅଧକ୍ଷତା କରିଥିଲେ। ହୃଦାନନ୍ଦ ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରେଢାଖୋଲ ବିଧାୟକ ତଥା ରାଜ୍ୟ ବିଜେଡି ଉପ ସଭାପତି ପ୍ରଶନ୍ନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ରାଜୁ ଘିବେଲା, ପ୍ରଦ୍ୟୁମ୍ନ ତ୍ରିପାଠୀ, ଭାବନା ସିଂ, ବିଜୟ କୁମାର ସ୍ୱାଇଁ, ଜୀବର୍ଦ୍ଧନ ବରିହା, ନନ୍ଦଲାଲ ମହାପାତ୍ର, ରଣଜିତ ସିଂ ବରିହା, ବିଜୟ କେତନ ପ୍ରଧାନ ପ୍ରମୁଖ ଯୋଗଦେଇ ଭାଜପା ସରକାରର ଚାଷୀ ମାରଣନୀତି, ୩୦୦ ୟୁନିଟ ବିଜୁଳି ବିଲ ଛାଡ, ସୁଭଦ୍ରା ଟଙ୍କା ଏକକାଳୀନ ପ୍ରଦାନ, ମଣ୍ଡିଗୁଡ଼ିକରେ କଟ୍‌ନି ଛଟ୍‌ନି ପ୍ରମୁଖ ସମସ୍ୟା ନେଇ ଭାଜପା ଉପରେ ବର୍ଷିଥିଲେ। ଟାଇଲ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିବା ବେଳେ ସିର୍ଦ୍ଧାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହା ପରେ ସଭାରେ ଯୋଗଦାନ କରିଥିବା ଚାଷୀ ମହିଳା ସଚେତନ ନାଗରିକ, ଶତାଧିକ ବିଜେଡି କର୍ମୀ ଏକ ପଦ ଯାତ୍ରାରେ ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ପାଇକମାଳ ଥାନାକୁ ଆସିଥିଲେ। ପାଇକମାଳ ଥାନାରେ ଦାବିପତ୍ରକୁ ପୂର୍ବତନ ମନ୍ତ୍ରୀ ଛୁରିଆ ପଢି ଶୁଣାଇଥିଲେ ଓ ପାଇକମାଳ ଆଡିସ୍‌ନାଲ ତହସିଲଦାର ହରିସିଂ ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ଓ ପାଇକମାଳ ଥାନାଧିକାରୀ କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବେ ବୌଦ୍ଧର ୩ ନୃତ୍ୟଶିଳ୍ପୀ

**ଦିଲ୍ଲୀ ସାଧାରଣତନ୍ତ୍ର ଦିବସ**


ତିନି ନୃତ୍ୟ ଶିଳ୍ପୀ ।

**ବୌଦ୍ଧ,୨୩।୧(ଅଜିତ କୁମାର ବାରିକ)**

ଆସନ୍ତା ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ବୌଦ୍ଧର ୩ ଓଡ଼ିଶୀ ନୃତ୍ୟଶିଳ୍ପୀ ଚୟନ ହୋଇ ବର୍ତ୍ତମାନ ଦିଲ୍ଲୀଠାରେ ଅଭ୍ୟାସ ଜାରି ରଖିଛନ୍ତି। ଉକ୍ତ ତିନି ନୃତ୍ୟଶିଳ୍ପୀ ବୌଦ୍ଧର ପ୍ରଣାମ ଅନୁଷ୍ଠାନର ସ୍ନେହାରାଣୀ ମିଶ୍ର ଓ ଦୁଇ ଭଉଣୀ ହଂସିକା ମନ୍ତ୍ରୀ ଓ ଆଶ୍ଳେଷା ମନ୍ତ୍ରୀ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶର ୨୫,୦୦୦ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଥିବାବେଳେ ବୌଦ୍ଧର ଏହି ୩ ନୃତ୍ୟଶିଳ୍ପୀ ଓଡିଶୀ ନୃତ୍ୟ ପରିବେଷଣ କରିବେ। ଏହି ତିନି ନୃତ୍ୟ ଶିଳ୍ପୀ ପ୍ରଣାମ ଅନୁଷ୍ଠାନର ଗୁରୁ ପ୍ରଶାନ୍ତ ଭାଇନାଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଆସୁଛନ୍ତି। ଏହି ନୃତ୍ୟଶିଳ୍ପୀଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ସୁକାନ୍ତି ସିଂ, ସଭାପତି ବସନ୍ତ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

## ନାବାଳିକାଙ୍କୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

**ପାଇକମାଳ, ୨୩।୧(ବଡ଼ ଶତପଥୀ)**

ବରଗଡ ଜିଲ୍ଲା ପାଇକମାଳରେ ଜନୈକ ପିଇଟି ଶିକ୍ଷକ ଜଣେ ନାବାଳିକାଙ୍କୁ ବୁଧବାର ସ୍କୁଲ ବାରଣ୍ଡାରେ ଅସଦାଚରଣ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକଙ୍କ ଏତଲା କ୍ରମେ ଶୁକ୍ରବାର ପାଇକମାଳ ଥାନା ପୋଲିସ ଏକ (ନଂ ୨୨/୨୬) ମାମଲା ରୁଜୁ କରିଛି। ଏହି ଘଟଣାରେ ଅଭିଯୁକ୍ତ ପିଇଟି ଶିକ୍ଷକ ନାରାୟଣ ସାହୁ (୫୮)ଙ୍କୁ ପୋଲିସ ପାଇକମାଳରୁ ଗିରଫ କରି ପୋକ୍‌ସୋ କୋର୍ଟକୁ ପଠାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।


## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ସୋହେଲା, ୨୩।୧(ଅଶ୍ୱିନୀ କୁମାର ପାତ୍ର):** ସୋହେଲାର ଅବସରପ୍ରାପ୍ତ ଶିକ୍ଷକ ଦୁଃଖୀଶ୍ୟାମ ପାଣିଗ୍ରାହୀଙ୍କ ଗତ ବୁଧବାର ମୃତ୍ୟୁ ଘଟିଛି। ସେ ଶିକ୍ଷକତା ପାଇଁ ରାଜ୍ୟପାଳ ପୁରସ୍କାର ପାଇଥିଲେ। ସୋହେଲା ବ୍ଲକର ସାହାଜବାହାଲ, ଚିତାଖାଇ, ଅଏଲାପାଲି, ସୋହେଲା ସମେତ ବିଜେପୁର ବ୍ଲକର ଝୁଲପିଆପାଲିରେ ଚାକିରି କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଶିକ୍ଷକ ନେତା ଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବିଭିନ୍ନ ପଦ ପଦବୀରେ ରହିଥିଲେ। ସେ ଜଣେ ମଞ୍ଚ କଳାକାର ମଧ୍ୟ ଥିଲେ। ଦୁଃଖୁ ମାଷ୍ଟ୍ରେ ଭାବେ ପରିଚିତ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ତ୍ରୀ ଯାଜ୍ଞସିନୀ ପାଣିଗ୍ରାହୀଙ୍କ ମାତ୍ର ୧୫ ଦିନ ତଳେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୁଶାନ୍ତ, ଶଶିକାନ୍ତ, ସୁଜ୍ଞାନ୍ତ ସମେତ ନାତି ନାତୁଣୀ ଉପସ୍ଥିତ ଥିଲେ। ସୋହେଲା ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି ସମାପିତ ହୋଇଥିଲା। ବଡ଼ ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କ ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାମ୍ବାଦିକ ସଂଘ, ମା' ଗୌରୀ ଦେବୀ ଟ୍ରଷ୍ଟ, ପ୍ରାଥମିକ ଶିକ୍ଷକ ସଂଘ ଶୋକ ପ୍ରକାଶ କରିଛନ୍ତି।

## ସ୍ୱାଧୀନତା ସଂଗ୍ରାମରେ ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ

**ବରଗଡ଼,୨୩।୧(ପ୍ରେମାନନ୍ଦ ଖମାରୀ)**

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ୨ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ଏ ଜାତି ସବୁଦିନ ପାଇଁ ତାଙ୍କୁ ମନେ ରଖିବ ବୋଲି ଶୁକ୍ରବାର ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ମତପ୍ରକାଶ ପାଇଛି। ଡଃ ଡୋଳାମଣି ଶତପଥି ମୁଖ୍ୟବକ୍ତାଭାବେ ଯୋଗ ଦେଇ ଉଭୟ ମହାପୁରୁଷଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ସେମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ଅବସର ପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ମୀନା ପଣ୍ଡା, ଡାକ୍ତର ଭୋଇ, ମନୋଜ ମହାନନ୍ଦ ପ୍ରମୁଖ ବିଶିଷ୍ଟ ଅତିଥିଭାବେ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ ସହିତ ବୀର ପ୍ରସବିନୀ ଓଡ଼ିଶା ମାଟିକୁ କୋଟି କୋଟି ପ୍ରଣାମ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିଳୀମା ପ୍ରଧାନ ଜ୍ୟୋତି ବେହେରା, ସୁନୀତା ମିଶ୍ର, ଜ୍ୟୋସ୍ନା ତ୍ରିପାଠୀ, ନନ୍ଦିତା ସାହୁ, ବବିତା ନାଏକ, ସୀମା ବିଶ୍ୱାସ, ସୀମା ଭୋଇ, ମିତା ପ୍ରଧାନ, ବିବିତା ବରିହା ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।



# ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ, ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଅନନ୍ୟ

ରାଉରକେଲା, ୨୩।୧ (ସଙ୍ଗୀତା ଜେନା)

ଅଲ୍ ଇଣ୍ଡିଆ ଡିଏସ୍ଓ, ଡିୱାଇଓ ଏବଂ ମହିଳା ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସେକ୍ଟର-୧୭ ଆମ୍ବେଦକର ଛକରେ ଶୁକ୍ରବାର ମହାନ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କମ୍ରେଡ ବିଦ୍ୟୁତ୍‌ଲତା ମହନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବ ଭାରତୀୟ ସମ୍ପାଦିକା ଛବି ମହାନ୍ତି, ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଜିଲା ସମ୍ପାଦକ ଅଜିତ ନାୟକ, ଷ୍ଟିଲ ଟାଉନଶିପ୍ ଆଞ୍ଚଳିକ କମିଟି ସମ୍ପାଦକ ଶ୍ରୀନିବାସ ସେଠି, ଏମ୍‌ଏସ୍‌ଏସ୍ ଜିଲା ସଭାନେତ୍ରୀ ଲିଓନି ତିର୍କୀ, ସମ୍ପାଦିକା ବିଦ୍ୟୁତ୍ ମହନ୍ତ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନେତାଜୀଙ୍କ ସଂଘର୍ଷମୟ ଜୀବନ ଉପରେ ଡିଏସ୍ଓ ଜିଲ୍ଲା ଆବାହକ ବିରେନ ନାଏକ, ଡିୱାଇଓ ଷ୍ଟିଲ ଟାଉନଶିପ୍ ଆଞ୍ଚଳିକ କମିଟି ସମ୍ପାଦକ ଆଲୋକ ବେହେରା ବକ୍ତବ୍ୟରେ ରଖିଥିଲେ। ପ୍ରତିଭା ଦଣ୍ଡପାଟ, ଅସୀମା ବେହେରା, ହିମାଂଶୁ ସ୍ୱାଇଁ, ତାପସ ମହାନ୍ତି, ପରମେଶ୍ୱର ଓରାମ, ଅମ୍ଳାନ ଜ୍ୟୋତି ବେହେରା ସହଯୋଗ କରିଥିଲେ।



ସିପିଆଇଏମ୍ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଉଛି।

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲୀ ଆଞ୍ଚଳିକ ସାଙ୍ଗଠନିକ କମିଟି ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଉରକେଲା ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତି ଏବଂ ଶକ୍ତି ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସିପିଆଇଏମ୍ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଉରକେଲା ଆଂଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବସନ୍ତ ନାୟକ, ବି. ପି. ମହାପାତ୍ର, ବିଶ୍ୱଜିତ ମାଝୀ, ଅଜୟ ଶର୍ମା, ଚନ୍ଦ୍ରଭାନୁ ଦାସ, ଭାଗିରଥି ଗୁଡ୍ଡୁ, ପ୍ରଭାତ ମହାନ୍ତି, ବସନ୍ତ ପାଢ଼ୀ, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, କୁଳମଣି ରାଉତ, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ, ଦିବାକର ରାଓ ପ୍ରମୁଖ ବକ୍ତବ୍ୟ ରଖି ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ଅନୁରୂପ ଭାବେ ସିପିଆଇଏମ୍ ରଘୁନାଥପାଲି ଆଞ୍ଚଳିକ ସାଙ୍ଗଠନିକ କମିଟି ପକ୍ଷରୁ ଆବାହକ ହୃଦୟାନନ୍ଦ ଯାଦବ, ଅରୁ ଦାସ, ବିନୟ ବେହୁରିଆ, ଅଶୋକ ଦାସ, ଉପେନ୍ଦ୍ର ତ୍ରିପାଠୀ ସାରନଗରୀଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ।

# ଇଣ୍ଟର ଜୋନ୍ ହକି ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା, ୨୩।୧ (ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବୀର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତୀୟ ଇଣ୍ଟର ଜୋନ୍ ହକି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜାତୀୟ ହକି ଦଳର ପର୍ଯ୍ୟବେକ୍ଷକ ଡକ୍ଟର ପ୍ରଦୀପ କୁମାର ଖାଲକୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ବିଭାଗର ପ୍ରମୁଖ ଡକ୍ଟର ଅବିନାଶ କର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ସାବିତ୍ରୀବାଇ ପୁଣେ ବିଶ୍ୱବିଦ୍ୟାଳୟ ସହ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୯-୦ ଗୋଲରେ ପୁଣେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ବିଜୟୀ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଏମ୍.ଏସ୍ ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍. ଏସ୍ ବିଶ୍ୱବିଦ୍ୟାଳୟ ପଞ୍ଜାବକୁ ୪-୨ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍‌ରେ ଗ୍ୱାଲିୟର ବିଶ୍ୱବିଦ୍ୟାଳୟକୁ ଜେନ୍ ବିଶ୍ୱବିଦ୍ୟାଳୟ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚ୍‌ରେ ଭିବିଏସ୍‌ପି ବିଶ୍ୱବିଦ୍ୟାଳୟ ଦଳ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ୩-୧ ଗୋଲ, ପଞ୍ଚମ ମ୍ୟାଚ୍‌ରେ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟକୁ ୪-୩ ଗୋଲ, ଷଷ୍ଠ ମ୍ୟାଚ୍ ଗୁରୁକୁଳ କାଙ୍ଗରୀ ବିଶ୍ୱବିଦ୍ୟାଳୟକୁ ବାରକାତୁଲା ବିଶ୍ୱବିଦ୍ୟାଳୟକୁ ୩-୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ସପ୍ତମ ମ୍ୟାଚ୍ ରବୀନ୍ଦ୍ର ନାଥ ଠାକୁର ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରବୀନ୍ଦ୍ର ନାଥ ଠାକୁର ବିଶ୍ୱବିଦ୍ୟାଳୟ କିଟ୍ ବିଶ୍ୱବିଦ୍ୟାଳୟକୁ ୯-୩ ଗୋଲରେ ପରାସ୍ତ କରିଥିଲା। ଶେଷ ମ୍ୟାଚ୍ ଲବେଲ ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ଓ ବେଙ୍ଗାଲୁରୁ ସିଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ଏଲ୍.ପି ବିଶ୍ୱବିଦ୍ୟାଳୟ ୫-୨ ଗୋଲରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ବିଜୟୀ ହୋଇଥିଲା। ଆଲୋକ ଯାଦବ, ସତ୍ୟବ୍ରତ ପ୍ରଧାନ, ରାଜୁ କୁମାର, ଚନ୍ଦ୍ରକାନ୍ତ ବାରିକ, ହୃଷୀକେଶ ଦାସ, ଅନଜିତ ଲାକ୍ରା, ହାପି ମାଝୀ, ସୁରଜ ସାହୁ, ଅଭିନାଶ ମହାନ୍ତି, ବିଲେସ ବାରା, ବିଶ୍ୱଜିତ ଦଳେଇ, ଅନୁଭବ ରାଉତ, ରାଜୁକାନ୍ତ ସାଇନି ପ୍ରମୁଖ ରେଫରି ଦାୟିତ୍ୱ ତୁଲାଇଥିଲେ।


ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଜମି ଛାଡିଲେ ମାଲିକ, ନିର୍ମାଣ ହେବ ରାସ୍ତା

ରାଉରକେଲା, ୨୩।୧ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରର ଜଗଦା ଅଞ୍ଚଳରେ ସାରନା ଛକ ଦେଇ ଝିରପାଣି ଆଡକୁ ଗୋଟିଏ ରାସ୍ତା ଯାଇଛି। ଏହି ରାସ୍ତା ଘରୋଇ ଜମିରେ ଯାଉଥିବା ଯୋଗୁ ୨୦୨୩-୨୪ରେ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ ହୋଇପାରୁ ନ ଥିଲା। ତେବେ ଉକ୍ତ ଅର୍ଥ ଫେରିଯିବାକୁ ବସିଥିବାବେଳେ ଆର୍‌ଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଜଶସ୍ୱିନୀ ମିଶ୍ର ଏବଂ ସ୍ଥାନୀୟ ସମାଜସେବୀ କାଲା ଖାଲକୋଙ୍କ ନେତୃତ୍ୱରେ ଜମି ମାଲିକମାନଙ୍କୁ ବୁଝାଶୁଝା କରାଯାଇଥିଲା। ସେମାନେ ସ୍ୱଇଚ୍ଛାରେ ରାସ୍ତା ପାଇଁ ଜମି ଛାଡିବାକୁ ରାଜି ହୋଇଥିବାରୁ ଏବେ ଉକ୍ତ ରାସ୍ତା ନିର୍ମାଣ ବାଟ ଫିଟିଛି।

ସୂଚନାଯୋଗ୍ୟ, ଉକ୍ତ ରାସ୍ତାଟି ପ୍ଲଟ ନମ୍ବର ୧୩୮/୧୬୪୩ ଏବଂ ଖାତା ନମ୍ବର ୩୧୯/୯୧୦ ଦେଇ ଯାଇଛି। ଶୁକ୍ରବାର ସାରନା ଛକଠାରେ ଅନୁଷ୍ଠିତ ଏକ ବୈଠକରେ ରାଉରକେଲା ଆର୍‌ଆଣ୍ଡବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର, ବିଶ୍ରା ତହସିଲର ରାଜସ୍ୱ ନିରୀକ୍ଷକ ସଞ୍ଜୀବ କୁମାର ମହାନ୍ତି, ନିର୍ମାଣ ଯନ୍ତ୍ରୀ ଜ୍ୟୋତିଷ ସାହୁ, ରଘୁନାଥପାଲୀର ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ ପ୍ରମୁଖଙ୍କ ଉପସ୍ଥିତ ଥିଲେ। ରାସ୍ତା ନିର୍ମାଣ ପାଇଁ ଜମି ପ୍ରଦାନ କରିଥିବା ହିତାଧିକାରୀଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ


ରାଉରକେଲା, ୨୩।୧ (ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ସ୍କୁଲରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଗତ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଜାନୁଆରୀ ୫ରୁ ଆରମ୍ଭ ହୋଇଥିଲା। ଏହି ଶିବିରରେ ୬ଷ୍ଠରୁ ୯ମ ପର୍ଯ୍ୟନ୍ତ ମୋଟ ୧୪୭ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ପ୍ରତି ସଚେତନ କରିବା ଓ ଜରୁରୀକାଳୀନ ପରିସ୍ଥିତିରେ ନିଜକୁ କିପରି ସୁରକ୍ଷିତ ରଖାଯାଇପାରିବ ସେହି ଉଦ୍ଦେଶ୍ୟରେ ତାଲିମ ଶିବିର କରାଯାଇଥିଲା। ତାଲିମଦାତା ମାଷ୍ଟର ମୁକେଶ ସାହୁ ଓ ତନୀଶା ଇନ୍ଦ୍ୱର ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସମାପନ ଦିବସରେ ବିଶ୍ରା ବିଇଓ ସୁପ୍ରଭାତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ଜଳଧର ମହାପାତ୍ର ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମକୁ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ। ସୁଶ୍ରୀ ସରିତା ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଅଂଶଗ୍ରହଣକାରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ସୁବର୍ଣ୍ଣା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ରାଉରକେଲା ହାଫ୍ ମାରାଥନ

ରାଉରକେଲା, ୨୩।୧ (ବିପ୍ଲବ ରଞ୍ଜନ ଦାଶ)

ସେଲ୍ ଆର୍‌ଏସ୍‌ପି ପକ୍ଷରୁ ଶନିବାର ରାଉରକେଲା ହାଫ୍ ମାରାଥନ୍ ଆୟୋଜନ ହେବାକୁ ଯାଉଛି। ଏହାର ଉଦ୍‌ଘାଟନୀ ସଂସ୍କରଣରେ ଅଂଶଗ୍ରହଣ କରିବା ପାଇଁ ବିଭିନ୍ନ ରାଜ୍ୟରୁ ୮୯ ଜଣ ମହିଳାଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରୀୟ ଦୌଡାଳି ରାଉରକେଲାରେ ଏକାଠି ହେବାକୁ ଯାଉଛନ୍ତି। ସୂଚନାଯୋଗ୍ୟ, ସେଲ୍, ଆରଏସପି ପକ୍ଷରୁ ଆୟୋଜିତ ଏଆଇଏମ୍‌ଏସ୍ ପ୍ରମାଣିତ ଏହି ବୃହତ୍ ସ୍ପୋର୍ଟିଂ ଇଭେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୋଟ ୫୮୫୯ ଜଣ ଧାବକ ପଞ୍ଜୀକରଣ କରିଛନ୍ତି। ଏହା ସେଲ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ। ଅଂଶଗ୍ରହଣକାରୀମାନେ ସକାଳ ୫ଟା ୩୦ ପୂର୍ବରୁ ଇସ୍ପାତ ଷ୍ଟାଡିୟମରେ ରିପୋର୍ଟିଂ କରିବେ। ଏକ ସଂକ୍ଷିପ୍ତ ୱାର୍ମ ଅପ୍ ପରେ ସକାଳ ୬ଟା ୩୦ରେ ପ୍ରଥମ ବର୍ଗ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ। ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ମାରାଥନରେ ୪ଟି ବର୍ଗ ରହିଛି। ବିଭିନ୍ନ ବୟସ ଗୋଷ୍ଠୀରେ ୨୧.୧ କିଲୋମିଟର, ୧୦ କିଲୋମିଟର, ୫ କିଲୋମିଟର ଏବଂ ୨ କିଲୋମିଟର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ରହିଛି। ୨୧.୧ କିଲୋମିଟର ହାଫ୍ ମାରାଥନରେ ୯୨୪ ପୁରୁଷ ଏବଂ ୧୧୦ ମହିଳା ପଞ୍ଜୀକରଣ କରିଥିବା ବେଳେ ୧୦ କିଲୋମିଟର ସେଗ୍‌ମେଣ୍ଟରେ ୧୨୩୫ ପୁରୁଷ ଏବଂ ୨୩୭ ମହିଳା ଅଛନ୍ତି। ୫ କିଲୋମିଟର ଦୌଡ଼ରେ ୮୭୪ ପୁରୁଷ, ୨୮୧ ମହିଳା, ୧,୨୪୫ ପୁଅ (୧୮ ବର୍ଷରୁ କମ୍) ଏବଂ ୮୮୪ ଝିଅ (୧୮ ବର୍ଷରୁ କମ୍) ପଞ୍ଜୀକରଣ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୨ କିଲୋମିଟର ସ୍ୱତନ୍ତ୍ର ଖୋଲା ବର୍ଗରେ ୫୪ ପୁରୁଷ ଏବଂ ୧୫ ମହିଳା ଅଛନ୍ତି। 'ଫିଟ୍ ଇଣ୍ଡିଆ' ଅଭିଯାନ ସହିତ ସଙ୍ଗଠିତ ରାଉରକେଲା ହାଫ୍ ମାରାଥନ -୨୦୨୬ ଫିଟନେସ୍, ଧୈର୍ଯ୍ୟ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ରାଉରକେଲାକୁ ପ୍ରମୁଖ କ୍ରୀଡା ଇଭେଣ୍ଟ ପାଇଁ ଏକ ଉଦୀୟମାନ ହବ୍ ଭାବେ ସ୍ଥାପନ କରିବାର ଲକ୍ଷ୍ୟ ରଖିଛି।

# ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଝାରସୁଗୁଡ଼ା, ୨୩।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସହର ସହିତ ଜିଲାର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା, ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ନେତାଜୀ ସୁଭାସ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଓ ମା' ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା ସମିତିର ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ରସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ, ପ୍ରସନ୍ନ ପୁରୋହିତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ନେତାଜୀ ଓ ବୀରସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂଜା ସରିବା ପରେ ୭୦ଜଣ ଶିଶୁ ମମତା ରାଉଳ ଗୁରୁମାଙ୍କ ସହଯୋଗରେ ଖଡ଼ି ଛୁଇଁଥିଲେ।

ଝଁପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ସରସ୍ୱତୀ ପୂଜନ ଉତ୍ସବ ସ୍ଥାନୀୟ ପୁରୋହିତ ପଣ୍ଡିତ ଫକୀର ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୂଜାରେ ପଞ୍ଚମ ଶ୍ରେଣୀର ଭାଇ ପ୍ରଜ୍ଞାନ ପରିଡା କର୍ତ୍ତାଭାବରେ କାର୍ଯ୍ୟ ତୁଲାଇଥିବା ବେଳେ ପ୍ରତ୍ୟୁଷ ପଟେଲ, ପ୍ରିୟାଂଶୁ ଜେନା, ସାଇକ୍ରୀଷ୍ଣା ମାଝୀ ପ୍ରମୁଖ ପୂଜାମଣ୍ଡପରେ ଉପସ୍ଥିତ ରହି ପୂଜକ ମିଶ୍ରଙ୍କୁ ସହଯୋଗ କରିଥିଲେ। ଝାରସୁଗୁଡା ୟୁଥ ଟ୍ରଷ୍ଟ ପକ୍ଷରୁ ପ୍ରଥମେ ଝାରସୁଗୁଡ଼ା ଏୟାରପୋର୍ଟ ଛକ ପରେ ଖିଣ୍ଡାଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମାରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଝାରସୁଗୁଡ଼ା ୟୁଥ ଟ୍ରଷ୍ଟର ସଭାପତି ଗୋପାଳ ପଟେଲଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଏୟାରପୋର୍ଟ ଛକରୁ ଖିଣ୍ଡା ଛକ ପର୍ଯ୍ୟନ୍ତ ପ୍ରାୟ ୩୦ କିଲୋମିଟର ଏକ ବିଶାଳ ବାଇକ ରାଲି ଆୟୋଜନ କରାଯାଇଥିଲା। ଏଥିରେ ୪ ଶହରୁ ଅଧିକ ଯୁବକ ଯୋଗଦେଇଥିଲେ। ସେହିପରି ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରିଥିଲେ। ଏଥିସହ ସେ ବିମାନବନ୍ଦର ଭିତର ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ-ଜିଲାପାଳ ସବ୍ୟସାଚୀ ପଣ୍ଡା, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡି.ଏମ୍.ଏଫ୍. ପ୍ରେକ୍ଷାଳୟଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ଏବଂ ବଳିଦାନ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ତିଆ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ସୌମେଶ ଆଚାର୍ଯ୍ୟ, ବିପିନ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ଦେଶର ବୀର ସନ୍ତାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଏଥିସହ ସେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ନିଜକୁ ନିୟୋଜିତ କରିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।



ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ତଳେ ଉପସ୍ଥିତ ବିଧାୟକ ଓ ଅଧିକାରୀ।

## ବିସ୍ଥାପିତଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯିବ: ମନ୍ତ୍ରୀ ପୂଜାରୀ



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଶୁଭେଚ୍ଛା ଜଣାଯାଉଛି।

**ଦେବଗଡ଼, ୨୩।୧ (ଶଶାଙ୍କ ଶେଖର ଝାଙ୍କର)**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଦେବଗଡ଼ ଗସ୍ତରେ ଆସିଥିଲେ। ଏହି ସମୟରେ ରେଙ୍ଗାଲି ବନ୍ଧ ସୁରକ୍ଷା ସମିତି ଦେବଗଡ଼ ପାଲଲହଡ଼ା କମିଟିର ଦେବଗଡ଼ ଜୋନ୍ ପାଇଁ ନୂତନ କାର୍ଯ୍ୟକାରୀ ସଭାପତି ଦୟାଶଙ୍କର ଦ୍ୱିବେଦୀ ଓ କମିଟି ସମ୍ପାଦକ ତଥା ଆଇନଜୀବୀ ଚୌଧୁରୀ ବେହେରା ମନ୍ତ୍ରୀଙ୍କୁ ସାକ୍ଷାତ କରି କମିଟି ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ଜୋନ୍ ଅଫିସର ପଦବୀ ପୂରଣ ହେଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିସହିତ ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ପରିବାରଙ୍କ ଦୁଃଖ ବିଷୟ ଓ ବିସ୍ଥାପିତ ପରିବାରର କେମିତି ନ୍ୟାୟ ପାଇବେ ସେ ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଏନେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ଉକ୍ତ ସମସ୍ୟା ସମାଧାନ ପାଇଁ ବିଚାର କରାଯାଇଛି। ଆଗାମୀ ଦିନରେ ବିସ୍ଥାପିତ ପରିବାରର ଉପଯୁକ୍ତ ଲୋକ କେମିତି ସୁବିଧା ପାଇବେ ସେନେଇ ପଦକ୍ଷେପ ନିଆଯିବ।

## ଜଙ୍ଗଲ ଜମିରେ ବେଆଇନ ନିର୍ମାଣ, ଦଖଲକୁ ନେଇ ଦାବିପତ୍ର

**ଝାରସୁଗୁଡା, ୨୩।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକସ୍ଥିତ ହିର୍ମାଠାରେ ଥିବା ଏସ୍ଏମ୍ସି ପାୱାର ଜେନେରେଶନ ୟୁନିଟ-୧ ଦ୍ୱାରା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ଓ ଦଖଲକୁ ନେଇ ହିର୍ମା ସରପଞ୍ଚ ଓ ଜିଲା ପରିଷଦ ସଭ୍ୟ ଝାରସୁଗୁଡ଼ା ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦୀ ଏବଂ ଜିଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀଙ୍କ ଅଭିଯୋଗ ଅନୁସାରେ, ହିର୍ମାରେ ଥିବା ଏସ୍ଏମ୍ସି ପାୱାର ଜେନେରେଶନ ୟୁନିଟ -୧ କମ୍ପାନୀ ଦ୍ୱାରା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ସହିତ ଜଙ୍ଗଲ ଜମିକୁ ବେଆଇନ ଦଖଲ କରାଯାଉଛି। ହିର୍ମା ମୌଜାର ଖାତା ନମ୍ବର ୨୫୦, ପ୍ଲଟ ନମ୍ବର ୧୭୭୧, ୧୭୭୩, ଏରିଆ ୩୨ଏକର ୮୭ ଡେସିମିଲ, କିସମ-ଜଙ୍ଗଲ ଜମି ଉପରେ ଏସ୍ଏମ୍ସି ପାୱାର ୟୁନିଟ -୧ ବେଆଇନ ନିର୍ମାଣ ସହିତ ବେଆଇନ ଭାବରେ ଉକ୍ତ ଜମିକୁ ବ୍ୟବହାର କରୁଛି। ଏହା ସହିତ ବର୍ତ୍ତମାନ ଏସ୍ଏମ୍ସି ପାୱାର ୟୁନିଟ-୧କୁ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଅଧିଗ୍ରହଣ କରିଥିବା ମଧ୍ୟ ସୂଚନା ମିଳିଛି। ତେଣୁ ଉକ୍ତ ଜମିକୁ କମ୍ପାନୀ କବଳରୁ ମୁକ୍ତ କରିବା ପାଇଁ ଏବଂ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ଲାଗି ଓପିଏଲଇ ଆଇନ ଏବଂ ଜଙ୍ଗଲ ସୁରକ୍ଷା ଆଇନ ଅନୁଯାୟୀ ତଦନ୍ତ କରିବା ସହିତ କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦୀ ଏବଂ ଜିଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ ଝାରସୁଗୁଡ଼ା ତହସିଲଦାରଙ୍କଠାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଏସ୍ଏମ୍ସି ପାୱାର ଜେନେରେଶନ କମ୍ପାନୀର ଲକ୍ଷ୍ମୀ ନାରାୟଣ ମିଶ୍ର ଏବଂ ଏସ୍. ଶୁକ୍ଲାଙ୍କୁ ପଚାରିବାରୁ ଏ ବିଷୟରେ ମତାମତ ଦେବା ପାଇଁ ମନା କରି ଦେଇଥିବା ବେଳେ ଝାରସୁଗୁଡା ତହସିଲଦାର ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପୁରସ୍କୃତ

**ଝାରସୁଗୁଡା, ୨୩।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାର ବିଭିନ୍ନ ଶିଳ୍ପସଂସ୍ଥା ତଥା ଇସ୍ପାତ କମ୍ପାନୀରେ କାର୍ଯ୍ୟ କରିଥିବା ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜେ.ପି. ଶର୍ମାଙ୍କୁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରଠାରେ ପୁରସ୍କୃତ କରିଛନ୍ତି। ଝାରସୁଗୁଡ଼ା ଜିଲାର ପ୍ରମୁଖ ଷ୍ଟିଲ କମ୍ପାନୀ ଯଥା ଏସ୍ପିଏସ୍ ଷ୍ଟିଲ ଆଣ୍ଡ ପାୱାର, କନକାଷ୍ଟ ଷ୍ଟିଲ ଏଣ୍ଡ ପାୱାର, ଏସ. ଏମ୍. ପାୱାର ଜେନେରେଶନ ଏବଂ ଓଡ଼ିଶା ମେଟାଲିକ୍ସ କମ୍ପାନୀରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଦକ୍ଷତାର ସହିତ ଉକ୍ତ କମ୍ପାନୀଗୁଡିକୁ ସଫଳତାର ଶୀର୍ଷରେ ପହଞ୍ଚାଇଛନ୍ତି। ଶିଳ୍ପ ଜଗତରେ ଜେ.ପି. ଶର୍ମାଙ୍କ ଏହି ଅବଦାନ ପାଇଁ ଆଜି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ଓଡ଼ିଶାର ଷ୍ଟିଲ ମ୍ୟାନ୍ ଭାବରେ ପୁରସ୍କୃତ କରିଛନ୍ତି। ଜେ.ପି. ଶର୍ମା ଏହି ପୁରସ୍କାର ପାଇବା ପରେ ବାଚସ୍ପତି ସୁରମା ପାଢ଼ୀ ଓ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: କଟକ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**ଦେବଗଡ଼, ୨୩।୧ (ଶଶାଙ୍କ ଶେଖର ଝାଙ୍କର)**

ନେତାଜୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଦେବଗଡ଼ ଟିଙ୍କବୀରରେ ଆୟୋଜିତ ୧୭ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। କଟକ ୟୁନିୟନ୍ ସ୍ପୋର୍ଟିଂ ଓ ରାଉରକେଲାର ଆୱାଇସିସି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ରାଉରକେଲା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୭୫ ରନ୍ କରିଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧୭୬ ରନ୍‌କୁ ପିଛା କରି ଶେଷ ବଲ୍‌ରେ କଟକ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିନାୟକ ସାନୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ରାଉରକେଲାର ଅଙ୍କିତ ପ୍ରସାଦ ଗୁପ୍ତା ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ରାଉରକେଲାର ଆକାଶ ଠାକୁର ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର, ରାହୁଲ ଛେତ୍ରୀ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଏବଂ କଟକ ଦଳର ତାପସ ରାଉତ ଶ୍ରେଷ୍ଠ ବ୍ୟାଟର ଭାବେ ବିବେଚିତ ହୋଇଥିଲେ। ସମସ୍ତଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୂର୍ବତନ ବିଜେଡି ଜିଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ୪୫ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ ମ୍ୟାଚ୍‌ରେ ଉପସ୍ଥିତ ରହି ୨ ଦଳକୁ ଉତ୍ସାହିତ କରିଥିଲେ। ମହେଶ ମୁନ୍ସୀ ଏବଂ ଏମ୍‌ଡି ଇସାକ୍ ମ୍ୟାଚ୍ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ, ଦେବାଶିଷ ବିଶ୍ୱାଳ ଏବଂ ରିୟାଂଶ ସାହୁ ଧାରାବିବରଣୀ, ରେଖାଙ୍କିତ ମାଝୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।


सत्यमेव जयते
ଭାରତ ସରକାର



ସଶକ୍ତ ଯୁବବର୍ଗ,
ବିକଶିତ ଭାରତର ପରିଚୟ

ସରକାରୀ ସେବା ମାଧ୍ୟମରେ ଭାରତୀୟ ଯୁବଶକ୍ତିକୁ ସଶକ୍ତ କରିବାର ଏକ ରାଷ୍ଟ୍ରବ୍ୟାପୀ ପଦକ୍ଷେପ

ରୋଜଗାର ମେଳା

ସାରା ଦେଶର ୪୫ଟି ସ୍ଥାନରେ ସରକାରୀ ସେବାରେ ଯୋଗ ଦେବା ପାଇଁ
ମନୋନୀତ ୬୧,୦୦୦ରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା

୨୪ ଜାନୁଆରୀ ୨୦୨୬ | ପୂର୍ବାହ୍ନ ୧୧.୦୦ ଘଟିକା

ଭିଡିଓ କନ୍‌ଫରେନ୍ସିଂ ଜରିଆରେ

କେନ୍ଦ୍ର ସରକାର ଏବଂ ସହଯୋଗୀ ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଲକ୍ଷାଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି

ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ

ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ବର୍ଦ୍ଧିତ ଅଂଶଗ୍ରହଣ ମାଧ୍ୟମରେ 'ନାଗରିକ ପ୍ରଥମ' ମାର୍ଗର ସୁଦୃଢ଼ୀକରଣ

ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୧୩ଟି ଆଞ୍ଚଳିକ ଭାଷାରେ ନିଯୁକ୍ତି ପରୀକ୍ଷା ସଞ୍ଚାଳନ କରାଯାଉଛି

ୟୁପିଏସ୍‌ସିର 'ପ୍ରତିଭା ସେତୁ' ଜରିଆରେ ପ୍ରତିଭାବାନ୍ ଯୁବବର୍ଗଙ୍କ ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ

ସ୍ୱଚ୍ଛ ଏବଂ ସମୟବଦ୍ଧ ନିଯୁକ୍ତି ପ୍ରକ୍ରିୟା ତଥା ପ୍ରଶ୍ନପତ୍ର ପ୍ରଘଟ ବିରୁଦ୍ଧରେ କଠୋର ଆଇନ

ୟୁପିଏସ୍‌ସି, ଏସ୍‌ଏସ୍‌ସି, ଆର୍‌ଆର୍‌ବି ତଥା ଆଇବିପିଏସ୍ ଭଳି ଖ୍ୟାତନାମା ଏଜେନ୍ସି ଜରିଆରେ ନିଯୁକ୍ତି

iGOT-କର୍ମଯୋଗୀ ପୋର୍ଟାଲରେ ୪୨୦୦ରୁ ଅଧିକ ଉଚ୍ଚ ଗୁଣବତ୍ତାବିଶିଷ୍ଟ ଇ-ଶିକ୍ଷଣ ପାଠ୍ୟକ୍ରମ ଜରିଆରେ ୧.୪୭ କୋଟିରୁ ଅଧିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି

CBC 19101/13/0029/2526

DD NEWS
ଡିଡି ନ୍ୟୁଜ୍‌ରେ
ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ଉପରେ ଅଧିକ ସୂଚନା ପାଇଁ, ପରିଦର୍ଶନ କରନ୍ତୁ:
https://portal.igotkarmayogi.gov.in କିମ୍ବା QR କୋଡ୍ ସ୍କାନ୍ କରନ୍ତୁ।



ପୁରୀ ଶ୍ରୀମନ୍ଦିର ରଥଖଳାଠାରେ ଶୁକ୍ରବାର ସରସ୍ୱତୀ ପୂଜା ଅବସରରେ ରଥ କାଠ ଅନୁକୂଳ କରାଯାଇଛି।

# ମତ୍ସ୍ୟ, ପ୍ରାଣୀ ପାଳନରେ ଟେକ୍ନୋଲୋଜି ଉପଯୋଗ କର: ରାଜ୍ୟପାଳ

## ସରିଲା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର,୨୩।୧
(ଅନୁରାଧା ମହାରଣା)

ଯୁବପିଢ଼ି ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନରେ ଆଧୁନିକ ଟେକ୍ନୋଲୋଜି ଉପଯୋଗ କରନ୍ତୁ। ଏହାକୁ ଲାଭଦାୟକ କ୍ଷେତ୍ର ଭାବରେ ଅନୁସନ୍ଧାନ କରିବା ସହ ଏ କ୍ଷେତ୍ରରେ ଉଦ୍ୟୋଗ ସୃଷ୍ଟି କରନ୍ତୁ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ୩ଦିନିଆ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହି ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କହିଲେ, ମାଛ ଚାଷ ଏବଂ ପ୍ରାଣୀ ପାଳନ ଆଉ ପାରମ୍ପରିକ ପ୍ରଥା ମଧ୍ୟରେ ସୀମିତ ରହି ନାହିଁ। ଏହା ମାଛ ହାଚେରୀ, ମାଛ ଚାଷ ଲଜିଷ୍ଟିକ୍ସ, ଦୁଗ୍ଧ ୟୁନିଟ, କୁକୁଡ଼ା ଫାର୍ମ, ଖାଦ୍ୟ ଉତ୍ପାଦନ ଓ ପ୍ରକ୍ରିୟାକରଣ ୟୁନିଟ, ପାଳିତ ପ୍ରାଣୀର ଯତ୍ନ ଆଦିର ସୁଯୋଗ ପ୍ରଦାନ କରୁଥିବା ଗତିଶୀଳ କ୍ଷେତ୍ରରେ ପରିଣତ ହୋଇଛି। ଦକ୍ଷତା ବିକାଶ ଏବଂ ନବସୃଜନକୁ ଆପଣାଇ ଯୁବ ଗୋଷ୍ଠୀ ସଫଳ ଉଦ୍ୟୋଗ ସୃଷ୍ଟି କରିପାରିବେ ଏବଂ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇପାରିବେ। ମତ୍ସ୍ୟ ଚାଷ ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ଶତାବ୍ଦୀ ଶତାବ୍ଦୀ ଧରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଆସିଛି, ଗ୍ରାମୀଣ ଜୀବିକାକୁ ସମର୍ଥନ କରୁଛି ଏବଂ ଅର୍ଥନୀତିକୁ ସୁଦୃଢ଼ କରୁଛି। ଏହି କ୍ଷେତ୍ରର ଅଭିବୃଦ୍ଧି ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବିକଶିତ ଭାରତର ବୃହତ୍ ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେଉଛି। ଓଡ଼ିଶାର ବିସ୍ତୀର୍ଣ୍ଣ ଉପକୂଳ ଓ ପ୍ରଚୁର ଜଳସମ୍ପଦ ଥିବାରୁ ପରିଶ୍ରମୀ ଚାଷୀଙ୍କ ପାଇଁ ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ପ୍ରକ୍ରିୟାକରଣ ୟୁନିଟ, ଶୀତଳ ଭଣ୍ଡାର ଏବଂ ଉତ୍ତମ ବିପଣନ ସୁବିଧାର ବିକାଶରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ଓଡ଼ିଶାକୁ ପ୍ରାଣୀ ଏବଂ ମତ୍ସ୍ୟ ଉତ୍ପାଦର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଚାଷୀ ଓ ଉଦ୍ୟୋଗୀଙ୍କ ପାଇଁ ଉପାଦେୟ କଥା କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଓ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ।

# ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୯ ମାଓବାଦୀ

ମାଲକାନଗିରି,୨୩।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ଧମତରୀ ପୋଲିସ ନିକଟରେ ଶୁକ୍ରବାର ୯ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୭ ଜଣ ମହିଳା ମାଓବାଦୀ ରହିଛନ୍ତି। ସମସ୍ତ ମାଓବାଦୀଙ୍କ ଉପରେ ୪୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଛତିଶଗଡ଼ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ବର୍ତ୍ତମାନ ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ସଂଗଠନର ବଡ଼ ବଡ଼ ନେତା ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବାରୁ ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣକରି ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ଚାହୁଁଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଛତିଶଗଡ଼ ପୋଲିସ ତରଫରୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଧମତରୀ ପୋଲିସ ସୂତ୍ରରୁ ପ୍ରକାଶ।

ପ୍ରଥମ ପୃଷ୍ଠାରେ...

## ଫାଇନାଲରେ କଳିଙ୍ଗ...

ଦିଲୀପ ତିର୍କୀ, ଅନ୍ତର୍ଜାତୀୟ ଓଡ଼ିଆ ଆଥଲେଟ୍ ଅମିୟ ମଲ୍ଲିକ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ। ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ସହ ଓହ୍ଲାଇଥିବା ଲାନ୍ସର୍ସ ଦଳକୁ ୧୨ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନର (ପିସି) ମିଳିଥିଲା, ଯାହାକୁ ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ଦଳ ପ୍ରଥମ କ୍ୱାର୍ଟର ପର୍ଯ୍ୟନ୍ତ ୧-୦ ଗୋଲରେ ଆଗରେ ରହିଥିଲା। ଏହି ଧାରା ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ଲାନ୍ସର୍ସକୁ ମିଳିଥିବା ଏକ ପିସିକୁ ହେଣ୍ଡ୍ରିକ୍ସ (୩୨ତମ) ଗୋଲରେ କନଭର୍ଟ କରି ଦଳକୁ ୨-୦ର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୮ ମିନିଟ୍ ପରେ ରୟାଲ୍ସକୁ ମିଳିଥିବା ପିସିକୁ ମନଦୀପ ସିଂ ଗୋଲରେ ପରିଣତ କରି ଦଳ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ଲାନ୍ସର୍ସ ୨-୧ ଗୋଲରେ ଆଗରେ ରହିଥିଲା। ଶେଷ କ୍ୱାର୍ଟରରେ ରାଞ୍ଚି ରୟାଲ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା, ହେଲେ ତାହା ସ୍କୋର ଲାଇନକୁ ପ୍ରଭାବିତ କରିପାରି ନ ଥିଲା।

## ପରଜଙ୍ଗରେ ପାଷ୍ଟରଙ୍କୁ...

ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ସରକାରଙ୍କ ଲଗାତର ନୀରବତା ଯୋଗୁ ଅପରାଧୀମାନେ ସାହସ ପାଉଛନ୍ତି। ତେଣୁ ଶାହା ଏଥିରେ ହସ୍ତକ୍ଷେପ କରି ଅପରାଧୀମାନଙ୍କୁ ଗିରଫ କରାନ୍ତୁ ବୋଲି ବେଣୁଗୋପାଳ ଏଥିରେ ଉଲ୍ଲେଖ କରିଛନ୍ତି।

ସେହିପରି ମେଘାଳୟ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଅଧ୍ୟକ୍ଷ କନରାଡ୍ ସାଙ୍ଗମା ଏହାକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିପିନଙ୍କୁ ଗୋବର ଖୁଆଇ ଆକ୍ରମଣ କରିବା ସମ୍ବିଧାନ ପ୍ରଦତ୍ତ ଅଧିକାରର ଉଲ୍ଲଂଘନ ବୋଲି ସେ ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଘଟଣା ବଢ଼ିଚାଲିଛି। ଏହା ସାମ୍ବିଧାନିକ ଅଧିକାରର ଖୋଲା ଉଲ୍ଲଂଘନ।

## ସରସ୍ୱତୀ ପୂଜାରେ...

ତିନିରଥର ଗୁଜ କାର୍ଯ୍ୟ କରାଯିବ। ସେହିପରି ଆସନ୍ତା ରାମନବମୀରେ କଟକ ଖପୁରିଆଣ୍ଡ ସ' ମିଲରେ ରଥକାଠ ଚିରଟ କରାଯିବ। ରଥ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ସିଟି ଡିଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ।

## ୭୦ଦିନରେ ସରିବ...

୧ଲକ୍ଷ ୧୫ହଜାର ରିଭିଜନ ପିଟିଶନ ମାମଲା ପଡ଼ିରହିଛି। ଏହାସହିତ ଦାଖଲ ଖାରଜ ଓ ବନ୍ଦୋବସ୍ତ ମାମଲା ମଧ୍ୟ ରହିଛି। ଏହାକୁ ଯଦି ଗୋଟି ଗୋଟି କରି ସଂଶୋଧନ କରାଯିବ, ତେବେ ଦୀର୍ଘ ବର୍ଷ ଚାଲିଯିବ। ମାତ୍ର ରାଜସ୍ୱ ବିଭାଗ ପକ୍ଷରୁ ଓଡ଼ିଶା ସର୍ଭେ ଏବଂ ସେଟେଲମେଣ୍ଟ ସଂଶୋଧନ ଆଇନ-୨୦୨୫ କାର୍ଯ୍ୟକାରୀ ହେବା ଫଳରେ କିଛିଦିନ ମଧ୍ୟରେ ଲକ୍ଷାଧିକ ମାମଲା ଫଇସଲା ହୋଇଯିବ। ବହୁ ଲକ୍ଷ ଲୋକ ରାଜସ୍ୱ ସେବାର ସୁଫଳ ପାଇପାରିବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଡିସେମ୍ବର ୧୮ରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ସବୁ ଜିଲାପାଳ ଓ ଆରଡିସିଙ୍କୁ ଜାରି କରାଯାଇଛି। ଏହାକୁ ନେଇ ଜନସାଧାରଣଙ୍କ ପକ୍ଷରୁ ପ୍ରତିଦିନ ଶତାଧିକ ଆବେଦନ ତହସିଲଦାରଙ୍କ ନିକଟକୁ ଆସୁଛି। ସେସବୁକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯାଉଛି ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଯଦି କୌଣସି ତହସିଲଦାର ଏସବୁ ମାମଲା ପରିଚାଳନାବେଳେ ସାଧାରଣ ଲୋକଙ୍କ ସହିତ କୌଣସି ପ୍ରକାର ବ୍ୟତିକ୍ରମ କରନ୍ତି, ତେବେ ବିଭାଗ ଏହାକୁ ସାଂଘାତିକ ଭାବେ ନେବ। ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ଏଭଳି କଡ଼ା ଆଭିମୁଖ୍ୟକୁ ନେଇ ତହସିଲଦାରଙ୍କ 'ରେସପନ୍ସ' ଭଲ ଆସୁଛି ବୋଲି ରାଜସ୍ୱ ବିଭାଗ ମହଲରୁ ଜଣାଯାଇଛି।

## ରୂପ୍‌ସାରେ ମାଲବାହୀ...

ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିଥିଲେ। ତେବେ କେଉଁ କାରଣରୁ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ସେନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ଯୋଗ୍ୟ, ଷ୍ଟେଶନର ମାଲଗୋଦାମ ପଟେ ସିମେଣ୍ଟ ଓ ସାର ଅନଲୋଡ଼ିଂ ସାରି ମାଲବାହୀ ଟ୍ରେନ୍ ବାଲେଶ୍ୱର ଅଭିମୁଖେ ଯାଉଥିଲା। ୭ନଂ. ଲାଇନ୍‌ରୁ ୬ନଂ. ଲାଇନ୍‌କୁ ଯାଉଥିବା ବେଳେ କ୍ରସ ଓଭର୍ ପଏଣ୍ଟ ନିକଟରେ ଟ୍ରେନ୍‌ର ୩ଟି ବଗି କୌଣସି କାରଣବଶତଃ ହଠାତ୍ ଲାଇନଚ୍ୟୁତ ହୋଇଥିଲା। ଖଡ଼ଗପୁର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍) ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡିଆର୍‌ଏମ୍‌ଙ୍କ ଉପସ୍ଥିତିରେ ଏଡିଆର୍‌ଏମ୍, କମର୍ସିଆଲ ଇନ୍ସପେକ୍ଟର, ବରିଷ୍ଠ ଅଧିକାରୀ, ବରିଷ୍ଠ ଯନ୍ତ୍ରୀ ପ୍ରମୁଖ ତତକ୍ଷଣାତ୍ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୩ଘଣ୍ଟା ପରେ ସମସ୍ତ ମରାମତି କାର୍ଯ୍ୟ ଶେଷ ହୋଇ ଟ୍ରେନ୍ ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଘଟଣାର ଠିକ୍ କାରଣ ଅନୁଧ୍ୟାନ କରିବା ପାଇଁ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ ଜାରି ରଖିଛନ୍ତି।


### ZILLA PARISHAD, PURI
### ODISHA RURAL DEVELOPMENT & MARKETING SOCIETY, PURI

ORMAS PURI (Odisha Rural Development and Marketing Society)

Panchayati Raj & D.W. Deptt. Govt. of Odisha)
Letter No.885/ ORMAS Date 21.01.2026

**Advertisement Material**

**No.CAD-3084:** Chief Development Officer-cum-Executive Officer, Zilla Parishad, Puri invites sealed bids from reputed, registered/sole proprietor suppliers/ Firms for tentage & allied Services for **Atmanirvar Bharat and Swadeshi Mela**-2026 from dated 11.02.2026 to dt 15.02.2026 at Talabania, Puri. Bidders fulfilling the prescribed eligibility criteria of the tender can access and download the complete Tender Documents and other details from http://puri.odisha.gov.in. The sealed documents should reach to office of the Zilla Parishad, Puri latest by **dt 31.01.2026 by 5.00 PM** through Speed/ Regd. Post only and Technical bid shall be opened on **dt. 02.02.2026 at 11.00 AM** and Financial Bid shall be opened on **dt 03.02.2026 at 11.00 AM.**

OIPR- Sd./- CDO-cum-EO, Zilla Parishad, Puri

GOVERNMENT OF ODISHA No. O-2122
### OFFICE OF THE SUPERINTENDING ENGINEER, RURAL WORKS DIVISION, NIMAPARA

Mail ID: ee_nimapara@yahoo.co.in

No.: Tender Online-Divn. NPR-16/2025-26 Date: 17.01.2026

**e-Procurement NOTICE**

1. Name of the Work : Road works for the year 2025-26
2. Total No. of Projects : 01 (One) No. of Projects
3. Estimated cost of Projects : To Rs.27.10 lakh
4. Class of Contractor :
   a) Estimated cost above Rs.20.00 lakhs and upto Rs.300.00 Lakhs : "B" Class (of Odisha PWD) or relevant class of other licensing authorities
   b) Estimated cost more than Rs.20.00 lakhs and upto Rs.40.00 Lakhs : "C" Class & "B" Class (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakh : "D" Class & "C" Class (of Odisha PWD) or relevant class of other licensing authorities
5. Mode of Submission of Tender : Tender should be submitted online only in website: **www.tendersorissa.gov.in**
6. Period of Completion : As per TCN
7. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date, Time & Venue of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender Online - Divn. NPR - 16/2025-26 | 22.01.2026 at 11.00 A.M. | 29.01.2026 upto 5.00 P.M. | 29.01.2026 upto 1.00 P.M. | 30.01.2026 at 11.00 A.M. Office of the S.E.R.W. Division, Nimapara |

Further details can be seen from the website **www.tendersorissa.gov.in**.

OIPR- Sd./- Superintending Engineer, Rural Works Divn., Nimapara

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

### DISTRICT PROJECT OFFICE, SAMAGRA SHIKSHA, JAJPUR

(Dept. of School and Mass Education, Govt. of Odisha)
AT/PO-Baidyarajpur, Jajpur, Odisha, PIN-755001, Email:dpcjajpurssa.opepa@od.gov.in
No.342/Ped/2026 Dated 21.01.2026

**NOTICE INVITING TENDER**

No.n-245: Sealed tenders are invited from the reputed & credible printers/firms/ agencies for Printing & Supply of "Question cum Answer Sheets, Answer Key & Oral questions" for SA-II for Clas-I to IV and VI, VII & Annual Examination for Class-V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII and Annual Examination for Class-V & VIII 2026 Students | Rs.2000/- (Two thousand) only | Rs.60,000/- | 04/02/2026 by 5.30 PM | 05/02/2026 at 11.30 AM |

The detailed BID document is available in the website www.jajpur.odisha.gov.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By order of Collector-cum-Chairman, SS, Jajpur
Sd./- District Project Coordinator
Samagra Shiksha, Jajpur
OIPR-

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

### DISTRICT PROJECT OFFICE, SAMAGRA SHIKSHA, KEONJHAR

PWD Road, Infront of Govt. Press, Keonjhar - 758001, Ph. No.: 06766-254103, Fax: 256420, Email Id: dpckeonjharssa.opepa@nic.in
Letter No. 207/Pedagogy Dated: 22.01.2026

**NOTICE INVITING TENDER (NIT)**

No. n-246: Sealed tenders are invited from the reputed & credible printers/firms/ agencies for printing & supply of "Question cum Answer Sheets, Answer Key & Oral questions" for SA-II-2025-26 for Class-I to IV & VI, VII and Annual Examination - 2025-26 for Class-V & VIII Students in two bid systems (Technical & financial Bid) as detailed below.

| Name of the Tender | Bid Processing Fees | Amout of EMD | Last date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & supply of "Question cum Answer Sheets, Answer Key & Oral questions" for SA-II-2025-26 for Class-I to IV & VI, VII and Annual Examination - 2025-26 for Class-V & VIII | Rs.7,000/- (Seven thousand) only | Rs.1,00,000/- (One lakh) only | 03.02.2026 by 5.30 P.M. | 04.02.2026 at 03.30 P.M. |

The detailed BID document is available in the website **www.kendujhar.odisha.gov.in**, **www.osepa.odisha.gov.in**. Interested and eligible agency/firm may download BID DOCUMENT from the above website and apply accordingly. Corrigendum/ addendum, if required, will be uploaded in the above website. Hence potential/ interested bidders are requested to be in continuous touch with the above websites. The Tender Inviting Authority (TIA) reserves the right to accept/reject any full or part/ all BID/cancel the entire selection process at any stage without assigning any reason thereof.

By the orders of Collector-cum-Chairman, Keonjhar
Sd./- DEO-cum-DPC
Samagra Shiksha, Keonjhar
OIPR-

### OFFICE OF THE EXECUTIVE ENGINEER, MECHANICAL DIVISION
AT/PO-KHATIGUDA, DIST:NABARANGPUR, PIN-764085
E-mail: exengeer123@gmail.com

**TENDER CALL NOTICE NO.EE-MDK-07/2025-26, DATED: 19.01.2026**

**No.A-1321:** Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Mechanical Division, Khatiguda.

| | | | |
|---|---|---|---|
| 1. | Name of the Work | : | Deployment of one light Commercial Vehicle (Bolero/TUV-300/SUMO Gold/ Ertiga) on hire basis to be engaged for official use of the Executive Engineer, Mechanical Division, UIDC, Khatiguda for one year / 12 Calendar Months. |
| 2. | Number of Works | : | One |
| 3. | Estimated Cost | : | Rs.4,46,400/- (Excluding GST) |
| 4. | Eligibility of the bidders | : | Registered Travel Agency/ Tour Operators/ Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5. | Period of Contract | : | 12 (Twelve) Calendar Months |
| 6. | Date & Time of availability of bid document at the office | : | 22.01.2026 (11.00 AM) to 02.02.2026 upto (01.00 PM) |
| 7. | Last Date and Time for receipt of bid at the office | : | 02.02.2026 upto (01.00 PM) |
| 8. | Date of Opening of the bids | : | 03.02.2026 (12.00 PM) |
| 9. | Name & address of the Office Inviting Bid | : | Office of the Executive Engineer, Mechanical Division, At/Po: Khatiguda, Dist: Nabarangpur, PIN-764085 |

Further details can be seen at the office of The Executive Engineer, Mechanical Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.

OIPR- Sd./- Executive Engineer, Mechanical Division, Khatiguda

### ODISHA PUBLIC SERVICE COMMISSION
19, DR. P. K. PARIJA ROAD, CUTTACK
No. 541/PSC, Dt. 22.01.2026

**QUOTATION CALL NOTICE**

**No.-12001/2/2526** : Sealed Quotations for following items are invited from the intending Authorized Agencies/ Dealers having valid GST Registration. They should submit their applications along with copies of GST Registration Certificate & PAN Card.

| | | | |
|---|---|---|---|
| 1. | Office Computer Table | - | 10 Nos. |
| 2. | Adjustable Arm Rest Chair | - | 10 Nos. |

The Sealed Quotation should reach the undersigned at 11 A.M. on or before 09.02.2026 and shall be opened on the same day at 3:30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.

OIPR-12001/12002/1/25-26/0002 Sd./- Secretary

### OFFICE OF THE NABARANGPUR MUNICIPALITY
### NABARANGPUR (ODISHA), PIN-764059
Web-www.nawarangpurm.in, E-mail:muncipalityngpr@gmail.com
TEL./FAX NO. 06858-222031

**"e" PROCUREMENT NOTICE**
**Bid Identification No.NM-02/2025-26**

**No.C-2157:** Bid documents consisting of work, Estimated Cost, Cost of Tender Paper, EMD and time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in & www.nawarangpurm.in.

1. Name of the Work : Civil Work
2. No. of Works : 13 Nos.
3. Estimated Cost : Rs.2.00 Lakhs to Rs.15.00 Lakhs
4. Period of Completion : As per DTCN
5. Date & Time of Bidding : From 11.00 A.M. of 22.01.2026 to 31.01.2026 upto 5.00 PM.
6. Last date & time for receipt of Bids in Portal : 31.01.2026 at 5.00 P.M.
7. Bids received online shall be opened on : 11.00 AM hours of Dt.02.02.2026
8. Name and address of the Officer Inviting Bid : Executive Officer, Nabarangpur Municipality
   Further details can be seen from the procurement portal : www.tenderorissa.gov.in & www.nawarangpurm.in

Sd./- Executive Officer
Nabarangpur Municipality
OIPR-

### OFFICE OF THE COLLECTOR & DISTRICT MAGISTRATE, BALASORE DISTRICT (DISTRICT SOCIAL WELFARE OFFICE)

No- 280 Date : 22.01.2026

**TENDER CALL NOTICE**

**No.19001/2/2526** : Sealed tenders are invited from intending registered Printing Press/ registered Firms/ Supplying agencies for printing & supply of Arunima Work Book-I & II Child Assessment (CA) card, Picture/numeracy books (6 to 8 nos., Colorful pictorial books demonstrating stories/working with numbers). Details of the tender documents are available with the website (https://balasore.odisha.gov.in). The same can be purchased from the office of the DSWO, Balasore on any working Day till 06.02.2026 on payment of Rs 10000/- only.

Last date of submission of tender on or before 06.02.2026 at 5:30 PM.

OIPR-19001/19257/1/25-26/0002 Sd./- District Social Welfare Officer, Balasore

### OFFICE OF THE NOTIFIED AREA COUNCIL, KHARIAR
AT/PO-KHARIAR, Dist- NUAPADA, PIN-766107
e-mail- khariarn.hud@ori.nic.in, khariarnac@gmail.com
Letter No. 245/NAC KHR Dated : 22/01/26

**2nd Corrigendum**

**No.C-2162** : Due to some typographical error the following changes have been made to Tender Call Notice No. 134 Dt. 13.01.2026.

1. The last date of online submission is extended up to 5.30 pm of Dtd. 30.01.2026 instead of Dtd.27.01.2026. 5.30 p.m.
2. Offline submission of Bid at 10.00 am of Dtd. 31.01.2026 to Dtd.03.02.2026 at 5.30 pm instead of 10.00 am Dtd. 28.01.2026 to 30.01.2026 at 5.30 p.m
3. Online opening of Bid at 11.00 am of Dtd. 04.02.2026 instead of 31.01.2026 at 11.00 a.m.

All other terms & condition of above Tender Call Notice are remain unaltered.

Sd./- Executive Officer
Notified Area Council, Khariar
OIPR-

### SADHU GOURESWAR (DEGREE) COLLEGE
At/Po: Kanikapada, Dist-Jajpur
Ph:06728-258262, 299957
NAAC ACCREDITATED- "B+"
Website: sgckanikapada.in/ E-mail: sgckanikapada@gmail.com

### OFFICE OF THE PRINCIPAL, SADHU GOURESWAR COLLEGE
At/Po- Kanikapada, Dist-Jajpur- 755011
E-mail: sgckanikapada@gmail.com Website: sgckanikapada.in

**QUOTATION CALL NOTICE**

**No.N-254:** Sealed Quotations are invited from interested firms/ suppliers/ dealers with valid GST registration for supply of furnitures/ equipments/ Text Books for Degree Classes at college premises to be procured out of RUSA grant. The detailed specifications of the items will be available in the college website and college office. The sealed quotations complete in all respect must reach to the undersigned by Speed Post within 7 days from the date of publications of this notice.

The college reserves the right to reject/ cancel the quotations without assigning any reason thereof.

Sd./- Principal
Sadhu Goureswar College
OIPR-

### ODISHA STATE CIVIL SUPPLIES CORPORATION LTD., BALANGIR
Email ID- csobalangir@gmail.com

**QUOTATION/TENDER CALL NOTICE FOR HIRING OF PRIVATE VEHICLES**
**No.441, Dated 21.01.26**

**No.CAD-3082:** Sealed quotations/tenders are invited from interested reputed Travel Agencies/ Tour Operators/ Individuals for providing various class/types of private vehicles (AC) on monthly rented basis for the Office of Chief CSO-cum-District Manager, OSCSC Ltd., Balangir. The details of terms and conditions can be obtained from this Office or downloaded from District website https://balangir.odisha.gov.in.
Any corrigendum/addendum etc. can be viewed in the District website.
The undersigned reserves the right to reject any or all the tenders/ quotations without assigning any reason thereof.

Sd./- Chief CSO-cum-District Manager
OSCSC Ltd., Balangir
OIPR-

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହିଞ୍ଜିଳିକାଟୁ
### OFFICE OF THE PANCHAYAT SAMITI HINJILICUT, GANJAM
No.i-487

L.No.196 Dt.13.01.26

**TENDER CANCELLATION NOTICE**

Sub:- Cancellation of e-Tender due to technical login problem and non-publication in media.
Ref.:- Notice No.95, Dated 06.01.2026.
Tender issued vide Bid Notice No.HIN-PS-01/25-26 for "Construction of office building and one 50MT Godown at Sapuapalli and Samarjhola of Hinjili Block" are hereby cancellation of e-Tender due to technical login problem and non-publication in media. The e-Tender could not be uploaded/published within the stipulated time. As a result, the tender notice was also not published in the prescribed media (newspaper), which is a mandatory requirement as per tender guidelines.
In view of the above circumstances, the e-Tender has been cancelled to maintain transparency and to avoid any procedural irregularity. It is therefore requested to kindly accord approval for cancellation of the said e-Tender and allow re-invitation of the e-Tender following due procedure, including proper publication in media.
This is submitted for your kind consideration and necessary approval.

OIPR- Sd./- Block Development Officer, Hinjilicut

GOVERNMENT OF ODISHA
DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL
INVITATION FOR BIDS (IFB)
Email ID - ee.hwd.samal@gmail.com

**'e'-Procurement Notice No. SE_HWD-10/2025-26**

**No.A-1322** : The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in Single cover system to be received in ONLINE MODE from eligible contractors registered with the State Government, contractors of equivalent Grade / Class Registered with Central Government/ MES/ Railways/CPWD for execution of Civil works mentioned as detailed below :

| | | | |
|---|---|---|---|
| 1 | No. of works | : | One No of work |
| 2 | Name of the work | : | Improvement of upper colony road of Samal Barrage Township |
| 3 | Estimated Cost | : | Approximately Rs.9.66 lakhs |
| 4 | Cost of tender paper | : | Rs.4000.00 (Non-refundable) |
| 5 | EMD/Bid Security | : | Rs.9,700.00 (Refundable) |
| 6 | Class of Contractor | : | 'D' & 'C' class |
| 7 | Period of Completion of work | : | 1 month |
| 8 | Date and time of availability of bid Document in the website | : | From 11.00 A.M. of Dt.27.01.2026 to 5.00 P.M. of Dt.05.02.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.06.02.2026 at 11.00 A.M. in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | Intimated later |
| 11 | Digital Signature Certificate (DSC) | : | The bidders must posses compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist. : Angul, Odisha, PIN-759037 Email ID - ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer (C)
Head Works Division, Samal
OIPR-

## ୫ ହିତାଧିକାରୀଙ୍କୁ କ୍ରେଡିଟ୍ କାର୍ଡ ବଣ୍ଟନ

**କଣ୍ଟାବାଞ୍ଜି (ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି କନ୍‌ଫରେନ୍ସ ହଲ୍‌ରେ ଏନ୍‌ଏସିସ୍ତରୀୟ ପିଏମ୍ ସ୍ୱନିଧି ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଛବି ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନଗରପାଳ ବରିୟାମ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ଉପନଗରପାଳ ମନୋରମା ରାଉତ, ବିଧାୟକଙ୍କ ପ୍ରତିନିଧି ବେଦବ୍ୟାସ ନାଗ୍ ମଞ୍ଚାସୀନ ଥିଲେ। ଏହି ଯୋଜନାରେ ଏସ୍‌ବିଆଇ ଦ୍ୱାରା ଚିହ୍ନଟ ୫ଜଣ ହିତାଧିକାରୀଙ୍କୁ କ୍ରେଡିଟ୍ କାର୍ଡ ବଣ୍ଟନ କରାଯାଇଛି।



## ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ଶିବିର

# କଳାହାଣ୍ଡି ଜିଲାକୁ ସଫଳତା

ଭବାନୀପାଟଣା,୨୩ା୧ (ଉତ୍ତମ କୁମାର ଦାଶ)

ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡ୍‌କ୍ରସ ଶିବିରରେ କଳାହାଣ୍ଡି ଜିଲାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଜାନୁଆରୀ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରରେ ଜିଲାର ଯୁବ ରେଡ୍‌କ୍ରସ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ପରାମର୍ଶଦାତା ଡ. ନୃସିଂହାନନ୍ଦ ସାସମଲ, ସଞ୍ଜୀବ କୁମାର ସଗରିଆ, ସେତୁରାମ ନାଏକ ଓ ଦୁଇଟି ଜିଲାସ୍ତରୀୟ ଶିବିରରୁ ମନୋନୀତ ହୋଇଥିବା ବିଭିନ୍ନ ମହାବିଦ୍ୟାଳୟର ୧୨ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଏମ. ରାମପୁର ମହାବିଦ୍ୟାଳୟ ଛାତ୍ର ମୁକେଶ ହରିଜନ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ,




କଳାହାଣ୍ଡି ଜିଲାର ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।

ସ୍ନାତକ ମହାବିଦ୍ୟାଳୟ ମହାଲିଙ୍ଗର ଛାତ୍ର ଶରତ କୁମାର ତାଣ୍ଡି ପାରମ୍ପରିକ ପୋଷାକ ପରିଧାନ ପ୍ରତିଯୋଗିତାରେ ଦ୍ୱିତୀୟ ଓ ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟ ଜୟପାଟଣାର ଛାତ୍ରୀ ତନୁଜା ହରିଜନ ତର୍କ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, କୁଳସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ଡ. ଜୟଦେବ ସାହୁ, ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଏବଂ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଯୁବ ରେଡ୍‌କ୍ରସ ପରାମର୍ଶଦାତା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

କୋମନା,୨୩ା୧ (ମହେଶ ବାଗ)

କୋମନା ବ୍ଲକ ସିଲେଟପାଣି ମାଣ୍ଡିଆ ଫ୍ୟାକ୍ଟ୍ରିଠାରେ ଚଳିତ ଖରିଫ ଋତୁ ୨୦୨୫-୨୬ର ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ମାଣ୍ଡିଆ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ମୁରଲୀଧର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପ କୃଷି ଅଧିକାରୀ ସଂଗୀତା ମେହେର, ମାଣ୍ଡିଆ କ୍ରୟ କରୁଥିବା ଟିଡିସିସିଓଏଲ ଶାଖା ପରିଚାଳକ ହେମନ୍ତ କୁମାର ବେହେରା, ସ୍ଥାନୀୟ ଏଓ କୁଶ ସୁନା, କୁଶ ଧରୁଆ, ମା' ସୁନଦେଈ ଫାର୍ମର ପ୍ରଡ୍ୟୁସର୍ ଗ୍ରୁପ ଏମ୍‌ଡି ହେମ ସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲୁ କେନ୍ଦୁଭଟାର କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଯାନର ବ୍ଲକ ସଂଯୋଜକ ଉଦେମଣୀ ନିଆଲ, ଗୌତମ ଦୁରିଆ, କୁବେର ପ୍ରଧାନ ଓ ଅନ୍ୟ କ୍ଷେତ୍ର କର୍ମୀ ସହଯୋଗ କରିଥିଲେ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା,୨୩ା୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ସ୍ଥାପନ କରାଯାଇଥିଲା। କୁଳପତି ଡ. ନିବେଦିତା ନାଥ ଉତ୍ସବ ଉଦ୍‌ଘାଟନ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ବିତ୍ତ ନିୟନ୍ତ୍ରକ ସୁରେଶ ପିତିସିକା ଉପସ୍ଥିତ ଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା କ୍ରୀଡା ନିୟମାବଳୀ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ୨୪ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ଜଣ ଅଂଶଗ୍ରହଣ କରିଥିଲେ। ଛାତ୍ରଙ୍କ ମଧ୍ୟରେ ଅନିକେଶ ମହାପାତ୍ର ଓ ଛାତ୍ରୀଙ୍କ ମଧ୍ୟରେ ବିନୋଦିନୀ ଧରୁଆ ଚାମ୍ପିଅନ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ କୁଳପତି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ରାସ୍ତା ଉନ୍ନତୀକରଣ ପାଇଁ ମନ୍ତ୍ରୀଙ୍କୁ ଚିଠି

ଥୁଆମୂଳ ରାମପୁର,୨୩ା୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ସିଙ୍ଗାରୀ ଘାଟି ରାସ୍ତା ଶୋଚନୀୟ ହୋଇପଡ଼ିଛି। କଲମପୁର ଛକଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ରାସ୍ତା ଉନ୍ନତୀକରଣ ପାଇଁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଥୁଆମୂଳ ରାମପୁରରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସନ୍ଧ୍ୟା ପରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ସିଙ୍ଗାରୀ ଘାଟି ରାସ୍ତା ହିଁ ସ୍ଥାନୀୟ ଲୋକଙ୍କ ପାଇଁ ଏକମାତ୍ର ଭରସାଯୋଗ୍ୟ ମାଧ୍ୟମ ହୋଇଥାଏ। ବିଶେଷକରି ଜରୁରିକାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଛି। ମାତ୍ର ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ବିପଦସଙ୍କୁଳ ହୋଇପଡ଼ିଛି। ଏହି ସମସ୍ୟାକୁ ଗୁରୁତର ସହ ନେଇ ବିଧାୟକ ଦିଶାରୀ ପତ୍ର ସଂଖ୍ୟା ୦୮/ଏସି-୭୭ରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ତାଙ୍କ ନିର୍ବାଚନମଣ୍ଡଳୀର ଏହି ପ୍ରମୁଖ ରାସ୍ତାଟି ବର୍ତ୍ତମାନ ଅତି ଖରାପ ସ୍ଥିତିରେ ରହିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଆବଶ୍ୟକ ପାଣ୍ଠି ମଞ୍ଜୁର କରିବା ସହ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ସେ ନିବେଦନ କରିଛନ୍ତି। ଏହି ପତ୍ରର ଏକକିତା ନକଲ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବଙ୍କ ନିକଟକୁ ପ୍ରେରଣ କରାଯାଇଛି।

## ଫେବୃଆରୀ ୨୦ରୁ ଖରିଆର ରୋଡ୍ ମହୋତ୍ସବ

ନୂଆପଡ଼ା,୨୩ା୧ (ମକାରୁ ବେମାଲ)



ମହୋତ୍ସବ କାର୍ଯ୍ୟସୂଚୀ ପୁସ୍ତକ ଉନ୍ମୋଚନ କରାଯାଉଛି।

ନୂଆପଡ଼ା ଜିଲା ଖରିଆର ରୋଡ୍ ଏକ ହୋଟେଲଠାରେ ଶୁକ୍ରବାର ଦ୍ୱିତୀୟ ଖରିଆର ରୋଡ୍ ମହୋତ୍ସବ ପାଇଁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚାମ୍ବର ଅଫ୍ କମର୍ସ ସଭାପତି ସନ୍ଦୀପ ଶର୍ମାଙ୍କ ଆୟୋଜିତ ସମ୍ମିଳନୀରେ ନୂତନ କାର୍ଯ୍ୟକାରିଣି କମିଟି କର୍ମକର୍ତ୍ତା ନାମ ଘୋଷଣା ସହ ମହୋତ୍ସବ ଫେବୃଆରୀ ୨୦,୨୧,୨୨,୨୩ ଚାରି ଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ନୂତନ କାର୍ଯ୍ୟକାରିଣି କମିଟି ସଭାପତି ଭାବରେ ସନ୍ଦୀପ ଶର୍ମା, ସାଧାରଣ ସମ୍ପାଦକ ପ୍ରେମନାଥ ସାହୁ, ଉପସଭାପତି ଅଭିଷେକ ମଲାନି, ନିରଜ ପାଣ୍ଡେ, ବିଜୟ ଗୁପ୍ତା, ସହସମ୍ପାଦକ ଭିକି ଶର୍ଙ୍ଖଲା, ମୁକେଶ ଜୈନ ଓ କୋଷାଧ୍ୟକ୍ଷ ଭାବରେ ଦୀପକ ଜୈନ ମନୋନୀତ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ଅରବିନ୍ଦ ଜୈନ, ଲଳିତ ଅଗ୍ରୱାଲ ଓ ମହୋତ୍ସବ ସଂଯୋଜକ ଭାବରେ ସୁନୀଲ କୁମାର ସୋନି, ମୁକେଶ ଭାଷାଣି, ନିତେଶ ଲଛମନିୟା, ପଙ୍କଜ ମାରୋଡିଆ, ରାଜେଶ ଛଲାନି, ସୁମିତ ଅଗ୍ରୱାଲ ଓ ସୋନୁ ଗାନ୍ଧୀଙ୍କୁ ମନୋନୀତ କରାଯାଇଛି। ଖବର ଆଦାନପ୍ରଦାନ ପାଇଁ ରାହୁଲ ବାଗଙ୍କୁ ଚୟନ କରାଯାଇଛି। ଏହି ମହୋତ୍ସବ ଫେବୃଆରୀ ୨୦ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନୋରଞ୍ଜନ ପାଇଁ ମୀନା ବଜାର ମୁଖ୍ୟ ଆକର୍ଷଣ ଥିବାବେଳେ ଷ୍ଟାର ନାଇଟ, ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ, ଆଦିବାସୀ ନୃତ୍ୟ, ଛତିଶଗଡି ନୃତ୍ୟ, ଓଡ଼ିଶୀ ସହ ହିନ୍ଦୀ ଓ ଛତିଶଗଡି ଚଳଚ୍ଚିତ୍ର ଜଗତର ଅନେକ ଅଭିନେତା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ମଞ୍ଚରେ ଆଞ୍ଚଳିକ କଳାକାରଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଆୟୋଜକ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ମହୋତ୍ସବ କାର୍ଯ୍ୟସୂଚୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ ମିତା ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡା. ଦୀନବନ୍ଧୁ ସାହୁଙ୍କ ହିନ୍ଦୀ ଅନୂଦିତ ପୁସ୍ତକ ଲୋକାର୍ପିତ

ଭବାନୀପାଟଣା,୨୩ା୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ରାଜପ୍ରାସାଦ ପରିସରରେ ଶୁକ୍ରବାର କବି ତଥା ବରିଷ୍ଠ ଡା. ଦୀନବନ୍ଧୁ ସାହୁଙ୍କ 'ଜୀବନଭୋଗ' କବିତାର ହିନ୍ଦୀ ଅନୂଦିତ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ସାହିତ୍ୟିକ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଏହାକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ପୁସ୍ତକରେ ୫୦ଟି କବିତା ରହିଥିବା ବେଳେ କଳାୟନ ପକ୍ଷରୁ ଏହା ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ମୁଖ୍ୟଅତିଥି, ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ମୁଖ୍ୟବକ୍ତା, ମହାରାଣୀ ରିତୁଜା କୁମାରୀ ଦେବୀ, ଆଲୋଚକ ଡ. ଦାଶରଥି ଆଚାର୍ଯ୍ୟ, ଡ. ପ୍ରତ୍ୟାଶା ଧଳ, ପରମେଶ୍ୱର ମୁଣ୍ଡ, ପାଠକ ଗୋବିନ୍ଦ ନାଏକ, କବି ଡ. ଦୀନବନ୍ଧୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତିତ୍ୱ କରିଥିଲେ ଡ. ଉମେଶ ଚନ୍ଦ୍ର ଶତପଥୀ। ଯୁବ ଗାଳ୍ପିକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ଲେଖକ ସୁଧୀର ଧଙ୍ଗଡ଼ାମାଝୀ ଧନ୍ୟବାଦ ଦେଇଥିଲେ।

## ବାଇକ୍‌କୁ ଧକ୍କା ଦେଲା ବୋଲେରୋ, ଜଣେ ଗୁରୁତର

**ଖଡ଼ିଆଳ,୨୩ା୧ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ଥାନା ପଦ୍ମପୁର ଗ୍ରାମର ଚୂଡ଼ାମଣି ପଟେଲ ବାଇକ୍‌ରେ ମା' କୁନି ପଟେଲ ଓ ଚାରି ବର୍ଷର ଝିଅକୁ ନେଇ ଚିନ୍ଦାଗୁଡ଼ା ଗାଁର ଏକ ବାହାଘରକୁ ଯାଇଥିଲେ। ଭୋଜି ଖାଇ ସମସ୍ତେ ଫେରୁଥିବା ବେଳେ ଗଡ୍ରାମୁଣ୍ଡା କେନାଲ ଛକରେ ଦ୍ରୁତ ବେଗରେ ଆସୁଥିବା ଏକ ବୋଲେରୋ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ସମସ୍ତେ ଛିଟିକି ପଡ଼ିଥିଲେ। କୁନିଙ୍କ ଗୋଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ସମସ୍ତଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## କନ୍ୟାସନ୍ତାନ ଦିବସରେ ପଦଯାତ୍ରା, ସାଇକେଲ ରାଲି

ନୂଆପଡ଼ା,୨୩ା୧ (ମକାରୁ ବେମାଲ)



ସାଇକେଲ ରାଲିରେ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ।

ସପ୍ତାହବ୍ୟାପୀ ଜାତୀୟ କନ୍ୟାସନ୍ତାନ ଦିବସ ପାଳନ ଅବସରରେ ଗୁରୁବାର ନୂଆପଡ଼ା ଜିଲାରେ ଏକ ପଦଯାତ୍ରା ଓ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ୍ ଗୀତାଙ୍କ ସହ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଅଂଶଗ୍ରହଣ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ରାଲି ଆରମ୍ଭ ହୋଇ ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା। ସମାଜରେ କନ୍ୟାଶିଶୁଙ୍କ ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା, କନ୍ୟା ଶିକ୍ଷାକୁ ପ୍ରୋତ୍ସାହନ ଦେବା, ଲିଙ୍ଗଭେଦ ମନୋଭାବ ଦୂର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରୋଗ୍ରାମ ଅଫିସର ନମିତା ପାଢ଼ୀ, ମଞ୍ଜୁଲତା ଶୁକ୍ଲା, ଆଶିଷ ରଞ୍ଜନ ଖମାରୀ, ନାରଦ ଛତାର, ସଞ୍ଜୟ ବନ୍ଦିଛୋର୍, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ଦେଶରାମ ହରିଜନ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲରେ ହାତୀ, ଲୋକେ ଭୟଭୀତ

**ଖପ୍ରାଖୋଲ, ୨୩ା୧(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ବନ ବିଭାଗ ସେକ୍ସନ ଅଧୀନ ଧଜାଗରା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ହାତୀ ଥିବା ଜଣାପଡିଛି। ଏହାକୁ ନେଇ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକମାନେ ଭୟଭୀତ ହୋଇପଡିଛନ୍ତି। ହାତୀଟି ବେଲପଡ଼ା ଅଞ୍ଚଳରୁ ବାହାରି କର୍ଲାବାହାଲି, ବୁଢ଼ିବାହାଲ, କଟାପାଲି, ପାଟେରେ ଦେଇ ଧଜାଗରା ଜଙ୍ଗଲରେ ପହଞ୍ଚି ଥିବା ଜଣାପଡିଛି। ଶୁକ୍ରବାର ସକାଳେ ଲୋକମାନେ ହାତୀଟିକୁ ବୁଢ଼ିବାହାଲ ଗ୍ରାମ ଗୋଚର ପାଖରେ ଦେଖିଥିଲେ। ଖବରପାଇ ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖିଛି। ଏନେଇ ଏସିଏଫ୍ ତଥା ହରିଶଙ୍କର ରେଞ୍ଜ୍ ଅଧିକାରୀ ଅରବିନ୍ଦ ନାଏକ କହିଛନ୍ତି, ହାତୀ ସମ୍ପର୍କରେ ଧଜାଗରା ସଂରକ୍ଷିତ ଜଙ୍ଗଲ ପାଖ ଗ୍ରାମର ଲୋକଙ୍କୁ ସଚେତନ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025060,
ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, **ପଢ଼ାଯିବା ଆବଶ୍ୟକ -** ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26


## କବି ବ୍ରଜରାଜ ସିଂହଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଖଡ଼ିଆଳ,୨୩ା୧(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜଦରବାରଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ କବି ବ୍ରଜରାଜ ସିଂହଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ବିଶିଷ୍ଟ କବି ତଥା ଖଡ଼ିଆଳ ସାହିତ୍ୟ ସମିତି ଉପସଭାପତି ବଳଭଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି, ସୁସାହିତ୍ୟିକ ପଞ୍ଚାୟତ ନୀଳଲୋହିତ ସିଂହଦେବ ବିଶିଷ୍ଟ ଅତିଥି ଓ ସିନାପାଲି ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ କନକ ବର୍ଦ୍ଧନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମିତିର ଯୁଗ୍ମ ସମ୍ପାଦକ କୁନାଲ ଚରଣ ବେହେରା ସ୍ୱାଗତ ସମ୍ଭାଷଣ ଓ ବରିଷ୍ଠ ସଦସ୍ୟ ଖରତ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରତ୍ନତତ୍ତ୍ୱବିତ୍ ତଥା ରାଜା ସାହେବ ଖଡ଼ିଆଳ ଡା. ଜିତାମିତ୍ର ପ୍ରସାଦ ସିଂହଦେବଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସନାତନ ମହାନ୍ତି ରାଜା ସାହେବଙ୍କ ଉଦ୍ଦେଶ୍ୟରେ ଏକ ଶୋକ କବିତା ଆବୃତ୍ତି କରିଥିଲେ। ସମାରୋହରେ ଶଶିକାନ୍ତ ଖମାରି, ଡ. ତରୁଣ କୁମାର ପ୍ରଧାନ, ଡୋଲାମୋହନ ସିଂ ବାବୁ, ସତୀଶ କୁମାର ପଟ୍ଟନାୟକ, ଗୌରାଙ୍ଗ କୁମାର ସାହୁ, ରମାକାନ୍ତ ସିଂ ସାହାଣୀ, ଯୋଗେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ନେତାଜୀ ସୁଭାଷ ବୋଷ ଜୟନ୍ତୀ

**ଖଡ଼ିଆଳ,୨୩ା୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଆଜାଦ ଛକ ଠାରେ ଆଜାଦ ହିନ୍ଦ ୟୁଥ୍ ଫେଡେରେଶନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ଦୁର୍ବା ରଞ୍ଜନ ଖମାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ଶୋଭାଯାତ୍ରା ବାହାରି ଆଜାଦ ଛକଠାରେ ଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜାଦ ହିନ୍ଦ ୟୁଥ୍ ଫେଡେରେଶନର ସଦସ୍ୟ ଗୁଲ୍ଲି ମହମ୍ମଦ, ସଞ୍ଜୟ ଶର୍ମା, ଅଜୟ ସେଓକ, ନୌଷାଦ ଅହମ୍ମଦ ଖାଁ, ଅଶୋକ ବାଗ, ବିଶ୍ୱନାଥ କଟା ଉପସ୍ଥିତ ଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୭,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


# ନୂଆପଡ଼ାଠାରେ ପାଟଯାତ୍ରା ମହୋତ୍ସବ




ମହୋତ୍ସବର ଯୋଗ ଦେଇଥିବା ଅତିଥିମାନେ।

କୋକସରା,୨୩ା୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ଦୀର୍ଘ ୭୦ବର୍ଷ ପରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ବସବାସ କରୁଥିବା ଦିଶାରୀ ପରିବାରର ପାଟଯାତ୍ରା ମହୋତ୍ସବ କୋକସରା ବ୍ଲକ ଟେମରା ପଞ୍ଚାୟତର ନୂଆପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଯାତ୍ରା ଓ ଦ୍ୱିତୀୟ ଦିନରେ ମୁଖ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ପାଟଯାତ୍ରାରେ କୁଳଦେବତା ଭୈରବ ଦେବ, ମା' ଠାକୁରାଣୀ, ପେଣ୍ଡ୍ରାଣୀ, କାଳୀ ସୁନ୍ଦରୀ, ଝିଟକୁଡୁମା, ଗୁରୁଡୁମା, ଚାରିଗୌରାସି, ଜେନାବୁଡା, କାଡେନ, ଲେଙ୍ଗାଚେଙ୍ଗା, ଡେଟ ସହିତ ଗ୍ରାମ୍ୟ ଦେବଦେବୀ, ମାଟିମାତା ଓ ଗ୍ରାମ୍ୟ ପୂଝାରୀଙ୍କ ଘରୁ ଲାଠି କୁର୍ସି ଆସି ପୂଜାର୍ଚ୍ଚନା କରାଯାଇଥିଲା। ଯତିନ୍ଦ୍ର ଦିଶାରୀ, ଲାଲ ଦିଶାରୀ, ଜୟଲାଲ ଦିଶାରୀ, ଇଶରାମ ଦିଶାରୀ, ଦିଗାମ ଦିଶାରୀ, ହର ଦିଶାରୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପାରେଶ୍ୱର ପୂଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଆଦିବାସୀ ସମାଜର ସମ୍ପାଦକ ରୁତୁରାଜ ମାଝୀ ମୁଖ୍ୟ ଅତିଥି, ନିଳକଣ୍ଠ ମାଝୀ ମୁଖ୍ୟବକ୍ତା ଓ ରଣସାଏ ପାତ୍ର, କ୍ଷିତିରାମ ପାତ୍ର, ଲୋକନାଥ ପାତ୍ର, ତୋଫାନ ମାଝୀ, ବୃନ୍ଦାବନ ପୂଝାରୀ, ଶୁଶାନ୍ତ ମାଝୀ, କ୍ଷିରୋଦ ମାଝୀ, ଚକାଡୋଳା ପାତ୍ର, ଜଗଦୀଶ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଦିଶାରୀ ସଂଯୋଜନା କରିଥିବା ବେଳେ ଦିଶାରୀ ପରିବାରର କର୍ମକର୍ତ୍ତା ଚନ୍ଦ୍ର ଶେଖର ଦିଶାରୀ, ଅକ୍ଷ ଦିଶାରୀ, ଧନିରାମ ଦିଶାରୀ, ଭୃଙ୍ଗରାଜ ଦିଶାରୀ, ବିଶ୍ୱନାଥ ଦିଶାରୀ, ରଥ ଦିଶାରୀ, ରୁପେଶ ଦିଶାରୀ, କମଲୁ ଦିଶାରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ପରିବେଷଣ କରାଯାଇଥିଲା।


**OFFICE OF THE SR. GENERAL MANAGER (ELECTRICAL)**
OHPC
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
ISO : 9001, 14001, 18001 Certified
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

Sd./- C&P Head
UIHEP, Mukhiguda

OIPR-



**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कभी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

**स्वा./- वन मंडलाधिकारी**
**बस्तर वन मंडल, जगदलपुर**

G-252606227/2

# ହାତୀଶାଳରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲା

**ସୋନପୁର,୨୩।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମଝିପଡା ସ୍ଥିତ ହାତୀଶାଳରେ ଅସ୍ଥାୟୀ ବସଷ୍ଟାଣ୍ଡ ଶୁକ୍ରବାର ଠାରୁ କାର୍ଯ୍ୟକ୍ଷମ ହୋଇଛି। ଫଳରେ ସୁବର୍ଣ୍ଣପୁର ପୁରୁଣା ବସଷ୍ଟାଣ୍ଡ ସ୍ଥାନରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବାଟ ଫିଟିଛି। ଏଥିପାଇଁ ହାତୀଶାଳ ସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡ ସ୍ଥାନରେ ଶୁକ୍ରବାର ଘରୋଇ ବସ ମାଲିକ ସଂଘ ପକ୍ଷରୁ ହୋମଯଜ୍ଞ ଓ ପୂଜା ପାଠ କରାଯାଇଥିଲା। ଏଣିକି ସମସ୍ତ ଯାତ୍ରୀବାହୀ ବସ ପୁରୁଣା ବସଷ୍ଟାଣ୍ଡ ବଦଳରେ ଅସ୍ଥାୟୀ ବସଷ୍ଟାଣ୍ଡରେ ହିଁ ରହିବେ। ଯାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା କରାଯାଇଛି। ସେହିପରି ପୁରୁଣା ବସଷ୍ଟାଣ୍ଡ ଖାଲି ହେବା ପରେ ସକାଳେ ୪ ମହଲା ବିଶିଷ୍ଟ ଟର୍ମିନାଲ କୋଠା ନିର୍ମାଣ ପାଇଁ ଠିକାସଂସ୍ଥା ପକ୍ଷରୁ ପୂଜାପାଠ ପରେ କାର୍ଯ୍ୟ ଆରମ୍ଭ ହୋଇଛି। ସହରବାସୀଙ୍କ ମଧ୍ୟରେ ଏଥିପାଇଁ ଆନନ୍ଦ ପ୍ରକାଶ ପାଇଛି। ଜିଲାବାସୀଙ୍କ ଦୀର୍ଘ ବର୍ଷର ଦାବି ଜିଲା ସଦର ମହକୁମାରେ ଏକ ଭଲ ବସଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ ହୋଇ ରହିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଏହି ବସଷ୍ଟାଣ୍ଡ ପାଇଁ ୩ ଥର ଶିଳାନ୍ୟାସ କରିଥିଲେ ମଧ୍ୟ ଇଟା ଖଣ୍ଡେ ଯୋଡା ଯାଇ ପାରି ନ ଥିଲା। ଜନସାଧାରଣଙ୍କ ଦାବି ପରେ ଭାଜପା ସରକାର ଆମ ବସଷ୍ଟାଣ୍ଡ ଫେଜ୍ ୨ ଯୋଜନାରେ ସୁବର୍ଣ୍ଣପୁର ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା କରିଥିଲେ। ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେବା ପରେ ଟେଣ୍ଡର ପ୍ରକ୍ରିୟା ସରି ଠିକାଦାର କାମ କରିବା ପାଇଁ ଚୁକ୍ତିନାମା କରିଥିଲେ। ଓଡିଶା ବ୍ରିଜ୍ ଓ କନଷ୍ଟ୍ରକସନ୍ସ କୋର୍ପୋରେଶନ ଲିମିଟେଡ(ଓବିସିସି) ଏହାର ନିର୍ମାଣ ଦାୟିତ୍ୱ ନେଇଛି। ୨.୯୬ ଏକର ପରିମିତ ଜମିରେ ୫୮ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗତ ଅକ୍ଟୋବର ୩ ତାରିଖରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ବସଷ୍ଟାଣ୍ଡ ହାତୀଶାଳା ସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇ ନ ପାରିବା ଯୋଗୁ କାମ ବିଳମ୍ବିତ ହୋଇଥିଲା। ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପ୍ରାୟ ୩୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ତେବେ ଶୌଚାଳୟ ନିର୍ମାଣ ହୋଇ ନ ପାରିବା କାରଣରୁ ବସଷ୍ଟାଣ୍ଡ ସ୍ଥାନାନ୍ତର ୨ ମାସ ବିଳମ୍ବ ହୋଇଥିଲା। ଠିକାସଂସ୍ଥା ଟର୍ମିନାଲ କୋଠା ନିର୍ମାଣ କରି ପାରୁ ନ ଥିଲେ। ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାପାଳ ଡ. ନୃପରାଜ ସାହୁଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ବସଷ୍ଟାଣ୍ଡ ସ୍ଥାନାନ୍ତର ହୋଇଛି। ନୂତନ ବସଷ୍ଟାଣ୍ଡରେ ଟର୍ମିନାଲ କୋଠା, ତଳ ମହଲାରେ ୱାର୍କସପ୍, ଡ୍ରାଇଭର ରେଷ୍ଟ ସେଡ୍, ଶପିଂ କମ୍ପ୍ଲେକ୍ସ, ୨ଟି ସିକ୍ୟୁରିଟି ପୋଷ୍ଟ ଓ ୩୪୫୪ ବର୍ଗ ମିଟରର ପାର୍କିଂ ଏରିଆ ରହିବ।


ହାତୀଶାଳରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଛି।

**ସୁବର୍ଣ୍ଣପୁରରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ବାଟ ଫିଟିଲା**

# ମଣିପୁରକୁ ହରାଇ ସେମିରେ ଆଫ୍ରିକା-୧୧


ପଡ଼ିଆରେ ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ।

**ହରଭଙ୍ଗା,୨୩।୧(ନରେନ୍ଦ୍ର କୁମାର ସାହୁ)**

**୨୨ତମ ତିଳେଶ୍ୱର କପ୍ ଫୁଟ୍‌ବଲ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶୁକ୍ରବାର ୨୨ତମ ତିଳେଶ୍ୱର କପ୍ ଫୁଟବଲ ମହାକୁମ୍ଭ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଖେଳ ପଡିଆକୁ ଯାଇଥିଲା। ସାଂସ୍କୃତିକ ଶୋଭାଯାତ୍ରାରେ ଅଞ୍ଚଳର ଫୁଟ୍‌ବଲ ପ୍ରେମୀମାନେ ସାମିଲ ହୋଇଥିଲେ। ଉଦ୍‌ଘାଟନ ଦିବସରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ତିଳେଶ୍ୱର ସମିତି ସଭ୍ୟା ସାବିତ୍ରୀ ବେହେରା, ନାଏବ ସରପଞ୍ଚ ରାଜେଶ୍ୱରୀ ପ୍ରଧାନ, କମିଟି ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ମହେଶ୍ୱର ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ମଣିପୁର-୧୧ ଓ ଆଫ୍ରିକା-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଫ୍ରିକା ଦଳ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ଦିଲୀପ ରାଉତ, ସୁଜିତ ରାଜହଂସ, ଗରିବ ବେହେରା ଓ ଚତୁର୍ଥ ରେଫରୀ ଶିବ ଦେହୁରି ପରିଚାଳନା କରିଥିଲେ। ସିମୁନ ନାଏକ ଓ କରୁଣାକର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଝଟିଆ ପ୍ରଧାନ, ଶିବାନନ୍ଦ ସାହୁ, ଓମ୍‌ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶନିବାର ସୁନ୍ଦରଗଡ ଦୋସ୍ତି ବ୍ରଦର୍ସ ଓ ସୋନପୁର ରାମଧୁନ ମଧ୍ୟରେ ଖେଳ ହେବ ବୋଲି ଜଣାପଡିଛି।

# ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ସୋନପୁର,୨୩।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିତୀମୟୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନିବେଦିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିଲା। ଶିବିରରେ ସ୍ୱେଚ୍ଛାସେବୀମାନେ ଦୈନନ୍ଦିନ ପ୍ରାତଃ କାର୍ଯ୍ୟକ୍ରମ ଯୋଗ, ପ୍ରାର୍ଥନା, ବ୍ୟାୟାମ ଓ ପୋଷ୍ୟଗ୍ରାମ ନୂଆପଡାରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହା ସହିତ ପରିବେଶ ସଚେତନତା ଶୋଭାଯାତ୍ରାରେ ସବୁଜ ଗ୍ରାମ, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ନାରୀ ଶିକ୍ଷା ଓ ଯୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଶିବିରରେ ଆୟୋଜିତ ହୋଇଥିବା ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କର ସାମାଜିକ, ବ୍ୟବହାରିକ ଜ୍ଞାନର ବୃଦ୍ଧି ପାଇଁ ଏନ୍‌ଏସ୍‌ଏସ୍ ଜିଲା ନୋଡାଲ ଅଧିକାରୀ ଧୀରନ୍ଦ୍ର କୁମାର ମିଶ୍ର ଶିବିରରେ ଯୋଗଦେଇ ଏନ୍‌ଏସ୍‌ଏସ ଲକ୍ଷ୍ୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋକପାତ କରିଥିଲେ। ଆଇ.ଟି ଅଧ୍ୟାପକ ଦେବାଶିଷ ମିଶ୍ର ଯୁବ ରାଷ୍ଟ୍ର ନିର୍ମାଣ, ମହିଳା ଡିଗ୍ରୀ କଲେଜର ଅଧ୍ୟାପିକା ସଞ୍ଜୁରାଣୀ ସିଂ ନାରୀ ଶିକ୍ଷାର ଗୁରୁତ୍ୱ, ପତଞ୍ଜଳି ଯୋଗର ମହିଳା ପ୍ରଭାରୀ ଭଗବତୀ ରାଇଗୁରୁ ଯୋଗର ଉପକାରିତା, ସୋନପୁର ସ୍ୱଚ୍ଛ ଭାରତ ସଙ୍ଗଠନର ସଂଯୋଜକ ପରିବେଶ ସୁରକ୍ଷା, ପରିଷ୍କାର ପରିଚ୍ଛନତା ଉପେର ଆଲୋକପାତ କରିଥିଲେ । ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଙ୍ଗୀତ, ନୃତ୍ୟ, ରଚନା, ବକ୍ତୃତା ଓ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ଅତିଥିଭାବେ ଏନ୍‌ଏସ୍‌ଏସ ଜିଲା ନୋଡାଲ ଅଧିକାରୀ ଧୀରନ୍ଦ୍ର କୁମାର ମିଶ୍ର, ସାମାଜିକକର୍ମୀ ମନୋରଞ୍ଜନ ତ୍ରିପାଠୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିତୀମୟୀ ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ କର୍ତ୍ତବ୍ୟ ଏବଂ ଏନ୍‌ଏସ୍‌ଏସ୍‌ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନିବେଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଏନ୍‌ଏସ୍‌ଏସ୍ ଶିବିରରେ ଅତିଥି ଓ ସ୍ୱେଚ୍ଛାସେବୀମାନେ।

# ରେକର୍ଡ ସ୍କୋର ସହ ସମ୍ବଲପୁର ଏସ୍‌ଏମ୍‌ସିସି ବିଜୟୀ


ସମ୍ବଲପୁର ଦଳର ଅଶ୍ୱିନୀ ଚିଲ୍ଲରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ସୋନପୁର,୨୩।୧(ମୃତ୍ୟୁଞ୍ଜୟ ଶତପଥୀ)**

**ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍‌ର ଶୁକ୍ରବାର ପଞ୍ଚମ ଦିବସର ମ୍ୟାଚ୍ ଦିଲ୍ଲୀର ସୋନିତ କ୍ରିକେଟ୍ କ୍ଲବ ଓ ସମ୍ବଲପୁର ଏସ୍‌ଏମ୍‌ସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟି ୨୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ବିଶାଳ ୩୫୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଶ୍ୱିନୀ ଚିଲ୍ଲର ୩୯ ବଲରୁ ଦ୍ରୁତ ୧୧୧ ରନ, ଅନମୋଲ ୧୫ ବଲରୁ ୪୫ ରନ ଓ ମନୁ ଶୁକ୍ଳା ୧୮ ବଲରୁ ୭୩ ରନ ସଂଗ୍ରହ କରିଥିଲେ। ଦିଲ୍ଲୀର ରୋଶନ ବିଷ୍ଟ ସର୍ବାଧିକ ୩ଟି ଉଇକେଟ୍ ହାସଲ କରିଥିଲେ। ଜବାବରେ ଦିଲ୍ଲୀ ଦଳ ମାତ୍ର ୧୪୯ ରନରେ ଅଲଆଉଟ ହୋଇ ଯାଇଥିଲା। ଶ୍ରୀନାଥ ରାଉତ ୩୭ ରନ ଓ ରୋହନ ଦାସ ୨୯ ରନ ସଂଗ୍ରହ କରିଥିଲେ। ସମ୍ବଲପୁର ଦଳର ଯଶରାଜ ଶର୍ମା ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ। ସେହିପରି ଟି୧୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ୨୦୫ ରନ କରିଥିଲା। ଅଶ୍ୱିନୀ ଚିଲ୍ଲର ୨୪ ବଲରୁ ୯୮ ରନ, ଲକ୍ଷ୍ୟ ୧୭ ବଲରୁ ୩୭ ରନ ଓ ହିମାଂଶୁ ୧୧ ବଲରୁ ୨୯ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରୋଶନ ବିଷ୍ଟ ସୁବାସ ଚକ୍ରବର୍ତ୍ତୀ ଓ ନବୀନ କୁମାର ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଜବାବରେ ଦିଲ୍ଲୀ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୮୨ ରନ କରିବାକୁ ସକ୍ଷମ ହୋଇଥିଲା। ନବୀନ କୁମାର ୨୮ ରନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ପୃଥ୍ୱୀରାଜ ମିଶ୍ର ଓ ଅମିୟ ସାହୁ। ବି.ଏସ୍ ରାଓ, ଅଚ୍ୟୁତ ମିଶ୍ର, ପାର୍ଥସାରଥୀ ଦାଶ ଓ ବିନୋଦ ମହାକୁର ଧାରାବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସୋନପୁର ବିଧାୟକ ବିନୋଦ ପାତ୍ର, ସାମାଜିକକର୍ମୀ ଶ୍ରୀକାନ୍ତ ମିଶ୍ର, ଜିଲା ଔଷଧ ବ୍ୟବସାୟୀ ସଂଘ ସମ୍ପାଦକ ସତ୍ୟ ନାରାୟଣ ଦରୱାନ, ରୂପେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍ ଶେଷରେ ଅତିଥି ସୁଧାଂଶୁ ଗଡତିଆ ଓ ସନାତନ ଦାଶ ସମ୍ବଲପୁର ଦଳର ଅଶ୍ୱିନୀ ଚିଲ୍ଲରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# କଫ୍ ସିରପ ଜବତ: ୩ ଗିରଫ

**ବୀରମହାରାଜପୁର,୨୩।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୋଲିସ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କଫ ସିରଫ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉଲୁଣ୍ଡା ଥାନା ଗଣ୍ଡାବହାଲ ଗାଁର ଦିବ୍ୟ ଜଗଦଲା (୩୨), ବିଶ୍ୱଜିତ କର୍ମୀ (୨୫) ଏବଂ ବୀରମହାରାଜପୁର ଥାନା ବାଘମାରି ଗାଁର ସୁରଜ ଭୋଇ(୨୧)। ଦିବ୍ୟ ଜଗଦଲାଙ୍କ ନାମରେ ଗୋଟିଏ ହତ୍ୟା ମାମଲା ସହିତ ୩ କଫ ସିରଫ ମାମଲା ରହିଛି। ବୀରମହାରାଜପୁର ଥାନା ପରିସରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ କେ.କେ ହରିପ୍ରସାଦ ଏନେଇ ସୂଚନା ଦେଇଛନ୍ତି। ସୂଚନା ଥାଉକି କଟକ ଜିଲା ଜଗତପୁର ଅଞ୍ଚଳରୁ କଫ ସିରଫ ବୀରମହାରାଜପୁର, ଉଲୁଣ୍ଡା, ବିନିକା ଅଞ୍ଚଳକୁ ଚାଲାଣ ହେଉଥିବା ପୋଲିସ ସୂଚନା ପାଇ ଏକ ପିକଅପ୍ ଗାଡ଼ି ଓଡି ୧୫ ଏସି ୯୩୬୪କୁ ଫୁଲଚରା ଛକଠାରେ ଅଟକ ରଖି ପଚରା ଉଚୁରା କରୁଥିବାବେଳେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଏକ କାର ଓଡି ୧୪ ଏମ ୦୦୧୬ରେ ଆସୁଥିବାବେଳେ ତାକୁ ଅଟକ ରଖି ତନଖିବେଳେ ଉକ୍ତ ଗାଡ଼ିରୁ ମଧ କଫ ସିରଫ ବାହାରିଥିଲା। ଉଭୟ ଗାଡ଼ିକୁ ମଧ୍ୟ ପୋଲିସ ଜବତ କରିଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025060, ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26

## ଗାଡ଼ି ଧକ୍କାରେ ଯୁବ ଖେଳାଳି ମୃତ

**ବୀରମହାରାଜପୁର,୨୩।୧(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହରିହରଯୋର ଫାଣ୍ଡି ଅନ୍ତର୍ଗତ କଦଳୀପାଲି ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଯୁବ କ୍ରିକେଟ ଖେଳାଳିଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କେନଝରିଆପାଲି ପଞ୍ଚାୟତ ତେଲିପାଲି ଗାଁର ବିଘ୍ନରାଜ ଦଣ୍ଡସେନାଙ୍କ ସାନ ପୁଅ ଆଶିଷ ଦଣ୍ଡସେନା (୨୨)। ତାଙ୍କ ବଡ ଭାଇ ପ୍ରକାଶଙ୍କ ଅଭିଯୋଗ ଅନୁସାରେ ସେ ଶୁକ୍ରବାର କୌଣସି କାମରେ କଦଳୀପାଲି ଛକଦେଇ ନିଜ ଗାଁ ତେଲିପାଲିକୁ ଫେରୁଥିବା ସମୟରେ ଏକ ଗାଡ଼ି ଦ୍ରୁତ ଗତିରେ ଆସି ଆଶିଷଙ୍କୁ ପଛ ପଟରୁ ଧକ୍କା ଦେଇ ଫେରାର ମାରିଥିଲା।



**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कभी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 500.000 | 150 | 150 | 3480.586 | 13410 | 4069 |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर

G-252606227/2

# ନେତାଜୀ କ୍ଲବ୍ ପକ୍ଷରୁ ନିଆରା ଢଙ୍ଗରେ ନେତାଜୀ ଜୟନ୍ତୀ

**ବିନିକା,୨୩।୧(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଲ ଗାଁରେ ନେତାଜୀ କ୍ଲବ ପକ୍ଷରୁ ନିଆରା ଢଙ୍ଗରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ଶୁକ୍ରବାର ପାଳନ କରାଯାଇଛି। ଏଥିରେ ବାଟିଖେଳଠାରୁ ଆରମ୍ଭ କରି ନାଚଗୀତ, ମ୍ୟୁଜିକ ଚେୟାର, ପୁଚିଖେଳ ଆଦି ୧୦ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିଂଘିଯୁବା ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକୁମାର ମହାକୁଡ଼, ସମ୍ମାନିତ ଅତିଥି ଗୁଲାପି ପଧାନ, ଶାନ୍ତନା ବାରିକ, ମୁକ୍ତା ଭୁଏ, ଅଶୋକ ବଗର୍ତ୍ତୀ, ଆଶ୍ୱନୀ ଖୁଣ୍ଟୁଲା, ବିକ୍ରମ ଭୁଏ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବ ସଦସ୍ୟ ବିହାରୀ ଭୁଏ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କ ପରଲୋକ

**ବୀରମହାରାଜପୁର,୨୩।୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ପ୍ରସିଦ୍ଧ ଶିକ୍ଷକ ଏବଂ କମଳପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଲବିହାରୀ ମହାନନ୍ଦଙ୍କ ଗୁରୁବାର ସକାଳ ୯ଟାରେ ୫୭ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ବୁର୍ଲା ବଡ଼ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀର ନିଜ ଗ୍ରାମ ମେଣ୍ଡିଲିପାଲିରେ ପହଞ୍ଚିବା ପରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କର ପୁତ୍ର ଦିବ୍ୟାଂଶୁ ମୁଖାଗ୍ନି ଦେଇଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ଟ୍ରକ୍ ଧକ୍କାରେ ଯୁବଚାଷୀଙ୍କ ମୃତ୍ୟୁ ନେଇ ଉତ୍ତେଜନା

**ଡୁଙ୍ଗୁରିପାଲି,୨୩।୧(ଦୀନବନ୍ଧୁ ସୁନା)**

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି -ବିନିକା ରାସ୍ତାର ରାମପୁର ଏଟିଏମ ଛକ ନିକଟରେ ଶୁକ୍ରବାର ଦୁର୍ଘଟଣା ଘଟିଛି। ବରପାଲି ପଟରୁ ଆସୁଥିବା ଏକ ଟ୍ରକ ଏକ ବାଇକକୁ ଧକ୍କା ଦେବାରୁ ବାଇକ୍‌ରେ ଆସୁଥିବା ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମପୁର ଚମାରପଡାର ଶତ୍ରୁଘ୍ନ ମେହେର(୨୫)। ଏହି ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ନେଇ ରାସ୍ତାରୋକୋ କରିଥିଲେ ପରିବାର ଲୋକେ ଓ ଗ୍ରାମବାସୀ। ସମାଧାନ ହେବା ପରେ ରାସ୍ତାରୁ ହଟିଥିଲେ ପରିବାର ଲୋକେ। ଶୁକ୍ରବାର ଦିନ ୧ଟା ୩୦ରେ ଡୁଙ୍ଗୁରିପାଲି -ବିନିକା ରାସ୍ତାର ରାମପୁର ଚମାରପଡା ଘରୁ ବାହାରି ଶତ୍ରୁଘ୍ନ ବାଇକ ଯୋଗେ ଚାଷଜମିକୁ ଯାଉଥିଲେ। ଏତିକିବେଳେ ଶତ୍ରୁଘ୍ନଙ୍କୁ ବରପାଲି ପଟରୁ ଆସୁଥିବା ଟ୍ରକ ଓଆର୍ ୨୩ ଏଫ୍ ୪୩୮ ଧକ୍କା ଦେଇ ବାଇକ ସହ ୨୦ ଫୁଟ ଘୋଷାଡ଼ି ନେଇ ଚାପି ଦେଇଥିଲା। ତୁରନ୍ତ ପରିବାର ଲୋକେ ଶତ୍ରୁଘ୍ନଙ୍କୁ ସ୍ଥାନୀୟ ରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଶତ୍ରୁଘ୍ନଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଓ ରାମପୁର ଗ୍ରାମବାସୀ କ୍ଷତିପୂରଣ ପାଇବା ନେଇ ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଉପରେ ମୃତଶରୀର ରଖି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ରାମପୁର ପୋଲିସ ଓ ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ ପହଞ୍ଚିଥିଲେ। ପରେ ରାମପୁର ତହସିଲଦାର ବିମଳ କିଶୋର ପାତ୍ର ପହଞ୍ଚି ଜିଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପରିବାରବର୍ଗଙ୍କୁ ପ୍ରଦାନ କରିଥିଲେ। ଘଟଣା ସ୍ଥଳକୁ ସୋନପୁର ଏସଡିପିଓ ରେଣୁକା ସୁନା ଆସି ପରବାର ବର୍ଗଙ୍କୁ ସମବେଦନା ଜଣାଇ ଆଲୋଚନା କରିଥିଲେ। କ୍ଷତି ପୂରଣ ବାବଦକୁ ନେଇ ସମାଧାନ ହେଲା ପରେ ପରିବାର ଲୋକେ ରାସ୍ତାରୁ ହଟିଥିଲେ। ସନ୍ଧ୍ୟାରେ ପରିବାରର ଉଦୟ ମେହେର ଥାନାରେ ଲିଖିତ ଜଣାଇଥିଲେ। ଏ ନେଇ ରାମପୁର ଥାନା ଅଧିକାରୀ ଡୋଳାମଣି ନାଏକ ଟ୍ରକକୁ ଜବତ କରି ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛନ୍ତି। ପୋଲିସ ଏକ ମାମଲା (ନଂ.୩୩/୨୦୨୬) ରୁଜୁକରି ତଦନ୍ତ ଜାରି ରଖିଛନ୍ତି। ଶତ୍ରୁଘ୍ନଙ୍କ ମରଶରୀର ଶନିବାର ବ୍ୟବଚ୍ଛେଦ କଲାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

**OFFICE OF THE SR. GENERAL MANAGER (ELECTRICAL)**
OHPC
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
E-mail: sgmel_uihep@ohpcltd.com/sgmeluihep@gmail.com
ISO : 9001, 14001, 18001 Certified

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

OIPR-

Sd./- C&P Head
UIHEP, Mukhiguda

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଯୁବକ ଗିରଫ

ରାଉରକେଲା,୨୩।୧(ସଙ୍ଗୀତା ଜେନା): ବ୍ରାଉନସୁଗାର କାରବାର ଅଭିଯୋଗରେ ରାଉରକେଲା ସେକ୍ଟର-୭ ଥାନା ପୋଲିସ ଗୁରୁବାର ରାତିରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ୩ ନଂ. ସେକ୍ଟର ଥାନା ଅଞ୍ଚଳର ଜଗଦୀଶ ପଣ୍ଡା। ତାଙ୍କଠାରୁ ୭ ଗ୍ରାମ୍ ବ୍ରାଉନସୁଗାର ଓ ଏକ ବାଇକ୍ ଜବତ କରାଯାଇଛି। ଜଗଦୀଶ ପଣ୍ଡା ନିଜ ବୁଲେଟ୍‌ରେ ବ୍ରାଉନସୁଗାର ନେଇ ଯାଉଥିବାବେଳେ ୫ନଂ. ସେକ୍ଟର ଟ୍ରେନିଂ ହଷ୍ଟେଲ ନିକଟରେ ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ତାଙ୍କ ପାଖରୁ ଉକ୍ତ ବ୍ରାଉନସୁଗାର ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୨୦/୨୬) ରୁଜୁ ହୋଇଛି।

### ରବି କାନୁନଗୋଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୩।୧(ଦିନେଶ ମିଶ୍ର): ରବି କାନୁନଗୋଙ୍କ ବିୟୋଗରେ ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ସଭାପତି ନୃସଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ବାଙ୍ଗଲୋରଠାରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡକ୍ଟର ଜ୍ୟୋତିର୍ମୟୀ ଜେନାଙ୍କ ବାସଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କ୍ଷୀରୋଦ ବେହେରା, ପୂର୍ବତନ ପୋଲିସ ଅଧିକାରୀ ଡକ୍ଟର ସୁମନ ଦତ୍ତ, ଗୀତିକବି ହେମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାନୁନଗୋଙ୍କ ବହୁମୁଖୀ ପ୍ରତିଭା, ସାହିତ୍ୟ କୃତୀ, ସାମ୍ବାଦିକତା ଓ ସାରଣୀସ୍ତମ୍ଭ ଓ ଗଳ୍ପ ଲିଖନ ଶୈଳୀ ମାଧ୍ୟମରେ ସମାଜକୁ ବାର୍ତ୍ତା ପ୍ରଦାନ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଗୋଷ୍ଠୀ ସଂଘର୍ଷ ଘଟଣା, ପୁଣି ୩ ଗିରଫ

ସୁନ୍ଦରଗଡ,୨୩।୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ସହର ରିଜେଣ୍ଟ ମାର୍କେଟରେ ଗତ ୧୫ତାରିଖରେ ଗୋ-ମାଂସକୁ ନେଇ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଟାଉନଥାନା ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଜଣ ଅଭିଯୁକ୍ତ ହେଲେ କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ଏମ ଡି ରମିଜ ରାଜା ଓରଫ ମୁନି,ଏମଡି ସଦ୍ଦାମ ହୁସେନ ଓ ସୁନ୍ଦରଗଡ ରିଜେଣ୍ଟ ମାର୍କେଟ ଏମଡି ରାହିଲ ମେନନ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗିରଫ ସଖ୍ୟା ୧୫ରେ ପହଞ୍ଚିଛି। ଅପରପକ୍ଷରେ ସୁନ୍ଦରଗଡ ସହରରେ ସ୍ୱାଭାବିକ ପରିସ୍ଥିତି ଫେରୁଥିବା ବେଳେ ପୋଲିସର ସୁରକ୍ଷା ଓ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ରହିଛି।

# ପ୍ରତ୍ୟେକ ଗାଁରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରାଯାଉ

## କୃଷି ମେଳା, ଉଦ୍ୟାନ ପ୍ରଦର୍ଶନୀ

ବଡ଼ଗାଁ,୨୩।୧(ଅଶୋକ ଷଡଙ୍ଗୀ)



ଜଣେ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ସ୍ଥିତ ଏକଲ ଗ୍ରାମ ଉତ୍ଥାନ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଗ୍ରାମ ଉତ୍ଥାନ ସଂସାଧନ କେନ୍ଦ୍ର ପରିସରରେ କୃଷି ମେଳା ଓ ଉଦ୍ୟାନ ପ୍ରଦର୍ଶନୀ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଭିନ୍ନ ଫସଲ ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ସରସ୍ୱତୀ, ଭାରତ ମାତା, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାସୁଦେବ ଡଙ୍ଗୀ ଓ କୃତାର୍ଥ ପ୍ରଧାନ ଅତିଥି, କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅର୍ଜୁନ ଶର୍ମା ଏକଲ ଅଭିଯାନର ପଞ୍ଚମୁଖୀ ଶିକ୍ଷା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେ ଚାଷୀଙ୍କୁ ଫଳ ଚାଷ, ଗଛ ଲଗାଇବା ଏବଂ ଜୈବିକ କୃଷି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସିଲେଇ, କମ୍ପ୍ୟୁଟର ବିଜ୍ଞାନ, ବୈଦ୍ୟୁତିକ ଇଞ୍ଜିନିୟରିଂ ତାଲିମ ମାଧ୍ୟମରେ ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଉତ୍ସାହିତ କରିଥିଲେ। ସଂସାଧନ କେନ୍ଦ୍ରର ସଭାପତି ସୁନିଲ ଅଗ୍ରୱାଲ କହିଥିଲେ, କେନ୍ଦ୍ରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଗାଁରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା। ଚାଷୀ ମନୋଜ ଖାଖା ଜିଆରସିରୁ ତାଲିମ ନେବାପରେ ରାସାୟନିକ କୃଷି ପରିତ୍ୟାଗ କରି ଜୈବିକ କୃଷି କରୁଥିବା ଏବଂ ଏହାଦ୍ୱାରା ଉତ୍ପାଦନ ଓ ଆୟ ବୃଦ୍ଧି ହୋଇଥିବା କହିଥିଲେ। ମହିଳା ଚାଷୀ ଚମ୍ପା ଦେଉ ଜୈବିକ କୃଷିରୁ ଉତ୍ପାଦିତ ଧାନର ସ୍ୱାଦରେ ଏକ ଉଲ୍ଲେଖନୀୟ ପ୍ରାର୍ଥକ୍ୟ ରହିଛି ବୋଲି କହିଥିଲେ। ବିଶେଷ ଅତିଥି ଉଦିତ ନାୟକ ପାରମ୍ପରିକ ଏବଂ ବଂଶଗତ ବିହନ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ କୃଷି ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଚାଷୀଙ୍କୁ ବୁଝାଇଥିଲେ। ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଜୈବିକ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ୟାନ ପ୍ରଦର୍ଶନୀରେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିବା ଚାଷୀଙ୍କୁ ପୁରସ୍କାର ଓ ଧରିତ୍ରୀ ରକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ବିକାଶ ଚନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଆରସି ସଭାପତି ଅଗ୍ରୱାଲଙ୍କ ସହିତ ଦିନେଶ ବଜାଜ, ମହିଳା କମିଟିର ସଭାପତି ମିନାକ୍ଷୀ ନାଏକ, ସଭ୍ୟା ସୁପ୍ରିୟା ଚୌଧୁରୀ, ସୁଜାତା ନାୟକ, ସ୍ଥାନୀୟ କମିଟି ସଦସ୍ୟ ଭେଷଜ ବାରିକ, ଫକିର ପୃଷେଟ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ଏକଲ ଅଭିଯାନର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ



ବିଧାୟକ ଯୋଗେଶ କୁମାର ସିଂହ ନବ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ଉଦଘାଟନ କରୁଛନ୍ତି।

ସୁନ୍ଦରଗଡ,୨୩।୧(ଜୟ ନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗିମାଲ ପଞ୍ଚାୟତ ବିଲେଇଗଡ ଠାରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ଗୋଷ୍ଠୀ କେନ୍ଦ୍ରକୁ ବିଧାୟକ ଯୋଗେଶ କୁମାର ସିଂହ ଶୁକ୍ରବାର ଉଦଘାଟିତ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧାୟକ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ସିଂହ "ସରସ୍ୱତୀଙ୍କ ପୂଜା"ମଣ୍ଡପ ଦର୍ଶନ କରିଥିଲେ। ସ୍ଥାନୀୟ ସମିତି ସଭ୍ୟ ବିନତା ମହାନନ୍ଦିଆ, ୱାର୍ଡ ସଭ୍ୟା କଳ୍ପନା ପଟେଲ, ଡମରୁଧର ପଟେଲ, ଉଦିତ ମହାନନ୍ଦିଆ, କୈଳାସ ବାଗ, ସୁଶାନ୍ତ ଘଷି, ପାର୍ଥରାମ ବାଗ, ମାଧବ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁରରେ ନେତାଜୀ ଜୟନ୍ତୀ




ରାଜଗାଙ୍ଗପୁର,୨୩।୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ନେତାଜୀ ସୁଭାଷ କମିଟିର ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୁଭାଷ ଛକ ଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ଏସଡିପିଓ ବିଭୁତିଭୁଷଣ ଭୋଇ, ସମ୍ମାନିତ ଅତିଥିଭାବେ ଥାନାଧିକାରି ବିଜୟ ଦାସ, ପୂର୍ବତନ ଉପନଗରପାଳ ମହମ୍ମଦ ଇଫତେକାର, ଅହମ୍ମଦ ପାକାବାବୁ, ଡକ୍ଟର ସରୋଜିନୀ ସାହୁ, କୁଲଦୀପ ସିଂ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଏନସିସି ଯୋଗଦେଇଥିଲେ। କମିଟିର ସଭାପତି ଇନ୍ଦ୍ରଜିତ ସିଂଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ବଡ଼ଗାଁ,୨୩।୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଡେଲବୁଡ ନିକଟରେ ଗୁରୁବାର ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ଝଣ୍ଡେଲବୁଡ ଗ୍ରାମର ପାତ୍ରାସ ଆଇନ୍ଦ (୩୮)ଙ୍କ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୭ ଜଣ ଗୁରୁତର ଆହତ ହୋଇଥିଲେ। ବଡ଼ଗାଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବାଲିଶଙ୍କରାରେ କେନ୍ଦୁ ବୁଦା କଟା ଶୁଭାରମ୍ଭ

ବାଲିଶଙ୍କରା,୨୩।୧(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ରାଉରକେଲା କେନ୍ଦୁ ଲିଭ ଡିଭିଜନ ବାଲିଶଙ୍କରା ରେଞ୍ଜ ଅନ୍ତର୍ଗତ କେନ୍ଦୁ ବୁଦା ଲିଭ ବୁଦା ପଡିଆରେ ସବୁଜ ହୀରା କେନ୍ଦୁ ବୁଦା କଟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଝରାଶ୍ରୀ ପ୍ରିୟଦର୍ଶନୀଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦୁ ବୁଦା କଟା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଫରେଷ୍ଟର, ସିଗନାଲ, ଚେକର ମୁନସୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କେନ୍ଦୁ ବୁଦା ତଳେ ପୂଜା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ରେଞ୍ଜର ଝରାଶ୍ରୀ ପ୍ରିୟଦର୍ଶନୀ ଓ ପୁରୋହିତ ଭାବେ ପ୍ରଦୀପ କୁମାର ନନ୍ଦ କାର୍ଯ୍ୟ ତୁଲାଇଥିଲେ। ଉକ୍ତ ସମାରୋହରେ ଫରେଷ୍ଟର ପୂଜାରାଣୀ ଜ୍ୟୋତିଷ, ଫରେଷ୍ଟର ଦିଲୀପ ନାଏକ, ଫରେଷ୍ଟର ଭବାନୀ ଶଙ୍କର ଦାସ, ମେଘା ସାହୁ, ଫରେଷ୍ଟ ଗାର୍ଡ ପବିତ୍ର ବେହେରା, ଫରେଷ୍ଟ ଗାର୍ଡ ଜୟ ପ୍ରକାଶ ସାହୁ, ହେଡ଼ ଚେକର ଗିରିଧାରୀ ବାଡା, ଚେକର ରାଜେଶ୍ୱର ମହାକୁଡ଼, ଚେକର ଅଶୋକ ଲାକ୍ରା, ଚେକର ଗୋପବନ୍ଧୁ ମହାକୁଡ଼, ଚେକର କଳିନ୍ଦ୍ର ସାଏ, ଫଗୁ ମିଞ୍ଜ, ଜଗଦୀଶ ବେହେରା, ପ୍ରଶାନ୍ତ ବାର୍ଲା, ଅନିଲ କାଲ, ଇସଦୋର ଦେଗିଆ, କନିଷ୍ଠ କିରାଣୀ ଚନ୍ଦ୍ରାବତୀ ରଣା ପ୍ରମୁଖ ଯୋଗଦେଇ କେନ୍ଦୁ ବୁଦା କଟା ଶୁଭାରମ୍ଭ କରିଥିଲେ। ଶେଷରେ ସିନିୟର କିରାଣୀ ଇସଦୋର ଦେଗିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଏବିଭିପି ତରଫରୁ ପରାକ୍ରମ ଦିବସ

ସୁନ୍ଦରଗଡ,୨୩।୧(ଜୟ ନାରାୟଣ ମେଣ୍ଡୁଲି)



ଏବିଭିପି ତରଫରୁ ରଙ୍ଗାଡିପା ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଅଖିଳ ରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ଜିଲା ତରଫରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ସ୍ଥାନୀୟ ରଙ୍ଗାଡିପା ଛକରେ ଥିବା ନେତଜୀ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଏବିଭିପି ଓଡିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସଭାପତି ଡ. ସଞ୍ଜୀବ ନାଏକ, ରାଜ୍ୟ ଜନଜାତି ଛାତ୍ରକାର୍ଯ୍ୟ ସଂଯୋଜକ ତଥା ସୁନ୍ଦରଗଡ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୀବନ ଯାତ୍ରା, ନେତୃତ୍ୱ ଓ ପରାକ୍ରମ ଉପରେ କହିଥିଲେ। ଏଥିରେ ସୁନ୍ଦରଗଡ଼ ବିଭାଗ ସହ ସଂଯୋଜକ ବାପୁନ ପସାୟତ,ଏବିଭିପି ସୁନ୍ଦରଗଡ ଜିଲା ପ୍ରମୁଖ ସୁମିତ ନାଏକ, ମୌସୁମି କାଲୋ,ପ୍ରିୟାଂଶୁ ବାରିକ, ଭଏସମ ତ୍ରିପାଠୀ,ପ୍ରିତମ ପଟେଲ, ସିରାଜ ଛଛାନ, ଆୟୁଷ କୁମାର ପ୍ରଧାନ, ଅଭିରାମ ତିର୍କୀ, ସଞ୍ଜୀବ ରଣା, ସମୀର ନାରଙ୍ଗ, ଜ୍ଞାନ ରଞ୍ଜନ ପୃଷେଠ, ସହଦେବ ଭଞ୍ଜଙ୍କ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତି ଥିଲେ।

# ପଞ୍ଚମୁଖୀ ହନୁମାନ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ

ବନ୍ଧମୁଣ୍ଡା,୨୩।୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡିଜେଲ ଛକ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ମନ୍ଦିର କମିଟିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୂଜାରୀ ମଣିକାନ୍ତ ପାଣ୍ଡେ ମନ୍ତ୍ରୋଚ୍ଚାରଣ ସହିତ ସମ୍ପୂର୍ଣ୍ଣ ବିଧିରେ ହନୁମାନ ପାଠ ସମ୍ପନ୍ନ କରାଇ ଥିଲେ। ପୂଜାର୍ଚ୍ଚନା ପରେ ଆୟୋଜକ କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ମନ୍ଦିର କମିଟିର ଉମା ଶଙ୍କର ସାହୁ, ରମାକାନ୍ତ ପରିଡା, ଶେରୁ ଶର୍ମା, ସନ୍ତୋଷ ରାୟ, ଜି.ଏସ. ଚନ୍ଦେ ଶେଖର, ଅମର ଦାସ, ହରି ରାଓ, ସୁନୀଲ ସିଂହ, କମଲକାନ୍ତ, ପବିତ୍ର ପ୍ରମାଣିକ, ସୁଭାଷ ମୋହନ୍ତି, ନିରଞ୍ଜନ ସାରଙ୍ଗୀ, ଛୋଟୁ ବାଗ, ଅଙ୍କିତ ସାହା, ଶୁଭମ ମୋହନ୍ତି,ସୁଶିଲ ମାହାତୋଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଙ୍କ ଅବଦାନ ରହିଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025060,
ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଣ୍ଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଣ୍ଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26

# ଷ୍ଟିଲ୍‌ସିଟିରେ ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା

ରାଉରକେଲା,୨୩।୧
(ଦିନେଶ ମିଶ୍ର)



ରାଉରକେଲାର ଏକ ଯୁବକ ସଂଘରେ ସରସ୍ୱତୀ ପୂଜା।

ଷ୍ଟିଲସିଟି ରାଉରକେଲାର ବିଭିନ୍ନ ସ୍କୁଲ, କଲେଜ, ସ୍କୁଲ ଓ କ୍ଲବ ଗୁଡିକରେ ଶୁକ୍ରବାର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ବାସନ୍ତୀ କଲୋନୀ ୟୁଥ୍ କ୍ଲବ ପକ୍ଷରୁ ପଣ୍ଡିତ ଦୀନବନ୍ଧୁ ଶତପଥୀଙ୍କ ତତ୍ତ୍ୱାବଧାନରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇ ପୁଷ୍ପାଞ୍ଜଳି ଦିଆଯାଇଥିଲା। ସେହିପରି ବେଦବ୍ୟାସ ପୀଠର ସରସ୍ୱତୀ କୁଣ୍ଡ ନିକଟରେ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ବିଦ୍ୟାଦାତ୍ରୀ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସହରର ବିଭିନ୍ନ କ୍ଲବ ପକ୍ଷରୁ ମଧ୍ୟ ସରସ୍ୱତୀ ପୂଜା କରାଯାଇଥିଲା। ଏଥିସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ ସନ୍ଧ୍ୟା ହୋଇଥିଲା। ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୃତୟନ କରାଯାଇଥିଲା।

# ରାଉରକେଲା କଲେଜରେ ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମାର୍ଗଦର୍ଶକ।

ରାଉରକେଲା,୨୩।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାବିଦ୍ୟାଳୟ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକମା ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଗୁରୁବାର ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ପୁନମ ଖଣ୍ଡେଲୱାଲ ଓ ଶ୍ୱେତା ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକମା ସରକାରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ସଞ୍ଜୁକ୍ତା ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ରଶ୍ମିରଞ୍ଜନ ରାଉତ, ଭାରତୀ ବରୁଆ, କରୁଣାକର ପାଟ୍ଟଶାଣୀ, ରଶ୍ମିପ୍ରଭା ମଥାନ, ବନ୍ଦନା ସୋରେନ, ମନୋଜ କୁଜୁର, ଦେବାନନ୍ଦ ମହାକୁଡ ପ୍ରମୁଖ ମଞ୍ଚାସୀନ ରହି ଉଭୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସଂସ୍ଥାଗତ ପାରସ୍ପରିକ ସହଯୋଗ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷାର ପରିବେଶ, ଶୈକ୍ଷିକ ଶୈଳୀ ଏବଂ ବିଭିନ୍ନ କ୍ୟାରିୟର ସୁଯୋଗ ସମ୍ପର୍କରେ ଅବଗତ କରାଇବା। ଏହି ଅବସରରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଛାତ୍ରଙ୍କ କର୍ତ୍ତବ୍ୟ, ବ୍ୟକ୍ତିତ୍ୱର ବିକାଶ, ସମାଜ ତଥା ରାଷ୍ଟ୍ରର ବିକାଶ, ଆତ୍ମନିର୍ଭରଶୀଳ, ଜାତୀୟ ନୂତନ ଶିକ୍ଷାନୀତି, ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା, ଯୁବ ଗୋଷ୍ଠୀ ଆଳସ୍ୟ ପରିହାର ତଥା ପାଠାଗାର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପ୍ସିତା ପଣ୍ଡା, ପ୍ରତିମା ପାତ୍ର, ରଞ୍ଜିତା ପାଣିଗ୍ରାହୀ, ସୁଶାନ୍ତ କୁମାର ରଣା, ଭାନୁମତୀ ସାହୁ, ଦିବ୍ୟା ଷଡ଼ଙ୍ଗୀ, ଇଲିଜା ଲୁଗୁନ, ସେକୁନ୍ତା ଟେଟେ, ମନୀଷା କୁଲୁ, ସଙ୍ଗୀତା ଖାଲକୋ, ଯଦୁମଣି ମାଝୀ, ବିକାଶ ନାୟକ, ବନିତା କିଶାନ, ସୁଶାନ୍ତ ଲାକ୍ରା, ଦେବେନ୍ଦ୍ର ବେହେରା ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଏଥିରେ ଏକମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୨ ଜଣ ଛାତ୍ରୀଛାତ୍ର ଓ ୧୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ଣ 09:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**OFFICE OF THE SR. GENERAL MANAGER (ELECTRICAL)**
OHPC UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
E-mail: sgmel_uihep@ohpcltd.com/sgmeluihep@gmail.com
ISO : 9001, 14001, 15001 Certified

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

Sd./- C&P Head
UIHEP, Mukhiguda

OIPR-

**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कभी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औघोगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर

G-252606227/2

# ବୀର ସୁରେନ୍ଦ୍ରଙ୍କ ଜନ୍ମମାଟୀ ଖିଣ୍ଡା ଏକ 'ପ୍ରେରଣାର କ୍ଷେତ୍ର'

**ସମ୍ବଲପୁର,୨୩।୧(ଭବାନୀ ଶଙ୍କର ଭୋଇ)**

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା କେବଳ ଏକ ଗ୍ରାମ ନୁହେଁ, ବରଂ ଏହା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର। ଏହାକୁ 'ପ୍ରେରଣାର କ୍ଷେତ୍ର' ଭାବେ ବିକଶିତ କରାଯାଉଛି। ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଜିଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ତମ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁରର ଖିଣ୍ଡା ସ୍ଥିତ ତାଙ୍କ ଜନ୍ମପୀଠରେ ବିବିଧ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ଏକ ନବ ନିର୍ମିତ ଭବ୍ୟ ପ୍ରତିମୂର୍ତ୍ତିକୁ ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଖିଣ୍ଡାଠାରେ ଆୟୋଜିତ ଏକ ବିଶାଳ 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ ହୋଇଥିଲେ। ଏହି ଗସ୍ତକାଳରେ ଅତିଥିଙ୍କ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଏବଂ ଶିକ୍ଷାର ବିକାଶ ପାଇଁ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ 'ପରାକ୍ରମ ଦିବସ' ପାଳନ କରୁଛି । ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ । ବୀର ସୁରେନ୍ଦ୍ର ସାଏଙ୍କ ସହିତ ତାଙ୍କ ପରିବାରର ଛବିଲ ସାଏ ଓ ଉଦନ୍ତ ସାଏଙ୍କ ବଳିଦାନ ଅଦ୍ୱିତୀୟ। ବିଶେଷ ଭାବରେ ଐତିହାସିକଙ୍କ ମତରେ ଉଦନ୍ତ ସାଏ ଦେଶମାତୃକା ପାଇଁ ୪୭ ବର୍ଷ ଜେଲଦଣ୍ଡ ଭୋଗିବା ଏକ ସାଧାରଣ କଥା ନୁହେଁ। ଏହି ବୀରମାନଙ୍କର ଅକୁହା ଗାଥା ଓ ବୀରତ୍ୱର କାହାଣୀକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଇତିହାସର ପୃଷ୍ଠାରେ କୁଦୋପାଲିର ସଂଗ୍ରାମ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ କୌଣସି ଗୁଣରେ କମ ନୁହେଁ। ସମ୍ବଲପୁର ସଂଗ୍ରାମର ଗୌରବମୟ ଇତିହାସକୁ ଜୀବନ୍ତ ରଖିବା ପାଇଁ କୁଦୋପାଲି ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣର ପରିକଳ୍ପନା କରାଯାଇଛି। କେବଳ ପୁରୁଣା କଥାକୁ ମନେ ପକାଇବା ସହ ସେଥିରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ଆହ୍ୱାନ କରାଯାଇଥିଲା। ଖିଣ୍ଡା ଠାରେ ଏକ ନବନିର୍ମିତ 'ଗ୍ରାମ ପଞ୍ଚାୟତ ସ୍ୱାଗତ ତୋରଣ'କୁ ଉଦଘାଟନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ଏକ 'ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର'ର ନୂତନ ଭବନର ମଧ୍ୟ ଲୋକାର୍ପଣ କରାଯାଇଥିଲା। 'ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ' ଏବଂ 'ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'ର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ନୂଆ ଖିଣ୍ଡା ସ୍ଥିତ 'ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର'ର ନୂତନ ଗୃହ ଉଦ୍‌ଘାଟନ କରିବା ସହ ଶିଶୁମାନଙ୍କୁ ଫଳ ବିତରଣ କରାଯାଇଥିଲା। ସମ୍ବଲପୁର ଠେଲକୋଲୋଇ ଗ୍ରାମପଞ୍ଚାୟତରେ ନବନିର୍ମିତ 'ଗୋଷ୍ଠୀ କେନ୍ଦ୍ର' କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଥିଲା । ବୀର ସୁରେନ୍ଦ୍ର ସାଏଙ୍କ ଦାୟାଦମାନଙ୍କୁ ଭେଟି ସେମାନଙ୍କର ଆଶୀର୍ବାଦ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠି ଉପସ୍ଥିତ ଥିଲେ।


ଖିଣ୍ଡାରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତି ପ୍ରଜ୍ୱଳିତ କରୁଛନ୍ତି ।

**ଖିଣ୍ଡାରେ ବୀର ସୁରେନ୍ଦ୍ର ସାଏଙ୍କ ନବନିର୍ମିତ ଭବ୍ୟ ପ୍ରତିମୂର୍ତ୍ତି ଅନାବରଣ**

# ଅଟୋକୁ ଧକ୍କା ଦେଲା ଅଟୋ

**ଚାଳକ ମୃତ, ୩ ଆହତ**

**ସମ୍ବଲପୁର,୨୩।୧(ପ୍ରମୋଦ ବହିଦାର)**

ଧନୁପାଲି ଥାନା ଅନ୍ତର୍ଗତ ଭିଏସ୍ଏସ୍ ମାର୍ଗରେ ଟେଙ୍ଗନାନାଳା ପୋଲ ନିକଟରେ ଏକ ଅଟୋକୁ ଧକ୍କା ଦେଇଛି ଅନ୍ୟ ଏକ ଅଟୋ। ଫଳରେ ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଅଟୋ ଚାଳକ ଜଣକ ହେଉଛନ୍ତି ଧନୁପାଲି ଥାନା ଅନ୍ତର୍ଗତ ପେନସନପଡ଼ାର ସୋନୁ। ମିଳିଥିବା ସୂଚନା ଅନୁସାରେ ସୋନୁ ତାଙ୍କ ଅଟୋ ଓଡି ୧୫-ଟି-୮୮୭୩ରେ ୩ଜଣ ସାଙ୍ଗଙ୍କୁ ବସାଇ ଗୁରୁବାର ବିଳମ୍ବିତ ରାତିରେ ଲକ୍ଷ୍ମୀଟକିଜ୍ ଛକ ପଟେ ଯାଉଥିଲେ। ଏହି ସମୟରେ ବାଟରେ ଭିଏସ୍ଏସ୍ ମାର୍ଗର ଟେଙ୍ଗନାନାଳା ପୋଲ ନିକଟରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଅନ୍ୟ ଏକ ଡାଲା ଅଟୋ ପଛରେ ତାଙ୍କ ଅଟୋର ଧକ୍କା ହୋଇ ଓଲିଟି ପଡ଼ିଥିଲା। ଫଳରେ ଅଟୋ ଚାଳକ ସୋନୁଙ୍କ ସହିତ ଅଟୋରେ ବସିଥିବା ତାଙ୍କର ତିନି ବନ୍ଧୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ସୋନୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭିମ୍ସାର ସ୍ଥାନାନ୍ତର କରାଯାଇଥିଲା। ତେବେ ଶୁକ୍ରବାର ସକାଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି। ଖବରପାଇ ପୋଲିସ ଭିମସାରରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ପୋଲିସ।



# ମହାନଦୀରେ ବୁଡ଼ ପକାଇଲେ କଂସ ଚରିତ୍ର

**ସମଲେଇ, ତିନି ଠାକୁରଙ୍କୁ ଦର୍ଶନ କଲେ ଅଭିନେତା**

**ସମ୍ବଲପୁର,୨୩।୧(ବି.ଶଙ୍କର)**

ପାଞ୍ଚ ଦିନ ବ୍ୟାପି ସମ୍ବଲପୁରୀ ଭାଷାରେ ଚାଲିଥିବା ସମ୍ବଲପୁରୀ ଧନୁଯାତ୍ରାର ଗୁରୁବାର ରାତି ଶେଷ ଦୃଶ୍ୟର ପରଦା ପଡିଥିଲା । ଭଣଜା ଶ୍ରୀକୃଷ୍ଣଙ୍କର ଭୟରେ ସିଂହାସନରୁ ଟଳିପଡି ମାମୁଁ ତ୍ରିପୁର ବିଜୟୀ କଂସର ବଧ ହୋଇଯାଇଛି। ଗତ ୩ ବର୍ଷ ହେଲା ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ଆୟୋଜିତ ହେଉଥିବା ଧନୁଯାତ୍ରାରେ ମହାରାଜ କଂସଙ୍କର ଜୀବନର ଅନ୍ତ ଘଟିଯାଇଛି । ଶୁକ୍ରବାର ସକାଳ ୯ଟାରେ କଂସ ଭୂମିକାରେ ଅଭିନୟ କରିଥିବା ଫାଣିନ୍ଦ୍ର ପଣ୍ଡାଙ୍କ ସମେତ କେଶୀ ଦାନ ରାଜା ଭୂମିକାରେ ଅଭିନୟ କରିଥିବା ସୂର୍ଯ୍ୟ ପାଣିଗ୍ରାହୀ( କେଶୀଦାନ ରାଜା) ଓ ଲଳିତ ବେବର୍ତ୍ତା (ଦୁର୍ମିଳ ରାକ୍ଷସ ) ମହାନଦୀ ଗର୍ଭରେ ବୁଡ଼ ପକେଇ ସୂର୍ଯ୍ୟ ଦେବଙ୍କୁ କ୍ଷମା ଭିକ୍ଷା କରିବା ସହ ମୁକ୍ତି ମାଗିଥିଲେ। ବିଗତ ପାଞ୍ଚ ଦିନର ଯାତ୍ରାରେ ଭଗବାନ ବିଷ୍ଣୁ ତଥା ଶ୍ରୀକୃଷ୍ଣଙ୍କୁ ଅନେକ କଟୁ ବକ୍ତବ୍ୟ କରିଥିବା ହେତୁ, ଯେଉଁ ପାପ ହୋଇଛି । ସେଥିରୁ ମୁକ୍ତି ପ୍ରାପ୍ତି ପାଇଁ ପ୍ରତିବର୍ଷ ଚିତ୍ରୋତ୍ପଳା(ମହାନଦୀ)ରେ ବୁଡ଼ ପକେଇବାର ପରମ୍ପରା ରହିଛି । ସେହି ଦୃଷ୍ଟିରୁ ସେମାନେ ମହାନଦୀ ଗର୍ଭରେ ବୁଡ଼ ପକେଇଲା ପରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କର ଦର୍ଶନ କରି କ୍ଷମା ଭିକ୍ଷା କରିଥିଲେ। ଏଥିସହ କଳାକାରମାନେ ପୁଣି ଗୋପାଳଜୀ ମଠକୁ ଯାଇ ୩ଠାକୁରଙ୍କୁ ଓ ଭଗବାନ ବିଷ୍ଣୁଙ୍କୁ ପାପରୁ ମୁକ୍ତି ପାଇଁ ଅର୍ଦଳୀ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ଧନୁଯାତ୍ରାର ନାଟ୍ୟକାର ଓ ନିର୍ଦ୍ଦେଶକ ବବଲୁ ବାଗ ଓ ସାଂସ୍କୃତିକ ଯୁଗ୍ମ ସମ୍ପାଦକ ଯୋଗେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।


କଂସ ଅଭିନେତା ଓ ଅନ୍ୟ କଳାକାରମାନେ ମହାନଦୀରେ ବୁଡ ପକାଇ ପ୍ରାର୍ଥନା କରୁଛନ୍ତି ।

# ବୀର ସୁରେନ୍ଦ୍ର ସାଏଙ୍କୁ ଜାତୀୟ ସମ୍ମାନ ଦିଆଯାଉ


ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଭା ।

**ସମ୍ବଲପୁର,୨୩।୧(ବି.ଶଙ୍କର)**

ସମ୍ବଲପୁର ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ମିଳିତ ଆୟୋଜନରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଶୁକ୍ରବାର ରାତି ୯ଟାରେ ପାଳିତ ହୋଇଛି। ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଡ.ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହିଳା ସରକାରୀ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର କଳ୍ପନା ମେହେର ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିସହ ବୀର ସୁରେନ୍ଦ୍ର ସାଏଙ୍କୁ ଜାତୀୟ ସ୍ତରରେ ଉଚିତ ସ୍ଥାନ ଓ ସମ୍ମାନ ଦେବାକୁ ମତ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଯୋଗ ଦେଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସୁବେଦାର ମେଜର ଶିବ ନାରାୟଣ ବେହେରା ଓ ବରଗଡ଼ ଜିଲା ତାଳପଦର ଗ୍ରାମର ସୁବେଦାର ମେଜର ନବୀନ କୁମାର ପ୍ରଧାନଙ୍କୁ ବୀରତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଏମ୍ଆର୍‌କେ ରାଓ, ଶିବଶଙ୍କର ଷଡ଼ଙ୍ଗୀ। ଜାତୀୟ ରେକର୍ଡ କରିଥିବା ଆଦର୍ଶ ସିଂ, ଅକ୍ଷତା ସିଂ ଓ ଅନିକା ସିଂଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ତାପସ ଦାସ, ପ୍ରମୋଦ ପଟ୍ଟନାୟକ, ଶମ୍ଭୁ ଭୂଷଣ ସେନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କମଳଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଦିଲୀପ ବଘାର, ଅଖିଳ ପଟ୍ଟନାୟକ, ଅଶୋକ ମିଶ୍ର, ଶ୍ୟାମସୁନ୍ଦର ଅଗ୍ରୱାଲା, ଶାନ୍ତନୁ ପାଢ଼ୀ, କୈଳାସ ମିସ୍ତ୍ରୀ। ସକାଳେ ସମ୍ବଲପୁର ଜେଲ ଛକ ସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତା, ସଭ୍ୟା ଓ ସଭ୍ୟମାନେ ଏକତ୍ରିତ ହୋଇ ମାଲ୍ୟାର୍ପଣ କରିଥିଲେ। ଏଥିରେ ସମ୍ବଲପୁର ଜିଲାପାଳ ସୁଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ଅଶୋକ ଭୋଇ , ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ସାମିଲ ଥିଲେ ।

# ଆଜିଠାରୁ ସମ୍ବଲପୁର ପୁସ୍ତକ ମେଳା

**ସମ୍ବଲପୁର,୨୩।୧(ପ୍ରମୋଦ ବହିଦାର)**

ସମ୍ବଲପୁରରେ ଶନିବାର ଜାନୁଆରୀ ୨୪ରୁ ଆରମ୍ଭ ହେବାକୁ ଯାଉଛି ସାହିତ୍ୟ କଳା ଓ ସଂସ୍କୃତିର ମହାପର୍ବ ୨୬ତମ 'ସମ୍ବଲପୁର ପୁସ୍ତକ ମେଳା'। ସ୍ଥାନୀୟ ପିଏଚ୍‌ଡି ପଡ଼ିଆରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ଜାତୀୟ ବୁକ୍ ଟ୍ରଷ୍ଟ(ଏନ୍‌ବିଟି) ଓ ସେତୁ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା ଜାନୁଆରୀ ୨୪ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ୯ ଦିନ ଧରି ଚାଲିବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶନିବାର ସନ୍ଧ୍ୟା ୫ଟାରେ ପୁସ୍ତକ ମେଳାକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ଦେଇଛନ୍ତି ଏନ୍‌ବିଟିର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ। ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମଲ୍ଲିକ ଏହି ସୂଚନା ଦେଇ କହିଛନ୍ତି, ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବିକାଶ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ପୁସ୍ତକ ମେଳାର ମୁଖ୍ୟ ଆକର୍ଷଣ ସାଜିବ ଶିଶୁ କର୍ଣ୍ଣର(ଶିଶୁ ମଣ୍ଡପ)। ପୁସ୍ତକ ମେଳାରେ ବିଶେଷ କରି ଶିଶୁଙ୍କ ଭୌତିକ ବିକାଶ ଓ ସେମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି। ମେଳାରେ ୯ ଦିନ ଧରି ଶିଶୁଙ୍କ ପାଇଁ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନେ ଯୋଗଦେବେ। ଏଥିପାଇଁ ଏଠାରେ ପ୍ରାୟ ୨୫୦ଟି ଷ୍ଟଲ୍‌ର ବ୍ୟବସ୍ଥା ରହିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025060,
ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-238/CI/25-26

# ହରିୟାଣା ବିପକ୍ଷରେ ଓଡ଼ିଶା ସ୍ଥିତି ମଜଭୁତ


ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମରେ ସିକେ ନାଇଡୁ ଟ୍ରଫିର ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳିଙ୍କ ସହିତ ଆୟୋଜକ କର୍ମକର୍ତ୍ତାମାନେ।

**ସିକେ ନାଇଡୁ ଟ୍ରଫି କ୍ରିକେଟ୍**

**ସମ୍ବଲପୁର,୨୩।୧(ପ୍ରମୋଦ ବହିଦାର)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି କ୍ରିକେଟ୍‌ର ପ୍ରଥମ ଦିନରେ ଓଡ଼ିଶା ଦଳ କୌଣସ ଉଇକେଟ୍ ନ ହରାଇ ୫୨ରନ କରି ଏକପ୍ରକାର ମଜବୁତ ସ୍ଥିତିରେ ରହିଛି। ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଓଡ଼ିଶା ଓ ହରିଆଣ ମଧ୍ୟରେ ଏଲିଟ୍ ଗ୍ରୁପ୍ 'ବି'ର ଲିଗ୍ ମ୍ୟାଚରେ ହରିୟାଣା ଦଳର ଅଧିନାୟକ ଅର୍ଶ ରଙ୍ଗା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ତାଙ୍କ ନିଷ୍ପତ୍ତି ଭୁଲ୍ ସାବ୍ୟସ୍ତ ହୋଇ ହରିୟାଣା ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖିନ ହୋଇଥିଲା। ଓଡ଼ିଶା ଦଳର ଫାଷ୍ଟ ବୋଲର ଆସୁତୋଷ ମାରାଣ୍ଡି ଚମତ୍କାର ବୋଲିଂ କରି ହରିୟାଣାର ପ୍ରଥମ ଚାରିଟି ଉଇକେଟ୍ ନେଇ ହରିୟାଣା ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ତାଙ୍କ ସୁଇଂ ବୋଲିଂର ମୁକାବିଲା କରି ନ ପାରି ହରିଆଣା ଦଳର ୨ଜଣ ବ୍ୟାଟର୍ ଶୂନ୍ୟରେ ଆଉଟ୍ ହୋଇ ହରିଆଣା ଦଳ ଏକଦା ୧୪ ରନ୍‌ରେ ୩ ଉଇକେଟ୍ ହରାଇଥିଲା। ମାତ୍ର ହରିଆଣାର ଅନ୍ୟତମ ପ୍ରାରମ୍ଭିକ ବ୍ୟାଟ୍ ରୋହନ ଦେଶୱାଲ ଧୈର୍ଯ୍ୟର ସହିତ ଦୃଢ଼ ବ୍ୟାଟିଂର ପରିଚୟ ଦେଇ ଓଡ଼ିଶା ବୋଲରଙ୍କ ଉଚିତ ମୁକାବିଲା କରି ଶତକ ହାସଲ କରିଥିଲେ। ସେ ସନ୍ଦିପ ମହାପାତ୍ରଙ୍କ ବଲ୍‌ରେ ଆଉଟ୍ ହେବା ପୂର୍ବରୁ ଓଡ଼ିଶାର ସମସ୍ତ ବୋଲରଙ୍କ ଉଚିତ ମୁକାବିଲା କରି ଧୈର୍ଯ୍ୟପୂର୍ଣ୍ଣ ଭାବେ ୧୦୮ ରନର ବିଶାଳ ସ୍କୋର କରି ହରିୟାଣାକୁ ଏକ ସମ୍ମାନଜନକ ସ୍ଥିତିକୁ ଆଣିବାରେ ସକ୍ଷମ ହୋଇଥିଲେ। ତାଙ୍କ ସହିତ ବିବେକ୍ କୁମାର ୫୫ ରନ କରିଥିବା ବେଳେ ଦଳର ଅନ୍ୟ ସମସ୍ତ ବ୍ୟାଟର୍ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ଆଶୁତୋଷ ମରାଣ୍ଡି ୧୨ ଓଭର ବୋଲିଂ କରି ୨ ମ୍ୟାଡେନ୍ ସହିତ ୬୯ ରନ ବିନିମୟରେ ୫ ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି। ତାଙ୍କ ସହିତ ସମ୍ବଲପୁରର ଆଶୁତୋଷ ଛୁରିଆ ଓ ସନ୍ଦିପ ମହାପାତ୍ର ଦୁଇଟି ଲେଖାଏଁ ଓ ରୀତେଶ ପ୍ରିୟରଞ୍ଜନ ଗୋଟିଏ ଉଇକେଟ୍ ନେଇଥିଲେ। ହରିୟାଣା ଦଳ ୭୦.୫ ଓଭରରେ ୨୭୬ ରନ୍‌ରେ ଅଲଆଉଟ୍ ହୋଇଥିଲା।

ଏହାବାଦ ବ୍ୟାଟିଂ କରିବାକୁ ଆସି ଓଡ଼ିଶା ଦଳର ପ୍ରାରମ୍ଭିକ ବ୍ୟାଟର ଯୋଡ଼ି ଦିନେଶ ମାଝି, ଓଡ଼ିଶା ଦଳର ଅଧିନାୟକ ଓମ୍ ମୁଣ୍ଡେ ଧୈର୍ଯ୍ୟ ଓ ଦୃଢ଼ ବ୍ୟାଟିଂର ପରିଚୟ ଦେଇଥିଲେ। ସେମାନେ ହରିଆଣାର ସମସ୍ତ ବୋଲରଙ୍କ ଉଚିତ ମୁକାବିଲା କରି ଶେଷ ପର୍ଯ୍ୟନ୍ତ ଆଉଟ୍ ହୋଇ ନ ଥିଲେ। ଦିନେଶ ୨୬ ଓ ଓମ୍ ୨୨ ରନ୍‌ରେ ନଟ୍ ଆଉଟ୍ ରହିଛନ୍ତି। ଫଳରେ ପ୍ରଥମ ଦିନର ଖେଳ ସୁଦ୍ଧା ଓଡ଼ିଶା ଦଳ ୧୧ ଓଭରରେ କୌଣସି ଉଇକେଟ୍ ନ ହରାଇ ୫୨ରନ୍ କରିଛି। ସୂଚନାଯୋଗ୍ୟ, ଏହି ସ୍କୋରରେ ହରିୟାଣା ଦଳର ୪ଟି ଉଇକେଟ୍‌ର ପତନ ହୋଇ ସାରିଥିଲା। ଶୁକ୍ରବାର ଭିଏସ୍ଏସ୍ ଷ୍ଟାଡିୟମରେ ସକାଳ ୯ଟାରେ ସମ୍ବଲପୁର ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ସିକେ ନାଇଡୁ ଟ୍ରଫି ଏଲିଟ୍ ଗ୍ରୁପ୍ 'ବି'ରେ ଓଡ଼ିଶା ଓ ହରିୟାଣା ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଆମ୍ପାୟାର ଭାବେ ଅଭିଶେକ ଗୁପ୍ତା ଓ ରାକେଶ କୁମାର ଖେଳକୁ ପରିଚାଳନା କରିଥିଲେ। ବିରାଜ୍ ଦାଶ ଓ ସନ୍ଦିପ ମାମର ଜୀ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୭,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା ଅଟେ।**

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**OFFICE OF THE SR. GENERAL MANAGER (ELECTRICAL)**
OHPC
UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
ISO : 9001, 14001, 15001 Certified
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

Sd./- C&P Head
UIHEP, Mukhiguda
OIPR-

**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252606227/2

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ୨୪ ଜାନୁଆରୀ, ୨୦୨୬ Bhubaneswar, Saturday, 24 January, 2026

# ଆଲୋକର କବି ବିଦ୍ୟୁତ୍‌ପ୍ରଭା

ଅବଲୋକନ



ଡ. ସଂଯୁକ୍ତା ଦାସ

**ବିଦ୍ୟୁତ୍‌ର ଝଲକ ପରି ଓଡ଼ିଆ କାବ୍ୟ କବିତା ରଚନା କ୍ଷେତ୍ରରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ଆବିର୍ଭାବ ଓ ତିରୋଧାନ। ଅଳ୍ପ କିଛି ବର୍ଷର ସାହିତ୍ୟ ସାଧନା ପରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଧ୍ୟାତ୍ମିକ ଭାବାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିଚେରୀରେ ତାଙ୍କର ପଦାର୍ପଣ। ସାହିତ୍ୟ ରଚନାର ସ୍ୱଳ୍ପ ସମୟ ଅବଧି ମଧ୍ୟରେ କବି ଓଡ଼ିଆ କାବ୍ୟ କବିତାକୁ ନିଜସ୍ୱ ଅବଦାନରେ ଯେପରି ସମୃଦ୍ଧ କରିଯାଇଛନ୍ତି, ତାହା ଆଜି କିମ୍ବଦନ୍ତୀ। କୁନ୍ତଳା କୁମାରୀ ସାବତଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ଥିଲେ ଦ୍ୱିତୀୟ ପ୍ରତିନିଧି ସ୍ଥାନୀୟା କବି।**

ଶତବର୍ଷ ସ୍ମରଣ



[୧୯୨୬ – ୧୯୭୭]

ବିଦ୍ୟୁତ୍‌ପ୍ରଭାଙ୍କ ଜନ୍ମ ୧୯୨୬ରେ ଓ ତିରୋଧାନ ୧୯୭୭ରେ। କାବ୍ୟସାଧନା ମାତ୍ର ଦଶବର୍ଷ (୧୯୪୬–୧୯୫୭)। ଏଇ ସ୍ୱଳ୍ପ ସମୟ ସୀମା ମଧ୍ୟରେ ସେ ଓଡ଼ିଆ ସାହିତ୍ୟକୁ ଦେଇଯାଇଛନ୍ତି 'ସବିତା' (୧୯୪୭), 'ଉତ୍କଳର ସାରସ୍ୱତ ପ୍ରତିଭା' (୧୯୪୭), 'ମରୀଚିକା' (୧୯୪୮) 'କନକାଞ୍ଜଳି' (୧୯୪୮), 'ବିହାୟସୀ' (୧୯୪୯), 'ବନ୍ଦନିକା' (୧୯୫୦), 'ସ୍ୱପ୍ନଦୀପ' (୧୯୫୧), 'ଝରା ଶିଉଳି' (୧୯୫୨) ଓ 'ଯାହାକୁ ଯିଏ' (୧୯୫୭)। ପୂର୍ବରୁ ପ୍ରକାଶିତ ଓ କେତେକ ଅପ୍ରକାଶିତ କବିତାକୁ ନେଇ ଏକ 'ସଞ୍ଚୟନ' ୧୯୫୭ରେ ପ୍ରକାଶ ପାଇଛି। ଏହି 'ସଞ୍ଚୟନ'ରେ ମୋଟ ଏଗାରଟି ବିଭାଗ ରହିଛି।

ବିଦ୍ୟୁତ୍‌ପ୍ରଭାଙ୍କ କବିତାର ପ୍ରଧାନ ବିଶେଷତ୍ୱ ହେଉଛି– ଭାଷାର ସରଳତା, ପ୍ରାଣର ସ୍ୱଚ୍ଛତା ଓ ଛନ୍ଦର କମନୀୟତା। ଆବେଗମୟତା ମଧ୍ୟରେ ପଲ୍ଲୀଜୀବନର ସରଳ ଓ ନିଖୁଣ ଚିତ୍ରକୁ ଅଙ୍କନ କରିବାରେ ସେ ଥିଲେ ସିଦ୍ଧହସ୍ତା। ପଲ୍ଲୀ ଜୀବନର ସୁଖ–ଦୁଃଖ, ହର୍ଷ–ବିଷାଦ, ଆଲୋକ–ଅନ୍ଧାର ମଧ୍ୟଦେଇ ସେ ନାରୀ ଜୀବନର ନିୟତିକୁ ସାର୍ଥକ ଭାବରେ ରୂପାୟନ କରିଛନ୍ତି। ଗଭୀର ଆଶାବାଦ ଏବଂ ମାନବବାଦର ନିର୍ଯାସ ତାଙ୍କ କବିତାକୁ କରିଛି ସ୍ନିଗ୍ଧ, ସୌରଭ ଓ ଶୀତଳ। 'କନକାଞ୍ଜଳି'ର ପ୍ରତିଟି କବିତା ପଲ୍ଲୀର ସ୍ମୃତିରେ ଉଚ୍ଛଳ। ପଲ୍ଲୀର ରଜପର୍ବ, ମାଣବସା, ଦୀପାବଳି, ପ୍ରଥମାଷ୍ଟମୀ, କୁଆଁର ପୂନିଅଁ, ବର୍ଷା, ଦିଅଁଦେବତା, ନଈ–ପୋଖରୀ, ସଞ୍ଜ–ସକାଳ, ଆଲୁଅ–ଅନ୍ଧାର ଆଦି ତାଙ୍କ କବିତାରେ ମନୋଜ୍ଞ ରୂପ ପରିଗ୍ରହଣ କରିଛି। 'ରଜକମେଇ' କବିତାରେ ଝିଅ ଘରକୁ ଭାର ସଜାଡୁ ସଜାଡୁ ସ୍ନେହଶୀଳା ଜନନୀଙ୍କ ଆଖିରୁ ଲୁହର ଝର କବିଙ୍କ ଦରଦୀ ଚେତନାକୁ ଉଜାଗର କରିଛି: "ସଜାଡୁ ଜନନୀ ଦୁହିତା ଗୃହେ ପହିଲି ଭାର/ ଝରିପଡ଼େ ମାତା ନୟନଯୁଗୁ ଶ୍ରାବଣ ଧାର/ ଜଡ଼ିତ କଣ୍ଠେ ଭାଷଇ ଗାଁ ନାପିତେ ରାଇ/ ରାଣୀ ମୋର ତୁମ ବାଟକୁ ଆଜି ଥିବ ତ ଚାହିଁ।"

'ବୈଶାଖ' କବିତାରେ ପଲ୍ଲୀର ରୁଦ୍ର ବିଷାଣ ରୂପ ପ୍ରକଟିତ ଏହିପରି: "ଧରାରେ ଆସିଲା ଆଗ୍ନେୟ ବଇଶାଖ/ ଝଞ୍ଜା ବିଷାଣ ବଜାଇ ରୁଦ୍ର ଭେରୀ/ ବିଜୟଗର୍ବେ ନାଚେ ମରୀଚିକା ବେଣୀ/ ଦୀପ୍ତ ତପନ ଗଗନେ ଉଠିଲା ଜଳି।" ପଲ୍ଲୀ ନାରୀର ଦ୍ୱୈତ ରୂପକୁ ଦେଖି କବି ବିସ୍ମୟ–ବିମୂଢ଼ା ହୋଇଯାଇଛନ୍ତି। ତା'ର ଗୋଟିଏ ରୂପରେ ନାଗୁଣୀର ଦଂଶନ, ଯାହାର ପାଦତଳେ ଦାସ ଭାବରେ ପୁରୁଷ ଲୋଟିପଡ଼େ ପୁଣି ଅନ୍ୟ ଏକ ଦୁର୍ଲଭ ସ୍ୱର୍ଗୀୟ ରୂପ ମନରେ ଆଣେ ଅଫୁରନ୍ତ ଆନନ୍ଦ। 'ସ୍ୱପ୍ନଦୀପ' କବିତା ସଂକଳନରେ ନାରୀର କୁମାରୀ ଜୀବନଠାରୁ ବୈବାହିକ ଜୀବନ ପର୍ଯ୍ୟନ୍ତ ଟିକିନିଖି ବିବରଣ ରୂପାୟିତ। କବି ଆଶାବାଦୀ। କହନ୍ତି: "ଝରିବା ଆଗରୁ ବନ୍ଧୁ ମାଟି କୋଳେ ଝରାପତ୍ର ସମ/ ଜୀବନର ଯେତେ ରାଗେ ବିଶ୍ୱମରୁ କରିବା ସୁଷମ।" (ଝରାପତ୍ର–ସ୍ୱପ୍ନଦୀପ)।

ପ୍ରକୃତି ଚିତ୍ରଣରେ ପରମ୍ପରାର ଅନୁଗମନ ଓ ଉଲ୍ଲଂଘନ ସମାନ୍ତର ଭାବେ ଗତିଶୀଳ। ପଲ୍ଲୀର ନିତିଦିନିଆ ଛୋଟ ଛୋଟ ଦୃଶ୍ୟ, ଘାସଗଛ, ଗୁଗୁଚିଆ ମଧ୍ୟ ତାଙ୍କ ଦୃଷ୍ଟି ପରିଧିରୁ ବାଦ୍ ପଡ଼ିନାହିଁ। 'ସନ୍ଧ୍ୟାଶ୍ରୀ'ର ଚିତ୍ର ଦେବାକୁ କବି ଆକାଶର ଦୁଇଟି ତାରାର କଳ୍ପନା କରିଛନ୍ତି: "ଝରାଇ ଲାବଣ୍ୟଝରା ହସନ୍ତି ଦୁଇଟି ତାରା/ ପରସ୍ପରେ ହୋଇ ଚାହାଁଚୁହିଁ/ ଅଣାୟତ୍ତେ ଆଜି ଯେହ୍ନେ ସଞ୍ଚର ଏ ରୂପାୟନେ/ ହଜିଅଛି ନିଜ ମଧ୍ୟେ ମୁହିଁ।" (ବନ୍ଦନିକା, ପୃ:୪୮)

କବିଙ୍କ ଆଖିରେ ଏ ଧରା ଚିର ସୁନ୍ଦର ଓ ଶାଶ୍ୱତ। ତା'ର ଋତୁଚକ୍ର, ନଦନଦୀ, ତା'ର ଅମୃତର ସନ୍ତାନ ମଣିଷ, ସମସ୍ତଙ୍କୁ ସେ ଭଲପାଇଛନ୍ତି। 'ମାଟିର ଦୀପ' ତାଙ୍କ ଦୃଷ୍ଟିରେ ବିଶ୍ୱସେବା ଓ ତ୍ୟାଗର ପ୍ରତୀକ। ପ୍ରଦୀପ ନିଜର ଚଉପାଶକୁ ଘନ ଅନ୍ଧକାର ମଧ୍ୟରେ ରଖି ଅନ୍ୟକୁ ଆଲୋକ ଦିଏ। ମାନବ ଜୀବନ ପର ପାଇଁ ଉତ୍ସର୍ଗରେ ଧନ୍ୟ ହୁଏ, ଏହି ଦର୍ଶନ ଏଠି ବ୍ୟଞ୍ଜିତ। କବିଙ୍କର ଅନ୍ୟାନ୍ୟ କବିତା ଯଥା: କଲିକତା କୁଲି, ପଲ୍ଲୀ ଓ ନଗର, ମାଟିର ମଣିଷ, ନିଧି ମଳିକ, କିରାଣୀ ବୋହୂ ଆଦି ମାନବବାଦୀ ଚିନ୍ତାଧାରାରେ ପୁଷ୍ଟ। କବି ଅନେକ ଗାଥା କବିତା ମଧ୍ୟ ରଚନା କରିଛନ୍ତି। ସଞ୍ଚୟନର 'ଖଦ୍ୟୋତିକା' ବିଭାଗରୁ ଏହାର ପରିଚୟ ମିଳେ।

କବିର ସୃଜନଧାରା ୧୯୫୭ ପରେ କ୍ରମେ କ୍ଷୀଣ ଓ ନୀରବ ହୋଇଯାଇଥିବା କୁହାଯାଏ। କିନ୍ତୁ ଗଭୀରତାର ସହ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଇ ନୀରବତା ମଧ୍ୟରେ ନିହିତ ଏକ ଉତ୍ତରଣର ସଂକେତ। ତାଙ୍କ ଉତ୍ତରଜୀବନର କବିତାଗୁଡ଼ିକ ପଣ୍ଡିଚେରୀ ଆଶ୍ରମ, ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ଅବଲମ୍ବନ କରି ଗତିଶୀଳ। 'ପୁଷ୍ପାଞ୍ଜଳି', 'ଜ୍ୟୋତିଶିଖା' ଓ 'ସୂର୍ଯ୍ୟମୁଖୀ' ଏହାର ଦୃଷ୍ଟାନ୍ତ। ଏଥର ଶୁଣିବା ତାଙ୍କୁ: ୧. "ମାନବ ଜଗତେ ଦେଖାଦେବେ ଆସି/ ଅତିମାନସର ନୂତନ ଜାତି/ ମାଟିର ଧରଣୀ ସରଗ ହୋଇବ/ ବିରାଜିବ ଚିର ଆନନ୍ଦ ଶାନ୍ତି।" (ପୁଷ୍ପାଞ୍ଜଳି), ୨. "ପାହି ପାହି ଆସେ ସୃଷ୍ଟିର ଅମାରାତି/ ଉଠ ଦେଶବାସୀ, ଜାଗ ଏବେ ମୋର ଜାତି।" (ସୂର୍ଯ୍ୟମୁଖୀ)। ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଫିକା ଛାଇଟିଏ ଉକୁଟି ଉଠି ଉଭେଇଯାଏ କବିଙ୍କର ଏଇ ଦୀପ୍ତ ଉଚ୍ଚାରଣରେ। ଜନ୍ମର ଏକଶତ ବର୍ଷ ପରେ ବି ଆଜି କେତେ ପ୍ରାସଙ୍ଗିକ ନୁହନ୍ତି ସତରେ ଆଲୋକର କବି ବିଦ୍ୟୁତ୍‌ପ୍ରଭା। ତାଙ୍କୁ ଏ ଜାତିର ଶତକୋଟି ପ୍ରଣାମ!

– ଅଧ୍ୟାପିକା, ଓଡ଼ିଆ ବିଭାଗ,
ରଘୁନାଥ ସମବାୟ ମହାବିଦ୍ୟାଳୟ,
ଓଡ଼ଗାଁ, ନୟାଗଡ଼

## ପୁସ୍ତକ ପରିଚୟ

### ଆକ୍ଷିରୁ ଅନ୍ତରୀକ୍ଷ




**ଲେଖକ:** ଡ. ଭରତ ବେହେରା
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/–

ଆଲୋଚ୍ୟ ସମାଲୋଚନାଗ୍ରନ୍ଥରେ ମୋଟ ୧୭ଟି ନିବନ୍ଧ ସ୍ଥାନିତ। ସଚ୍ଚି ରାଉତରାୟ, ସରୋଜ ରଞ୍ଜନ ମହାନ୍ତି, ଦୁର୍ଯ୍ୟୋଧନ ଦାସ, ନୀଳମଣି ପରିଡ଼ା, ଉପେନ୍ଦ୍ର ପ୍ରସାଦ ନାୟକ, ଭଗବାନ ଜୟସିଂହ, ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ରୀଦେବ, ପ୍ରମିଳା ଶତପଥୀ, ଧନଞ୍ଜୟ ସ୍ୱାଇଁ, ସୁଶାନ୍ତ କୁମାର ନାୟକ ଓ ଜୟନ୍ତିକାଙ୍କ ପରି ଏକକ କବିଙ୍କ କବିତା ସମ୍ପର୍କରେ ଡ. ବେହେରା ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ଏହି କବିମାନଙ୍କୁ ପରିଚିତ କରାଇବାରେ ସହାୟତା କରିବ। ଗ୍ରନ୍ଥରେ ଅନ୍ୟ କେତେକ ପ୍ରବନ୍ଧ ରହିଛି, ଯାହାର ପରିସର ଭିନ୍ନ। ଯଥା: 'ନୀଳଗିରି ପ୍ରଜା ଆନ୍ଦୋଳନର କାରଣ, ଫଳାଫଳ ଓ ପ୍ରଭାବ', 'ସ୍ମରଣୀୟ ବାଲ୍ୟକାଳ', 'ମୁଁ କାହିଁକି କବିତା ଲେଖେ: କବିତାର ଆଭିମୁଖ୍ୟ' ଏବଂ 'ସମାନତାବାଦୀ ଓଡ଼ିଆ କବିତା: ଏକ ଆକଳନ'। ପ୍ରଥମଟିରେ ଗଡ଼ଜାତର ଶ୍ରେଣୀ ବିଭାଜନ, ନୀଳଗିରି ରାଜବଂଶର ବିଶ୍ଳେଷଣ, ନୀଳଗିରି ପ୍ରଜା ଆନ୍ଦୋଳନର ଆର୍ଥିକ କାରଣ, ନୀଳଗିରି ପ୍ରଜା ଆନ୍ଦୋଳନର ଉତ୍ପତ୍ତି ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଫଳାଫଳ ଆଦି ଆଲୋଚିତ ହୋଇଛି। 'ସ୍ମରଣୀୟ ବାଲ୍ୟକାଳ'ରେ କବି ନିଜ ବାଲ୍ୟଜୀବନର ଅନୁଭୂତି ଓ 'ମୁଁ କାହିଁକି କବିତା ଲେଖେ'ରେ ସେ କାହିଁକି କବିତା ଲେଖନ୍ତି, ତା'ର ସୂଚନା ଦେଇଛନ୍ତି। କହିଛନ୍ତି: "ଅବିଚାରିତ ମଣିଷର ବ୍ୟଥା, ବେଦନା, ସଂଘର୍ଷକୁ ଶବ୍ଦରୂପ ଦେବା ହିଁ ମୋ' କବିତାର ଅନ୍ତଃସ୍ୱର। ମଳିମୁଣ୍ଡିଆ ମଣିଷର ଜୀବନ ସଂଗୀତକୁ ସମସ୍ତଙ୍କ କାନରେ ପକାଇବା ପାଇଁ ମୁଁ କବିତା ଲେଖିଆସୁଛି।" ଏ ଦୁଇଟି ଲେଖା କିନ୍ତୁ ବହିର ସାମଗ୍ରିକ ପରିକଳ୍ପନା ଦୃଷ୍ଟିରୁ ବେଖାପ ଲାଗେ। ଗ୍ରନ୍ଥର ଶେଷ ପ୍ରବନ୍ଧଟି ହେଉଛି 'ସମାନତାବାଦୀ ଓଡ଼ିଆ କବିତା' ସମ୍ପର୍କରେ। ଏଥିରେ ସେ 'ଦଳିତ କବିତା'କୁ 'ସମାନତାବାଦୀ' କବିତା ବୋଲି ଦର୍ଶାଇ ବାସୁଦେବ ସୁନାନୀଙ୍କ 'ଅସ୍ପୃଶ୍ୟ' କବିତାଗ୍ରନ୍ଥରୁ ଏହି ଧାରା ଆରମ୍ଭ ହେଲା ବୋଲି କହିଛନ୍ତି, ଯାହା ବିତର୍କର ଅପେକ୍ଷା ରଖେ।

### ପ୍ରଚ୍ଛଦ କବିତା




**କବି:** ପ୍ରଶାନ୍ତ ଦାସ
**ପ୍ରକାଶକ:** ଟୁପୁର କ୍ରିଏସନ୍‌ସ, ଆଜିମାବାଦ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୯୧/–

ଏ ଏକ ବିଚିତ୍ର ବହି। ଏଇ ଧାତୁର ବହି ସମ୍ଭବତଃ ଓଡ଼ିଆ ସାହିତ୍ୟରେ ନୂଆ। ଏଥିରେ କିଛି କବିଙ୍କ ବହିର ନାଁକୁ ନେଇ ପ୍ରଶାନ୍ତ ଗୋଟିଏ ଗୋଟିଏ କବିତା ଲେଖିଛନ୍ତି, ଯାହା ଚିନ୍ତନ ଓ ଉପସ୍ଥାପନରେ ନିଜସ୍ୱ। ମୋଟ ଛବିଶଟି ବହିର ଶିରୋନାମ, ଯହିଁରେ ନିଜ ବହି 'ଜରି ଗୋଟାଇବା ଝିଅ' ବି ରହିଛି। ସବୁ ବହି ଓ ସବୁ କବିଙ୍କର ନାଁ ନେଲେ ସମୀକ୍ଷା ଦୀର୍ଘ ହୋଇଯିବାର ଆଶଙ୍କା ଥିବାରୁ ଏଠାରେ ତାହା କରାଯାଉନାହିଁ। ବହିର 'ମୁଖବନ୍ଧ' ଲେଖିଛନ୍ତି ଗଙ୍ଗାଧର ବିଶ୍ୱାଳ, ଯହିଁରେ ସେ 'ପ୍ରଚ୍ଛଦ କବିତା' ଭଳି ଏକ ଗ୍ରନ୍ଥର ଜନ୍ମ ସମ୍ପର୍କରେ ସୂଚନା ଦେଇଛନ୍ତି। ଚା'ଖଟିରୁ ସବୁ ବନ୍ଧୁ ଚାଲିଯିବା ପରେ ପ୍ରଶାନ୍ତ ଓ ଗଙ୍ଗାଧର ଦୁହେଁ କିପରି ଏ ବହିର ପରିକଳ୍ପନା କଲେ, ତାହା ଏଥିରେ ବିବୃତ ହୋଇଛି। 'ଲେଖକୀୟ'ରେ କବି ତାଙ୍କ ସୃଜନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରାଇଛନ୍ତି। 'ପାଠକନାମା' ଲେଖିଛନ୍ତି ଶଶିରଞ୍ଜନ ମଲ୍ଲିକ। କହିଛନ୍ତି: "ଖଣ୍ଡିଏ ଭଲ ବହି ମଣିଷ ଜୀବନର ଗତିପଥକୁ ବଦଳାଇ ଦେଇପାରେ। ଗଭୀର ସମୁଦ୍ରରେ ଥଳକୂଳ ପାଉ ନ ଥିବା ନାବିକଟିଏ ପାଇଁ ବତିଘର ସଦୃଶ କାମ କରିପାରେ। ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିପାରେ। ସେହିଭଳି ଏକ ପୁସ୍ତକ ହେଉଛି 'ପ୍ରଚ୍ଛଦ କବିତା'।" ଯେଉଁ କବିମାନଙ୍କର ପ୍ରଚ୍ଛଦ କବିତାକୁ ନେଇ ବହିଟି କଳ୍ପିତ, ସେମାନଙ୍କର ଫଟୋ, ପରିଚୟ ଓ ଠିକଣା ପ୍ରଦତ୍ତ ହୋଇଛି। ପାଠିକାପାଠକମାନେ ମୂଳ କବିତା ସହ ପ୍ରଶାନ୍ତଙ୍କ ରଚିତ କବିତାକୁ ମିଳାଇ କବିତାର ବୃହତ୍ତର ଆନନ୍ଦରେ ନିଜକୁ ଭାଗୀଦାର କରିବେ ବୋଲି ଆଶା।

## କବିତା

### ସ୍ୟାହିଭରା ଆକାଶ

ପାରମିତା ଷଡ଼ଙ୍ଗୀ

ସ୍ୟାହିରେ ଭରା ଆକାଶ
ମୁଁ ରଖିନେବି, ମୋର ଅନ୍ଧାର
ସହ ଚାଲିବାର ଅଛି,
ତୁମେ ସକାଳଟିକୁ ରଖିନିଅ!

ରାତିର ଚାଦରରେ ମୁଁ
ଅନେକ ନିରବତା ସିଇଁଛି,
ତାରାଙ୍କ ମଳିନ ଆଲୋକରେ
ନିଜ ଛାଇକୁ ନେଇ ଚାଲିଛି।

ମୁଁ ଦେଖିଛି
ଅନ୍ଧାରରେ ବି ପଥ ଚାଲେ,
କେବେ ଚନ୍ଦ୍ରର ପତଳା
ଧାରେ କିରଣ ସହ
ତ କେବେ ହୃଦୟର
କ୍ଳାନ୍ତ ସ୍ପନ୍ଦନ ନେଇ।

ରାତିରେ ସ୍ୱପ୍ନଗୁଡ଼ିକ ଭାଙ୍ଗିଯାଏ,
ସେଗୁଡ଼ିକୁ ନିରବରେ ସଂଗ୍ରହ କରି
ମୋ' ହାତମୁଠାରେ
ଶେଷ ଜୁଲୁଜୁଲିଆ ପୋକର
ଆଲୋକ ପରି
ସାବଧାନରେ ମୁଁ ସମ୍ଭାଳି ରଖେ।

ଅନ୍ଧାର ମୋ' ସହିତ ଚାଲେ
ନିର୍ବିକଳ୍ପ, ନିରବରେ...
ସେମାନଙ୍କ ଗହଣରେ ମୁଁ
ନିଜକୁ ସବୁଠୁ ବେଶୀ ଶୁଣିପାରେ।

ତୁମେ ସକାଳକୁ ଜାବୁଡ଼ି ଧର!
ମୁଁ ରାତିର ଏକ ଅଂଶ,
ତୁମେ ଆଲୋକର ଦିବ୍ୟତାରେ
ନୂଆ ସକାଳଟେ ସଜାଇନିଅ
ନିଜ ପାଇଁ!
ସ୍ୟାହିଭରା ଆକାଶକୁ
ମୁଁ ରଖିନେବି।

– ମୁମ୍ବାଇ
ମୋ: ୯୮୬୭୧୧୩୧୧୩

### ସତ୍ୟ ଭିତରେ

ଗଜାନନ ମିଶ୍ର

ମିଛ, ମିଛ ନାଟକ, ମିଛ ସଂପର୍କ
ଆଉ ଆଉ ମିଛ ଭିତରେ ସେମାନେ
ସବୁ ଜୀବିତ ଆଉ ମୃତ।

ଥରକୁ ଥର ବଦଳିଲାବେଳେ
ନାଁ ଗାଁ ଠିକଣା ଯିଏ ଯୋଉଠି
ସ୍ଥିର ଆଉ କାକୁସ୍ଥ।

ବଦଳିଯାଏ ସ୍ଥାନ କାଳ ପାତ୍ର
ଦେଖୁ ଦେଖୁ ଆଉ ପ୍ରକୃତ ସତ୍ୟ
ବାହାରେ ବାହାରେ ହୋଇଯାଏ ଅସ୍ତ।

ଭିତର ପ୍ରବେଶ ନିଷେଧ ଆଉ
ସବୁ ନିଷେଧାଜ୍ଞା ସମୟ ସମୟରେ
କହି ନ ହେଲାବେଳେ ଘୋଷିତ।
ଉଦ୍ଦେଶ୍ୟ ମହତ ଆଉ ସମସ୍ତ କ୍ରିୟା
ପ୍ରତିକ୍ରିୟା ରହେ ସତ୍ୟ ଭିତରେ ଗୁପ୍ତ।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ମେଘ ଚାଲିଗଲା

ଗୀତି–କବିତା

ପ୍ରଦ୍ୟୁମ୍ନ ପଟ୍ଟନାୟକ

ମେଘ ଚାଲିଗଲା ମେଘ ବାଟରେ
ଫେରିବାର କଥା ଦେଇ
ଏଠି ଭିଜା ମାଟି ଗୁମାନେ ବସିଛି
ବାଟ ତାର ଚାହିଁ ଚାହିଁ।

ଆସିଲା ବଉଦ ବରଷିଲା ପାଣି
ଫୁଟାଇଲା ଶତଦଳ
ଭିଜାଇ ମଜାଇ ଗଲା ଯେବେ ଚାଲି
ଆଖି ହୁଏ ଛଳଛଳ
ନଦୀପଠା ଧାରେ ଶୁଭ୍ର କାଶତଣ୍ଡୀ
ଆଶ୍ୱାସନା ଦେଉଥାଇ।

ନିଃସଙ୍ଗ ନିଶିରେ ଉଦାସୀ ନୟନେ
ଦିହୁଡ଼ି ଜଳୁଛି କେତେ
ଛାତିତଳ ବ୍ୟଥା ଗୁମୁରି ଉଠୁଛି
ନୀଳ ନିରିଜନ ସାଥେ
କୋହର କାକରବିନ୍ଦୁ ଝରୁଥାଇ
ଲୁହ ଟୋପା ଟୋପା ହୋଇ।

ମୋ: ୯୯୬୮୨୮୦୮୯୬

## କାଳକାଳକୁ



**"ନାରୀର ଦେଶ ନାହିଁ,
ପୂରା ବିଶ୍ୱ ତା'ର ଦେଶ।"**
**– ଭର୍ଜିନିୟା ଉଲ୍‌ଫ**

**ଭର୍ଜିନିୟା ଉଲ୍‌ଫଙ୍କ** ଜନ୍ମ ୨୫ ଜାନୁଆରୀ ୧୮୮୨ରେ ଓ ପରଲୋକ ୨୮ ମାର୍ଚ୍ଚ ୧୯୪୧ରେ ଇଂଲଣ୍ଡରେ। ସେ ଉପନ୍ୟାସରେ 'ଚେତନାପ୍ରବାହ ଧାରା'ର ପ୍ରବର୍ତ୍ତିକା ଓ ବିଂଶ ଶତାବ୍ଦୀର ପ୍ରମୁଖ ଆଧୁନିକ ଲେଖକଙ୍କ ମଧ୍ୟରେ ଅନ୍ୟତମା। ଏକାଧାରରେ ଉପନ୍ୟାସ, ପ୍ରବନ୍ଧ ଓ ସମାଲୋଚନା ଲେଖୁଥିବା ଏହି ଲେଖିକାଙ୍କର ପ୍ରଖ୍ୟାତ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ– 'ଟୁ ଦ ଲାଇଟ୍ ହାଉସ୍' (୧୯୨୭), 'ମିସେସ୍ ଡାଲୋୱେ', 'ଓରଲାଣ୍ଡୋ' (୧୯୨୮), 'ଏ ରୁମ୍ ଅଫ୍ ୱାନ୍‌ସ ଓନ୍' (୧୯୨୯) ଓ 'ଦ ୱେଭ୍‌ସ' (୧୯୩୧)। ସେ କହନ୍ତି: "ନାରୀମାନେ କୌଳିନ୍ୟ ଓ କଳା ଦ୍ୱାରା ପୁରୁଷଙ୍କ ଅପେକ୍ଷା କଳ୍ପନାରେ ଅଧିକ ନିଆଁ ଧରାନ୍ତି।" ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ସେ ହକ୍‌ଦାର ହୋଇଥିଲେ ମଧ୍ୟ ତାହା ତାଙ୍କୁ ମିଳି ନ ଥିଲେ ବି ମୃତ୍ୟୁର ବହୁ ପରେ ୨୦୧୯ରେ ବେଲଜିୟମ୍‌ର ଏକ ସାହିତ୍ୟ ପ୍ରତିଷ୍ଠାନ ତାଙ୍କୁ ନୋବେଲ ତତ୍ତୁଲ୍ୟ 'ପାରା ପୋର୍ଟା ନୋବେଲ ପୁରସ୍କାର'ରେ ସମ୍ମାନିତ କରିଥିଲେ।

## ଶିଳାଫୁଲ

ଗଳ୍ପ

କାଶୀନାଥ ନନ୍ଦୀ

ସତର ବର୍ଷର ଶୀତୁ ବୁଝିପାରେନା ତା' ଜେଜେଙ୍କୁ। ଏତେ ବୟସର ବୁଢ଼ା ମଣିଷ, ଅଥଚ ଏତେ ସୁନ୍ଦର! ଉଜ୍ଜ୍ୱଳ ମୁହଁ ତାଙ୍କର ସବୁବେଳେ ପରିପୂର୍ଣ୍ଣ ଲାଗୁଥାଏ। ହସ, ଭାଷା ତାଙ୍କର ସବୁବେଳେ ମନୋହର ରହିଥାଏ।

କେମିତି ହେଇପାରୁଥାଏ ଏମିତି? ଦେଖାନ୍ତରେ ଗୋଟେ ହୀନସ୍ତା ଜୀବନ ଭିତରେ ଥାଆନ୍ତି ଜେଜେ। ମମି ତାଙ୍କୁ ବେଖାତିର କରେ। ଯା' ତା' ଫୋ ଫା କରି କୁହେ। ବିରକ୍ତ ହୁଏ। ଏପରି କି ସହି ହେଉ ନ ଥିବା ଅନେକ ଅକଥା କହିଯାଏ। ଏସବୁ ଏଇଥିପାଇଁ ଯେ, ସେ ଏଠି ନ ରୁହନ୍ତୁ। ତାଙ୍କର ଅନ୍ୟ ପୁଅ ଅଛନ୍ତି, ସେ କାହିଁକି ଏଇଠି ସବୁଦିନ ପାଇଁ ରହିବେ? ପୁଣି ଏଇଥିପାଇଁ ଯେ ଜେଜେ ମମିର ସବୁ ଜ୍ୱାଳା ସହିଯାଆନ୍ତି। ଯିଏ ଯାହା କହୁ, କାଠ ପଥର ପରି ସ୍ଥିର ଥାଆନ୍ତି। ଜେଜେଙ୍କ ପାଇଁ, 'କହିବା ଲୋକ ମହତ ନୁହନ୍ତି, ସହିବା ଲୋକ ମହତ।' ଭାରି ମନ କଷ୍ଟ କରେ ଶୀତୁ। କେବେ କେବେ ତ ମମିର ଆଚରଣରେ ସେ ଅତିଷ୍ଠ ହୋଇଯାଏ। ତା' ମନ ହୁଏ ମମିକୁ ଯା' ତା' କହିପକାନ୍ତା। ତେବେ ମମିର ଉଗ୍ରରୂପକୁ ତା'ର ଭାରି ଡର। ତେଣୁ କହିପାରେନା। ମନ ମାରି ରୁହେ।

ସେଦିନ ଦିନବେଳେ ଅନେକ କିଛି ଘଟିଥିଲା। ଶୀତୁ ସାମ୍ନାରେ ହିଁ ସବୁ କିଛି ଘଟିଗଲା। ମମି ସୀମା ଲଙ୍ଘିଯାଇଥିଲା। ଶୀତୁ ଦେଖୁଥିଲା, ଜେଜେ ସବୁକୁ ପଥର ପରି ସହିଯାଉଥିଲେ। ଶୀତୁର ମନ ଭାରି ବିକଳ ହେଉଥିଲା। ତେବେ ସେ କିଛି ବି କରିପାରୁ ନ ଥିଲା। ବାପା ବି ଥିଲେ। ସେ ସେମିତି ହୁଙ୍କାଟେ ପରି ଠିଆ ହୋଇଥିଲେ। ଦିନ ବିତିଗଲା, ଜେଜେ ସେଇ ଗୋଟେ ଜାଗାରେ ନିରବରେ ବସିଥିଲେ। ରାତି ହେଲା। ରାତି ଗଭୀର ହେଲା। ତାଙ୍କୁ କେହି କିଛି କହୁ ନ ଥିଲେ। ବାପା କ'ଣ ଗୋଟେ ବାହାନା କରି ଅନେକ ବେଳରୁ ଘରଛାଡ଼ି ଚାଲିଗଲେ। କେତେବେଳେ ସେ ଫେରିଲେ, ସେ ହିଁ ଜାଣନ୍ତି। କେତେ ରାତିରେ ଜେଜେ ବସିବାଠାରୁ ଉଠିଗଲେ। ସେଇ ରାତିର ଏକ ନିରବ ପ୍ରହରରେ ଜେଜେଙ୍କ ପାଖକୁ ଚୁପ୍‌ଚୁପ୍ ଗଲା ଶୀତୁ। ଜେଜେ ଶୋଇ ନ ଥିଲେ। ତାଙ୍କ ବିଛଣାରେ ବସିଥିଲେ। ଶୀତୁ ମନରେ କେତେ କଥା, ଅଥଚ ସେ କିଛି କହିପାରୁ ନ ଥିଲା। କିଛି କହି ନ ପାରି ସେ ତାଙ୍କ ପାଖରେ ବସିଗଲା। ଛୁଇଁଲା ଜେଜେଙ୍କୁ। ମୁଠେଇ ଧରିଲା ତାଙ୍କ ହାତକୁ, "ତମକୁ ଆଜି ବହୁତ ବାଧିଲା ନା ଜେଜେ...?" ତା' ଆଗକୁ ସେ ଯେମିତି ଆଉ କିଛି କହିପାରୁ ନାହିଁ। ତା' ଭିତରଟା ନଅସି ଯାଉଥିଲା ଦୁଃଖରେ।

ତା'ପରେ ଆଉ ପ୍ରଶ୍ନ ନାହିଁ, ନିବିଡ଼ ଭାବ ମୁହୂର୍ତ୍ତଟେ ଦୁଇଟି ଜୀବନ ଭିତରେ। ସ୍ପର୍ଶ ଏଠି ନିମିତ୍ତମାତ୍ର। ଏତିକିବେଳେ ଗୋଟେ ହୀନ ଗର୍ଜନ ଶୁଭିଲା ଦୁଆରୁ, "ତୁମକୁ ଲଜ୍ଜା ଲାଗୁନାହିଁ, ଶେଷରେ ଗୋଟେ ଛୁଆର ଜୀବନକୁ ବର୍ବାଦ କରୁଛ...।" ହାତରୁ ହାତ ଓହ୍ଲେଇଗଲା। ଦୁହେଁ ଅବାକ୍ ହେଇ ଅନେଇଛନ୍ତି। ଜଣେ ଗର୍ଜି ଚାଲିଛି। ଯେଉଁ କଥା ତୁଣ୍ଡରେ, ସେ କଥା କେହି କହିବେ ନାହିଁ କି ସହିବେ ନାହିଁ। ଇଏ ଆରୋପ, ଯାହାକୁ ସହିପାରିବ ନାହିଁ ବସୁଧା। ଶୀତୁ ନିର୍ବାକ୍। ଜେଜେ ନିର୍ବାକ୍। ଏଇଠି ବାପା ହିଁ ସ୍ୱର ଉଠାଇଲେ। ମମିର ମୁଖରା ମୁହଁକୁ ଭାଙ୍ଗିଦେଲେ। ଶୀତୁ ଦେଖୁଥିଲା, ମମି ଦୁମ୍‌ଦୁମ୍ ହେଇ ଘର ଭିତରକୁ ଚାଲିଗଲା। ବାପା ବି ଚାଲିଗଲେ। ଏଥର ରହିଗଲେ କେବଳ ଏଇ ଦୁଇଜଣ। ଏଇଠି ଅପମାନର ପ୍ରଚଣ୍ଡ ଆଘାତ ଉପରେ ଜେଜେଙ୍କୁ ପ୍ରଶ୍ନ କଲା ଶୀତୁ, "ଜେଜେ, ତମକୁ ମମିର ମିଛ ଆରୋପ ଖୁବ୍ କଷ୍ଟ ଦେଲା ନା...?" ଏଇଠି ତାଙ୍କ ମୁହଁରେ ସେଇ ସାନ ହେଇ କି ହସ ପରି ରେଖାଟିଏ। ତା'ପରେ ସାନ କଥାଟେ, "ହାତରୁ ଖସିଯାଇଥିବା ଟେକା ଓ ପାଟିରୁ ବାହାରିଯାଇଥିବା ବଚନ କ'ଣ ଫେରେ ରେ ମା'...?" ଟିକିଏ ରହି ପୁଣି ସେ କହିଲେ, "ତୁ ଏବେ ଯାଆ...। ଯା' ଶୋଇପଡ଼। କାଲି କଥା ହେବା।"

ଶୀତୁ ଚାଲିଯାଇଥିଲା। ରାତି ଯାଇ ରାତି ପାହିଥିଲା। ସକାଳର ସୂର୍ଯ୍ୟୋଦୟରେ କେହି ଦେଖିଲେ ନାହିଁ ସେଇ ମଣିଷକୁ, ଯିଏ ଜୀବନକୁ କେବଳ ସ୍ୱୀକାର କରି କରି କାଟି ଚାଲିଥିଲେ। ସେ ବି ଆଉ କୋଉ ପୁଅ ଘରକୁ ଯାଇ ନ ଥିଲେ। ସେ ପୂରା ନିରୁଦ୍ଦିଷ୍ଟ ହେଇଗଲେ।



– ଦୁଇ –

ଜେଜେ ଆସୁଛନ୍ତି : କେତେ ବର୍ଷ ପରେ, ଗଣମାଧ୍ୟମରେ ଶୀତୁ ଅନେକ ଅନେକ ବିନୀତ ନିବେଦନ କଲା ପରେ, ଅନ୍ୟ ଗୋଟେ ଅଜଣା ଫୋନ୍‌ରେ ଜେଜେ ତା' ପାଖକୁ କେବଳ ଦୁଇଟି ଶବ୍ଦରେ ମେସେଜ୍ ଦେଲେ, 'ମୁଁ ଯାଉଛି...।' ଏତିକିମାତ୍ର ବାର୍ତ୍ତାରେ ଘର ଯେମିତି ପୂରିଉଠିଛି। ଆଶା ଯେମିତି ଆଲୋକ ପରି ଲାଗୁଛି ଶୀତୁକୁ, ମା'ର ଶେଷଇଚ୍ଛା ପୂର୍ଣ୍ଣ ହେବ। ମରିଯିବା ଆଗରୁ ଜେଜେଙ୍କୁ ମା' ଦେଖିବ। କ୍ଷମା ମାଗିବ। ଭଲ କଥା, ଭଲ ଆଚରଣ ସିନା କହି କି କରିପାରିବ ନାହିଁ, ହାତ ତ ଯୋଡ଼ିପାରିବ।

ସତ ହେଲା କଥା। ଜେଜେ ପହଞ୍ଚିଲେ। ତାଙ୍କ ଚାଲିଆସୁଥିବା ପାଦ ରହି ଯାଇଥିଲା। ତାଙ୍କ ଆଖି ସ୍ଥିର ହେଇଗଲା। ତାଙ୍କ ଆଖିରେ ସେମାନେ ତିନିଜଣ ଏକାଠି। ଜଣେ ଶେଯରେ। ଶେଯକୁ ବେଢ଼ି ଆଉ ଦୁଇଜଣ। କେଢ଼େ ଥାଟର ଶକ୍ତ ମଣିଷଟା, ଏବେ ଯେମିତି କଙ୍କାଳଟିଏ। ଆଖି ଦୁଇଟିରେ କେବଳ ଜୀବନ ଦିଶୁଛି।

ଶୀତୁର ଆଖି ପଡ଼ିଗଲା ଜେଜେଙ୍କ ଉପରେ। ଜେଜେଙ୍କ ଆଖି ଛୁଇଁଛି ମମିର ଆଖିକୁ। ଇଏ ମିଳନର ଲଗ୍ନ। ଆଖି ଯେମିତି ଆଖିକୁ ଜାବୁଡ଼ି ଧରିଛି। ଟିକିଏ ଶ୍ୱାସରେ ସେଇଠି ଯେଉଁ ଜୀବନ, ସେଇ ଜୀବନ ସନ୍ଧିରୁ ଲୁହଟିକେ ବହି ଆସି ଆଖି ଦେଇ ଗଡ଼ିଗଲା ମମିର। ଆଖି ଯେମିତି କହୁଥିଲା, 'ମତେ କ୍ଷମା କରିଦିଅ...।' ପୁଣି ହାତ ଉଠୁଥିଲା, ଉଠି ପାରୁ ନ ଥିଲା। ଜୀବନ ଚାହୁଁଥିଲା କିଛି କହିବାକୁ, ପାଟି ଫିଟୁ ନ ଥିଲା। ତା'ପରେ ଶୀତୁ ଦେଖୁଥିଲା ଜେଜେ ବସିଲେ ମମି ପାଖରେ। ଛୁଇଁଲେ ମମିକୁ। ହାତ ଛାଏଁ ହାତ ପଡ଼ିଛି। ଗୋଡ଼ ଛାଏଁ ଗୋଡ଼ ପଡ଼ିଛି। ସେଇଠି କେବଳ ଯୋଡ଼ିଏ ଆଖିରେ ଭାଷା, ଯେଉଁ ଭାଷାକୁ ଲୁହ ଧୋଇ ଦେଉଥିଲା।

ଶୀତୁ ମମି ଉପରୁ ଆଖି ଉଠେଇ ଜେଜେଙ୍କୁ ଚାହିଁଲା। ଜେଜେଙ୍କ ଆଖିରେ ଲୁହ। ମୁହଁକୁ ଚାହିଁଲା, ଯେଉଁଠି ଗୋଟେ ଉଦାର ହୃଦୟ ଛାଇ ହେଇ ଦିଶୁଥିଲା। ସେ ବାପାଙ୍କୁ ଚାହିଁଲା। ସେ ସେଇଠି ହିଁ ଠିଆ ହେଇଥିଲେ ଅପରାଧୀଙ୍କ ପରି। ତାଙ୍କ ଆଖିରେ ବି ଲୁହ। ଏଇଠି ଗୋଟେ ଅଖଣ୍ଡ ନିରବତା ଭିତରୁ ସାନ ସ୍ୱରଟିଏ– "ମାଆରେ.. ମୁଁ ପା' ଆଇଲିଣି। ତୋର ଆଉ କିଛି ହେବନି। ତୁ ଭଲ ହେଇଯିବୁ...।"

....ଏବଂ ଶୀତୁ ଦେଖୁଥିଲା, ଜେଜେ ମମିକୁ ଆବୋରି ନେଉଥିଲେ ସେମିତି, ଯେମିତି ସେଇ ଶେଷ ରାତିରେ ତାକୁ, ତା' ଆବେଗକୁ ଆବୋରି ନେଇଥିଲେ। ଦେଖୁଥିଲା ମମି ତା' ସବୁ ବଳ ଲଗେଇ ଜେଜେଙ୍କୁ ତା' ଛାତିରେ ତୋଳି ଧରିଛି, ଆଉ ଭୋ ଭୋ କାନ୍ଦୁଛି। କିଛି ବି କହିପାରୁନାହିଁ। ଶୀତୁ ତା' ନିଜ ଲୁହରେ ତା' ଆଗର ଦୃଶ୍ୟକୁ ଲିଭେଇ ଦେଉଛି, ଦେଖିଲା ଜେଜେଙ୍କୁ। ତାଙ୍କ ମୁହଁରେ ସେଇ ପୂର୍ଣ୍ଣତା, ଯେମିତି ପରିପୂର୍ଣ୍ଣ ଥାଏ ଈଶ୍ୱରଙ୍କ ମୁହଁ।

– ରାଉରକେଲା
ମୋ: ୯୮୬୧୬୫୫୩୫୭

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ